

‘ନୋ ଏଣ୍ଟ୍ରି ୨’ ଛାଡ଼ିଲେ ବରୁଣ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-111 ♦FRIDAY ♦17 OCTOBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୧୧ ♦ଶୁକ୍ରବାର ♦୧୭ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





THIS DHANTERAS & DIWALI GET THE ULTIMATE
GOLD RATE PROTECTION PLAN
PAY JUST 15% AND LOCK YOUR GOLD RATE NOW*

KHIMJI®
JEWELLERS SINCE 1936

BHUBANESWAR: SHAHEED NAGAR, CHANDRASHEKHARPUR, SOUBHAGYANAGAR, SAMANTARAPUR | ANGUL BERHAMPUR CUTTACK JHARSUGUDA PURI ROURKELA


# ମହଙ୍ଗା ଭତ୍ତା ୩ % ବଢ଼ିଲା

**ପିଛିଲା ଭାବେ ଜୁଲାଇ ମାସରୁ ଲାଗୁ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୀପାବଳି ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି ଘୋଷଣା କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀମାନଙ୍କ ଟିଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହାଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

## ଜନସମ୍ପର୍କ ପଦଯାତ୍ରାରେ ନବୀନ

# ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା’ର ସେବା ଜାରି ରଖିବି



**ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ**

**ଶଙ୍ଖ ହୁଳହୁଳିରେ ସ୍ୱାଗତ କଲେ ମହିଳା**

**ନବୀନ ଜିନ୍ଦାବାଦ ସ୍ଲୋଗାନରେ କମ୍ପିଲା ଅଞ୍ଚଳ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ବିଜୁ ଜନତା ଦଳ ଆପଣମାନଙ୍କର ଦଳ। ସମଗ୍ର ଓଡ଼ିଶାବାସୀଙ୍କ ଦଳ। ମୁଁ ସବୁବେଳେ ଆପଣଙ୍କ ସହ ରହିଛି ଆଉ ରହିଥିବି। ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା’ର ସେବା ଜାରି ରଖିବି ବୋଲି କହିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜର ୭୯ତମ ଜନ୍ମଦିନ ତଥା ବିଜେଡି ପକ୍ଷରୁ ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ।।ରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ସାଧାରଣ ଲୋକଙ୍କ ସହ ଯୋଡ଼ିହୋଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ସେବା ହିଁ ବିଜୁ ଜନତା ଦଳର ମୂଳମନ୍ତ୍ର, ମୂଳ ଆଦର୍ଶ। ତେଣୁ ଏହାକୁ ବ୍ରତ ଭାବେ ଗ୍ରହଣ କରି ସାଧାରଣ ଜନତାଙ୍କ ସେବା ଜାରି ରଖିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ନବୀନ କର୍ମୀମାନଙ୍କ ଗହଣରେ କିଛି ବାଟ ପଦଯାତ୍ରା କରିଥିଲେ। ନବୀନଙ୍କୁ ପାଖରେ ପାଇ ଦଳୀୟ ନେତା ଓ କର୍ମୀମାନେ ବେଶ୍ ଉତ୍ସାହିତ ହୋଇ ପଡୁଥିବା ବେଳେ ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ସାଧାରଣ ଲୋକେ ମଧ୍ୟ ଅସମ୍ଭବ ଭିଡ଼ ଜମାଇଥିଲେ। ମହିଳାମାନଙ୍କ ହୁଳହୁଳି, ଶଙ୍ଖ ବାଦନ ସ୍ୱର ସହ ▶ପୃଷ୍ଠା-୭

## ଶିଶୁ ଗ୍ରାମରେ ପାଳିଲେ ଜନ୍ମଦିନ



**ପିଲାଙ୍କୁ ବାଣ୍ଟିଲେ କେକ୍ ଓ ଚକୋଲେଟ**

**ଫୋନ୍ କରି ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

**ଶୁଭକାମନା କଲେ ଧର୍ମେନ୍ଦ୍ର, ଜୁଏଲ୍, ଶିବରାଜ ଓ ବହୁ ବିଶିଷ୍ଟ ବ୍ୟକ୍ତି**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ନିଜର ୭୯ତମ ଜନ୍ମଦିନକୁ ଛୋଟଛୋଟ ପିଲାମାନଙ୍କ ଗହଣରେ ନିଆରା ଢଙ୍ଗରେ ପାଳନ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିରାଡମ୍ବର ଜୀବନଶୈଳୀରେ ବିଶ୍ୱାସ ରଖୁଥିବା ନବୀନ ଛୋଟଛୋଟ ପିଲାଙ୍କ ଗହଣରେ ଜନ୍ମଦିନ ପାଳନ କରିବାକୁ ପସନ୍ଦ କରିବା ସହ ସେମାନଙ୍କ ଗହଣରେ ▶ପୃଷ୍ଠା-୭

# ବିଦାୟ ନେଲା ମୌସୁମୀ

**୨୪ରେ ଲଘୁଚାପ, ଓଡ଼ିଶାରେ ଆଂଶିକ ପ୍ରଭାବ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ସାରା ରାଜ୍ୟରୁ ବିଦାୟ ନେଇଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଗତ ୧୩ ତାରିଖରେ ମୌସୁମୀ ଉତ୍ତର ଓଡ଼ିଶାରୁ ଅପସାରଣ ଆରମ୍ଭ ହୋଇଥିଲା। ୩ ଦିନ ମଧ୍ୟରେ ଏହା ଓଡ଼ିଶା ସମେତ ସାରା ଦେଶରୁ ବିଦାୟ ନେଇଛି। ମୌସୁମୀ ବିଦାୟ ପରେ ପରେ ରାଜ୍ୟରେ ତାପମାତ୍ରା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ଏବେ ରାତିରେ କାକର ମାତ୍ରା ବୃଦ୍ଧି ପାଇଥିବା ବେଳେ କିଛି ମାତ୍ରାରେ ଥଣ୍ଡା ମଧ୍ୟ ବଢ଼ିଛି।

ଅନ୍ୟପଟେ ଆସନ୍ତା ୨୪ ତାରିଖ ବେଳକୁ ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରାଥମିକ ଆକଳନ ଅନୁଯାୟୀ, ଏହା ଅଧିକ ଘନୀଭୂତ ହୋଇପାରେ। ମାତ୍ର କେତେ ଘନୀଭୂତ ହେବ ତାହା ସ୍ପଷ୍ଟ ହୋଇନାହିଁ। ସମ୍ଭବତଃ ଏହା ଆନ୍ଧ୍ର କିମ୍ବା ତାମିଲନାଡୁ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଯଦି ଏହା ଆନ୍ଧ୍ର ଉପକୂଳ ମୁହାଁ ହୁଏ, ତେବେ ଓଡ଼ିଶାର ଦକ୍ଷିଣ ଭାଗ ଓ ଏହାର ସଂଲଗ୍ନ କିଛି ଜିଲ୍ଲା ସମେତ ପ୍ରାୟ ଜଗତସିଂହପୁର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ବିଶେଷକରି ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ବର୍ଷା ହେବା ସହ ବାକି କିଛି କିଛି ସ୍ଥାନରେ ମେଘୁଆ ପାଗ ସୃଷ୍ଟି ହୋଇପାରେ ବୋଲି ସୂଚନା ମିଳିଛି।





TANISHQ

ଭାରତର ସବୁଠାରୁ ଭରସାଯୋଗ୍ୟ ଜୁଏଲର୍

ବୃହତ୍ତର ତଥା ଉତ୍ତମ କିଣାକିଣି ଅନୁଭୂତି ପାଇଁ ଏବେ ଉଦିତ୍ ନଗର, ମେନ୍ ରୋଡ୍, ରାଉରକେଲାକୁ ସ୍ଥାନାନ୍ତରିତ ହୋଇଛି

₹450 ପର୍ଯ୍ୟନ୍ତ ଛାଡ଼* ପ୍ରତି ଗ୍ରାମ ସୁନା ଅଳଙ୍କାର ଉପରେ | 20% ପର୍ଯ୍ୟନ୍ତ ଛାଡ଼* ଡାଇମଣ୍ଡ ମୂଲ୍ୟ ଉପରେ

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply, For T&C visit our website.

ସୋରୁମ୍: ଇଣ୍ଡିଆ ଜୁଏଲସ ପ୍ରାଇଭେଟ୍ ଲିମିଟେଡ୍, ପ୍ଲଟ୍ ନମ୍ବର-362/2000 ଏବଂ 358/2001, ଉଦିତ୍ ନଗର,କଚେରୀ ରୋଡ୍, ମେନ୍ ରୋଡ୍, ରାଉରକେଲା-769012

# ମହିଳା ସଶକ୍ତୀକରଣର ଧ୍ୱଜାଧର ନବୀନ

## ଗତ ୧୦ ଉପନିର୍ବାଚନରେ ୭ ମହିଳା ପ୍ରାର୍ଥୀ

ଭୁବନେଶ୍ୱର,୧୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ନିଜର ପ୍ରାର୍ଥୀ ଘୋଷଣା କରିସାରିଛନ୍ତି। ଗତ ନିର୍ବାଚନରେ ତୃତୀୟ ସ୍ଥାନରେ ରହିଥିବା ବିଜେପି ଏଥର ନିଜର ପ୍ରାର୍ଥୀ ପରିବର୍ତ୍ତନ କରି ଜୟ ଢୋଲକିଆଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ନିଜର ପ୍ରତାରିତ ପୁରୁଣା ନେତାଙ୍କୁ ଘାସିରାମଙ୍କୁ ଏଥର ହାତ ଚିହ୍ନରେ ଲଢ଼ିବାକୁ ସୁଯୋଗ ଦେଇଛି। ଏସବୁ ଭିତରେ ଗତ ନିର୍ବାଚନରେ ଏହି ଆସନକୁ ନିଜ ଦଖଲରେ ରଖିଥିବା ବିଜେଡି ନିଜର ପ୍ରାର୍ଥୀ ଘୋଷଣା ସହ ପୁଣି ଥରେ ରାଜ୍ୟର ରାଜନୈତିକ ସମୀକ୍ଷକମାନଙ୍କୁ ଚକ୍‌ମା ଦେଇଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏହି ଆସନ ପାଇଁ ଦଳର ମହିଳା ବ୍ରିଗେଡ୍ ମୁଖ୍ୟ ତଥା ରାଜ୍ୟ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନାମ ଘୋଷଣା କରିଛନ୍ତି। ଏହା ସହିତ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଜାତୀୟସ୍ତରରେ ନବୀନଙ୍କ ଛବି ଆହୁରି ବଳିଷ୍ଠ ହୋଇଛି। ୨୦୧୮ ମସିହା ଠାରୁ ଓଡ଼ିଶାରେ ଅନୁଷ୍ଠିତ ୧୦ଟି ଉପନିର୍ବାଚନରେ ବିଜେଡି ୭ ଜଣ ମହିଳାଙ୍କୁ ଟିକଟ ଦେଇଛି।

ଏହି ଧାରା ଏବେ ମଧ୍ୟ ଜାରି ରହିଛି। ପ୍ରଥମ ଥର ପାଇଁ ୨୦୧୮ ମସିହା ବିଜେପୁର ଉପ ନିର୍ବାଚନରେ ସେ ସ୍ୱର୍ଗତ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁଙ୍କୁ ଦଳୀୟ ଟିକଟ ପ୍ରଦାନ କରିଥିଲେ ଓ ସେହି ଆସନରେ ସେ ବିଜୟୀ ହୋଇଥିଲେ। ପୂନର୍ବାର

### ଧାମନଗରକୁ ଛାଡ଼ି ସବୁଠି ବିଜେଡି ବିଜୟୀ

୨୦୧୯ରେ ନବୀନ ବିଜେପୁର ଆସନରେ ଲଢ଼ି ପରବର୍ତ୍ତୀ ସମୟରେ ଏହାକୁ ଛାଡ଼ିଥିଲେ ଓ ପୁଣି ଥରେ ରୀତା ସାହୁ ଏଠାରୁ ଉପନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ବ୍ରଜରାଜ ନଗରରେ କିଶୋର ମହାନ୍ତିଙ୍କ ପରଲୋକ ପରେ ଅଳକା ମହାନ୍ତି ଓ ପଦମପୁର ଉପନିର୍ବାଚନରେ ବର୍ଷା ସିଂ ବରିହାଙ୍କୁ ନବୀନ ପ୍ରାର୍ଥୀ କରିଥିଲେ। ଅନୁରୂପ ଭାବରେ ୨୦୨୩ରେ ଝାରସୁଗୁଡ଼ା ଉପନିର୍ବାଚନରେ ଦୀପାଳି ଦାସ ବିଜେଡି ଟିକଟରେ ବିଜୟୀ ହୋଇଥିଲେ। ଏହା ପୂର୍ବରୁ ୨୦୨୨ ଧାମନଗର ଉପନିର୍ବାଚନରେ ମଧ୍ୟ ଅବନ୍ତୀ ଦାସଙ୍କୁ ଦଳୀୟ ଟିକଟ ମିଳିଥିଲେ ହେଁ ସେ ପରାଜିତ ହୋଇଥିଲେ। ଏବେ ଗୁରୁତ୍ୱପୂର୍ଣ୍ଣ ନୂଆପଡ଼ା ଉପନିର୍ବାଚନରେ ନବୀନ ନିଜ ଦଳର ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ ଘୋଷଣା କରି ଅନ୍ୟ ରାଜନୈତିକ ଦଳ ଓ ରାଜନୈତିକ ସମୀକ୍ଷକଙ୍କୁ ଚକିତ କରି ଦେଇଛନ୍ତି।

ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାସ୍ ହୋଇଛି। ଏହା ଆଇନରେ ପରିଣତ ହେବା ଦ୍ୱାରା ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିବ। ମାତ୍ର ଏହା ପୂର୍ବରୁ ନବୀନ ପଟ୍ଟନାୟକ ଓ ବିଜେଡି ଏ ସମ୍ପର୍କିତ ଦାବି ବହୁ ଆଗରୁ କରି ଆସୁଥିଲେ। ବିଜେଡି ଏକମାତ୍ର ଆଞ୍ଚଳିକ ଦଳ ଭାବେ ଏହି ଦାବି ନେଇ ୨୨ଟି ଦଳ ପାଖକୁ ସମର୍ଥନ ପାଇଁ ଯାଇଥିଲା। ଏହା ୨୦୧୯ ସାଧାରଣ ନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷିତ ରହିଥିବା ବେଳେ ଗତ ବିଧାନସଭା ନିର୍ବାଚନରେ ଦଳ ୩୪ ଜଣ ମହିଳାଙ୍କ ପ୍ରାର୍ଥୀତ୍ୱ କରିଥିଲା। ସେହିପରି ମହିଳାଙ୍କୁ ସଶକ୍ତ କରିବା ପାଇଁ ବିଜେଡି ଅନ୍ୟପଦକ୍ଷେପ ମଧ୍ୟ ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ୫୦ ପ୍ରତିଶତ ମହିଳାଙ୍କୁ ଟିକେଟ୍ ଦେଇ ବିଜେଡି ନୂଆ ରେକର୍ଡ କରିଛି। ଯାହାର ପ୍ରଭାବ ସ୍ୱରୂପ ରାଜ୍ୟର ୩୦ଟି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ମଧ୍ୟରୁ ୨୧ ଜଣ ମହିଳାଙ୍କୁ ବିଜେଡି ଅଧ୍ୟକ୍ଷ ପଦରେ ବସାଇବାକୁ ସକ୍ଷମ ହୋଇପାରିଛି। ସେହିପରି ରାଜ୍ୟର ୩ଟି ନିର୍ବାଚିତ ମହାନଗର ନିଗମ ବିଜେଡି ହାତେଇଥିବାବେଳେ ଦୁଇଟି ସ୍ଥାନରେ ଦୁଇଜଣ ମହିଳା ମେୟର ହୋଇଥିଲେ। ଏଭଳି ମହିଳାକୈନ୍ଦ୍ରିକ ନିଷ୍ପତ୍ତି ପାଇଁ ଦଳ ମତ ନିର୍ବିଶେଷରେ ନବୀନଙ୍କୁ ରାଷ୍ଟ୍ରୀୟ ସ୍ତରରେ ବହୁ ବଡ଼ ବଡ଼ ମହିଳା ନେତ୍ରୀମାନେ ପ୍ରଶଂସା କରିଛନ୍ତି। ପୁଣି ଏକ ଉପନିର୍ବାଚନରେ ନବୀନ ମହିଳାଙ୍କ ହାତରେ ମଙ୍ଗ ଧରାଇଥିବାରୁ ଅନେକ ଏହାକୁ ଏକ ମାଷ୍ଟର ଷ୍ଟ୍ରୋକ୍ ବୋଲି ଆଖ୍ୟା ଦେଇଛନ୍ତି।

■ ପେଟ୍ରୋଲ ଢାଳି ମହିଳାଙ୍କୁ ହତ୍ୟା ଘଟଣା

# ହତ୍ୟାକାରୀକୁ ଆଜୀବନ ଜେଲ୍

ଜଗତସିଂହପୁର, ୧୬।୧୦(ସମିସ): ଜଗତସିଂହପୁର ଜିଲ୍ଲା ଦୌରାଜଜ୍ ଶ୍ରୀନିବାସ ପ୍ରତିହାରୀ ୨୦୨୧ରେ ବାଲିକୁଦା ଥାନା ଅଞ୍ଚଳରେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସୁଦାମ ସ୍ୱାଇଁକୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

ସୂଚନା ମୁତାବକ, ସ୍ୱାମୀଙ୍କ ଦେହାନ୍ତ ପରେ ବାଲିକୁଦା ଥାନା ଅନ୍ତର୍ଗତ ଓଚିନ୍ଦା ଗ୍ରାମର ସସ୍ମିତା ପାଲ ବାପଘର ମଙ୍ଗପୁରରେ ରହୁଥିଲେ। ସ୍ୱାମୀଙ୍କ ସାଙ୍ଗ ଓଚିନ୍ଦା ଗ୍ରାମର ସୁଦାମ ସ୍ୱାଇଁ ତାଙ୍କ ନିକଟକୁ ଯିବା ଆସିବା କରିବା ସହ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଥିଲା। ତେବେ କୌଣସି କାରଣରୁ ସମ୍ପର୍କରେ ତିକ୍ତତା ହେବାରୁ ୨୦୨୧ ଏପ୍ରିଲ ୧୧ ତାରିଖ ରାତିରେ ସୁଦାମ ଉତ୍ତ୍ୟକ୍ତ ହୋଇ ସସ୍ମିତାଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା। ଗୁରୁତର ଅବସ୍ଥାରେ ସସ୍ମିତାଙ୍କୁ କଟକ ମେଡିକାଲ ନିଆଯାଇଥିଲା। ସେଠାରେ ଗୋଟିଏ ଦିନ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ପୂର୍ବରୁ ସସ୍ମିତା ଦେଇଥିବା ଏତଲାକୁ ଆଧାର କରି ବାଲିକୁଦା ପୁଲିସ ଅଭିଯୁକ୍ତ ସୁଦାମ ସ୍ୱାଇଁକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପବ୍ଲିକ୍ ପ୍ରସିକ୍ୟୁଟର ତପନ ପାଲଙ୍କ ମାମଲା ପରିଚାଳନା କରୁଥିଲେ।

■ ରାଜପଥରେ ବାଣ ବିସ୍ଫୋରଣ ଘଟଣା

# ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଲେ ବାପା

ଭୁବନେଶ୍ୱର, ୧୬।୧୦ (ସମିସ): ଆଚାର୍ଯ୍ୟବିହାର ଓଭରବ୍ରିଜ୍‌ରେ ବାଣ ବିସ୍ଫୋରଣରେ ଗୁରୁତର ହୋଇଥିବା ସ୍କୁଟି ଚାଳକ ଆଜି ପ୍ରାଣ ହରାଇଛନ୍ତି। ମୃତକ ହେଉଛନ୍ତି, ବଡ଼ଗଡ଼ ଥାନା ଅନ୍ତର୍ଗତ ଟଙ୍କପାଣି ରୋଡ୍‌ର ପର୍ଶୁରାମ ଲେଙ୍କା।

ଗତକାଲି ପର୍ଶୁରାମ ଓ ତାଙ୍କ ଝିଅ ସ୍ନେହା ବାଘମାରୀ ଅଞ୍ଚଳରୁ ବାଣ ଆଣି ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ପର୍ଶୁରାମ ଭାରସାମ୍ୟ ହରାଇ ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ଉପରେ ଏକ କାର୍‌କୁ ଧକ୍କା ଦେଇଥିଲେ। ଫଳରେ ଉଭୟ ବାପ-ଝିଅ ଗାଡ଼ିରୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣା ଯୋଗୁଁ ବାଣଗୁଡ଼ିକ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଓ ଦୁର୍ଘଟଣାରେ ପର୍ଶୁରାମ ଓ ସ୍ନେହା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାରଲୋକେ ଉଭୟଙ୍କୁ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଇଥିଲେ। ଆଜି ସକାଳେ ପର୍ଶୁରାମ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ପରିବାରଲୋକଙ୍କ ଅଭିଯୋଗ ଆଧାରରେ ବଡ଼ଗଡ଼ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେପଟେ ଚିକିତ୍ସାଧୀନ ସ୍ନେହାଙ୍କ ଅବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି।

### ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ସୁଟର୍, ବ୍ୟବସାୟୀ ଓ ଅପରାଧୀଙ୍କୁ ମୁହାଁମୁହିଁ ଜେରା

ବ୍ରହ୍ମପୁର, ୧୬।୧୦ (ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ଘଟଣାର ମୁଖ୍ୟ କାର୍ପଟଦାର ନିକଟରେ ପହଞ୍ଚିବାକୁ ଜୋରସୋର୍ ଉଦ୍ୟମ କରୁଛି ପୁଲିସ। ଏହି ଘଟଣାରେ ପୁଲିସ କିଛି ଅପରାଧୀ ଓ ସହଯୋଗୀଙ୍କୁ ମୁହାଁମୁହିଁ ଜେରା କରୁଥିବା ଜଣାପଡ଼ିଛି। ପୁଲିସ ପଞ୍ଝାରେ ଥିବା ସାର୍ପସୁଟର୍ ସମେତ ପୀତବାସଙ୍କ ସମ୍ପର୍କରେ ଘଟଣା ଦିନ ଦିନତମାମ ରେକି କରିବାରେ ନିୟୋଜିତ ଯୁବକ, କିଛି ବ୍ୟବସାୟୀ ଓ ପୁରୁଣା ଅପରାଧୀଙ୍କୁ ଗୋଲନ୍ଥରା ଥାନାରେ ଜେରା କରାଯାଉଥିବା ଜଣାପଡ଼ିଛି। ରାଜ୍ୟ ବାହାରୁ ପୁଲିସ ଉଠାଇ ଆଣିଥିବା ସାର୍ପସୁଟର୍ ସହ କିଭଳି ଯୋଗସୂତ୍ର ସ୍ଥାପନ ହୋଇଥିଲା, ସେନେଇ ପୁଲିସ ଖୋଳତାଡ଼ କରୁଛି।



ସେପଟେ ଗୁଳିକାଣ୍ଡର ୧୧ ଦିନ ପରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ମୁହଁ ଖୋଲିଛନ୍ତି। ଏହି ହତ୍ୟା ମାମଲାରେ କିଛି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଖୁବ୍‌ଶୀଘ୍ର ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହେବ ବୋଲି ଡିଜି କହିଛନ୍ତି। ଡିଜିଙ୍କ ଏହି ବୟାନରୁ ପୁଲିସକୁ ଏକ ବଡ଼ ସୁରାକ ମିଳିଥିବା କୁହାଯାଉଛି।

ହତ୍ୟାକାଣ୍ଡ ପଛର ମାଷ୍ଟରମାଇଣ୍ଡ ଏବଂ ଷଡ଼ଯନ୍ତ୍ରର ରହସ୍ୟ ଭେଦ କରିବାକୁ ଦିନରାତି ଏକ କରିଦେଇଛି ପୁଲିସ। ସନ୍ଦେହରେ ଅଟକ ଥିବା କିଛି ବ୍ୟକ୍ତି ଓ ବ୍ୟବସାୟୀଙ୍କ ଜରିଆରେ ମାଷ୍ଟରମାଇଣ୍ଡର ନିକଟତର ହେବାକୁ ଚେଷ୍ଟା ଜାରି ରଖିଛି। ପୁଲିସ ବିହାର, ଦିଲ୍ଲୀ, କୋଲକତା, ପୁରୀ, କଟକ, ପାରାଦ୍ୱୀପ ଏବଂ ଗଞ୍ଜାମର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅନେକ ତଥ୍ୟ ହାସଲ ସହିତ କିଛି ଅପରାଧୀଙ୍କୁ ଉଠାଇ ଆଣିଛି। ଜେରା ପରେ କେତେଜଣଙ୍କୁ ସର୍ତ୍ତମୂଳକ ଭାବେ ଛଡ଼ାଯାଇଥିବା ଜଣାପଡ଼ିଛି।

■ ବାଲାଜୀର ହୋଇପାରେ ପଲିଗ୍ରାଫ୍ ଟେଷ୍ଟ
■ ଖୁବ୍‌ଶୀଘ୍ର ହତ୍ୟାକାଣ୍ଡର ଖୁଲାସା ହେବ : ଡିଜି

ପୀତବାସଙ୍କ ହତ୍ୟା ଘଟଣାରେ ବିହାରୀ ସାର୍ପସୁଟରଙ୍କୁ ନିୟୋଜିତ କରାଯାଇଥିବା ବେଳେ ସେମାନଙ୍କୁ ପୁଲିସ ରାଜ୍ୟ ବାହାରୁ ଧରିବାରେ ସଫଳ ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ମିଳିଛି। ହତ୍ୟାକାଣ୍ଡକୁ ନେଇ କିଛି ବ୍ୟବସାୟୀ, ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସମେତ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଉପରେ ମଧ୍ୟ ପୁଲିସ ନଜର ରଖିଛି। ସେପଟେ ହତ୍ୟାକାଣ୍ଡ ପରେ ଭିନ୍ନଭିନ୍ନ ବୟାନ ଦେଇ ଚର୍ଚ୍ଚାର ପରିସରକୁ ଆସିଥିବା ମୃତ ପୀତବାସଙ୍କ ନିକଟତମ ସହଯୋଗୀ ବାଲାଜୀ ରେଡ୍ଡୀଙ୍କୁ ପୁଲିସ ବାରମ୍ବାର ଜେରା କରିସାରିଛି। ତେବେ ବାଲାଜୀଙ୍କ କଥାରେ କେତେ ସତ୍ୟତା ଅଛି, ତାହା ଜାଣିବାକୁ ତାଙ୍କର ପଲିଗ୍ରାଫ୍ ଟେଷ୍ଟ କରିବାକୁ ପୁଲିସ ଯୋଜନା କରିଛି। ଏଥିପାଇଁ ସେ ବାଲାଜୀଙ୍କୁ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫୋରେନ୍‌ସିକ ଟେଷ୍ଟିଂ ଲ୍ୟାବ୍‌କୁ ନେଇଥିବା ସୂଚନା ମିଳିଛି।

# ନାବାଳକ ସହ ଅନୈତିକ ସମ୍ପର୍କ ରଖି ସଂପର୍କୀୟା ମାଉସୀ ଗର୍ଭବତୀ

କୋରାପୁଟ, ୧୬।୧୦ (ସମିସ): ଜଣେ ନାବାଳକକୁ ଭୟଭୀତ କରାଇ ତା' ସହ ଜୋରଜବରଦସ୍ତ ଅନୈତିକ ସମ୍ପର୍କ ରଖି ଗର୍ଭବତୀ ହେବା ଏବଂ ପରେ ତାକୁ ବିବାହ କରିବାକୁ ଜଣେ ମହିଳା ଧମକ ଦେବା ଭଳି ଘଟଣା କୋରାପୁଟ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। କୋରାପୁଟ ସଦର ଥାନା କୋଲାବନଗର ଅଞ୍ଚଳରେ ଏହି ଘଟଣା ଘଟିଛି। ନାବାଳକଙ୍କ ମା'ଙ୍କ ଅଭିଯୋଗକୁ ଆଧାର କରି ପୁଲିସ ନାବାଳକର ସଂପର୍କୀୟା ମାଉସୀ ବିରୋଧରେ ନମ୍ବର ୧୭୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ଥାନାରେ ଏତଲା ଦେଲେ ନାବାଳକର ମା'**

ସୂଚନାନୁଯାୟୀ, ୧୫ ବର୍ଷର ଉକ୍ତ ନାବାଳକ ଗତ କିଛି ଦିନ ହେବ ଅତ୍ୟନ୍ତ ଗମ୍ଭୀର ଓ ଚୁପଚାପ ରହୁଥିବା ଦେଖି ମା'ଙ୍କ ସନ୍ଦେହ ହୋଇଥିଲା। ଏ ସଂପର୍କରେ ସେ ପଚରାଉଚରା କରିବାରୁ ସଂପର୍କୀୟା ମାଉସୀର ଯୌନ ଶୋଷଣ ସଂପର୍କରେ ସେ କହିଥିଲା। ଗତ ୧୨ ତାରିଖ ସନ୍ଧ୍ୟାରେ ତା' ସମ୍ପର୍କୀୟ ମାଉସୀ କିପରି ତାକୁ ଭୟଭୀତ କରାଇ ଶାରୀରିକ ସଂପର୍କ ରଖିବାକୁ ବାଧ କରିଥିଲେ, ସେ ସଂପର୍କରେ କହିଥିଲା। ପୁଅଠାରୁ ଏ ସଂପର୍କରେ ଜାଣିବା ପରେ ମା'ଙ୍କ ପାଦ ତଳୁ ମାଟି ଖସି ଯାଇଥିଲା। ଏ ସଂପର୍କରେ ସେ ଉକ୍ତ ସଂପର୍କୀୟା ମାଉସୀଙ୍କୁ ପଚରାଉଚରା କରିବାରୁ ସେ ଓଲଟା ଧମକଚମକ ଦେଇଥିଲେ। 'ତୁମ ପୁଅ ଦ୍ୱାରା ମୁଁ ଗର୍ଭବତୀ ହୋଇଥିବାରୁ ତାକୁ ବିବାହ କରି ଏହି ଘରେ ରହିବି ବୋଲି' ଅଡ଼ି ବସିଥିଲେ। ପରେ ଏ ସଂପର୍କରେ ପୁଅର ମା' କୋରାପୁଟ ସଦର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ସମ୍ପର୍କୀୟ ମାଉସୀକୁ ପୁଲିସ ଅଟକ ରଖି ତଦନ୍ତ କରୁଥିବା ଥାନା ଅଧିକାରୀ ରୁନୁ ମାଝୀ ସୂଚନା ଦେଇଛନ୍ତି। ଗର୍ଭବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ତାଙ୍କୁ ପୁଲିସ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଛି।

# କମ୍ପାନୀ ଦେବାଳିଆ ହେଲେ ବି ନିର୍ଦ୍ଦେଶକ ଚେକ ବାଉନ୍ସର ଉତ୍ତରଦାୟିତ୍ୱରୁ ମୁକୁଳିପାରିବେ ନାହିଁ: ହାଇକୋର୍ଟ

କଟକ,୧୬।୧୦ (ସମିସ): କେବଳ କମ୍ପାନୀ ଦେବାଳିଆ ଘୋଷିତ ହୋଇଥିବା କାରଣରୁ ଏହାର ନିର୍ଦ୍ଦେଶକ ଚେକ୍ ଅମାନ୍ୟର ଦାୟିତ୍ୱରୁ ମୁକୁଳିପାରିବେ ନାହିଁ ବୋଲି କହିଛନ୍ତି ଓଡିଶା ହାଇକୋର୍ଟ। ଏନ୍‌ଆଇ ଆଇନର ଧାରା ୧୩୮ ଅନୁସାରେ ଏହା ସ୍ଥିରୀକୃତ ଅଟେ। ଏଣୁ ଏହି ଆଇନ ଅନୁସାରେ ଚେକ ଅନାଦର ଭଳି ଅପରାଧ ପାଇଁ କୌଣସି କମ୍ପାନୀର ନିର୍ଦ୍ଦେଶକମାନଙ୍କୁ ସେମାନଙ୍କର ଦାୟିତ୍ୱରୁ ମୁକ୍ତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏକ ଦେବାଳିଆ କମ୍ପାନୀର ନିର୍ଦ୍ଦେଶକଙ୍କ ଉତ୍ତରଦାୟିତ୍ୱ ନିର୍ଣ୍ଣୟ କରି ଜଷ୍ଟିସ ଚିତ୍ତରଞ୍ଜନ ଦାଶ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି।

ମାମଲାରୁ ପ୍ରକାଶ, ଆବେଦନକାରୀଜଣଙ୍କ ଜେନିଥ୍ ମାଇନିଂ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ। ତାଙ୍କୁ ଜଣେ ବ୍ୟକ୍ତି ୧ କୋଟି ଟଙ୍କାର ଏକ ବନ୍ଧୁତ୍ୱପୂର୍ଣ୍ଣ ଋଣ ପ୍ରଦାନ କରିଥିଲେ। ଉକ୍ତ ରାଶି ଆବେଦନକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିଲା ଏବଂ ଏକ ବର୍ଷ ମଧ୍ୟରେ ଏହା ପରିଶୋଧ କରାଯିବ ବୋଲି ଉକ୍ତ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ କମ୍ପାନୀ ଋଣ ରାଶି ଫେରସ୍ତ କରିବାରେ ବିଫଳ ହେବା ପରେ ଅଭିଯୋଗକାରୀଜଣଙ୍କ ଆବେଦନକାରୀଙ୍କୁ ଫେରାଦ ହୋଇଥିଲେ। ପରେ କମ୍ପାନୀ ପକ୍ଷରୁ, ଅଭିଯୋଗକାରୀଙ୍କୁ ଗତ ୨୦୨୧ ଜୁନ୍ ୨୫ରେ ଆବେଦନକାରୀ ୧ କୋଟି ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ଅଭିଯୋଗକାରୀ ଦୁଇଥର ବ୍ୟାଙ୍କରେ ଉକ୍ତ ଚେକ୍ ଉପସ୍ଥାପନ କରିଥିଲେ ହେଁ ତାହାକୁ ଅଗ୍ରାହ୍ୟ କରାଯାଇଥିଲା। ପରେ ଅଭିଯୋଗକାରୀ ଏକ ଆଇନଗତ ନୋଟିସ୍ ଜାରି କରିବା ସହ ନିମ୍ନ ଅଦାଲତରେ ମାମଲା ରୁଜୁ କରିଥିଲେ। ସେହିଭଳି ଆବେଦନକାରୀଙ୍କ ପକ୍ଷରୁ ନିମ୍ନ ଅଦାଲତରେ ରୁଜୁ ମାମଲାରୁ ମୁକ୍ତ ପାଇଁ ଏକ ଡିସଚାର୍ଜ ପିଟିସନ୍ ଦାଖଲ ହୋଇଥିଲା। ଯାହାକୁ ଅଦାଲତ ଖାରଜ କରିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉପରୋକ୍ତ ବିଷୟକୁ ବିଚାର କରି ନିମ୍ନ ଅଦାଲତରେ ବିଚାରାଧୀନ ମାମଲା ଏନ୍‌ଆଇ ଆଇନର ଧାରା ୧୩୮ ଅନୁଯାୟୀ ଅପରାଧରୁ ଉପୁଜିଥିବା କାର୍ଯ୍ୟଧାରାକୁ ପ୍ରଭାବିତ କରିବ ନାହିଁ ବୋଲି ହାଇକୋର୍ଟ କହିବା ସହ ଆବେଦନକାରୀଙ୍କ ମାମଲାକୁ ଖାରଜ କରି ନିମ୍ନ ଅଦାଲତଙ୍କ ଆଦେଶ କାଏମ ରଖିଛନ୍ତି।

# ବିଜେପିର ୪୦ ଜଣିଆ ତାରକା ପ୍ରଚାରକ

### ୨ ମୁଖ୍ୟମନ୍ତ୍ରୀ, ୩ କେନ୍ଦ୍ରମନ୍ତ୍ରୀ କରିବେ ପ୍ରଚାର

ଭୁବନେଶ୍ୱର, ୧୬।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପ୍ରରିପେକ୍ଷୀରେ ବିଜେଡି ପକ୍ଷରୁ ୪୦ଜଣିଆ ତାରକା ପ୍ରଚାରକ ତାଲିକା ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଙ୍ଗ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଭୋଟରଙ୍କୁ ଆକୃଷ୍ଟ କରିବେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଷ୍ଟ୍ରୀୟ ଉପସଭାପତି ତଥା ସାଂସଦ ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡୀ ପ୍ରମୁଖ ରହିଛନ୍ତି।

# ନିଜ ଟିମ୍ ଗଢ଼ିଲେ ମନମୋହନ

### ୧୦ ଉପସଭାପତି, ୪ ସାଧାରଣ ସମ୍ପାଦକ ଓ ୧୦ ସମ୍ପାଦକ

ଭୁବନେଶ୍ୱର,୧୬।୧୦(ସମିସ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ଗୁରୁବାର ଦଳ ପକ୍ଷରୁ ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଏହି ଟିମରେ ୧୦ ଜଣ ଉପସଭାପତି, ୪ ଜଣ ସାଧାରଣ ସମ୍ପାଦକ, ୧୦ ଜଣ ସମ୍ପାଦକଙ୍କ ସହ ଜଣେଲେଖାଏଁ କୋଷାଧ୍ୟକ୍ଷ ଓ ଯୁଗ୍ମ ସମ୍ପାଦକ ସ୍ଥାନ ପାଇଛନ୍ତି। ଉପସଭାପତି ଭାବେ ଡ. ଯତୀନ ମହାନ୍ତି, ଅଶୋକ ମିଶ୍ର, କୁସୁମ ଟେଟେ, ରମେଶ ସାହୁ, କେ. ନାରାୟଣ ରାଓ, ଶିବାଜୀ ମହାନ୍ତି, ସୁଦର୍ଶନ ଗୋଏଲ, ବିଷ୍ଣୁ ଦାଶ, ଭବେନ୍ଦ୍ର ପଣ୍ଡା ଓ ସିପ୍ରା ବାଜପାୟୀ ସ୍ଥାନ ପାଇଛନ୍ତି। ସାଧାରଣ ସଂପାଦକ ଭାବେ ବିରଞ୍ଚି ତ୍ରିପାଠୀ, ଶାରଦା ଶତପଥୀ, ସୀମାଞ୍ଚଳ ଖଟେଇ ଓ ପୂର୍ଣ୍ଣିମା ପ୍ରିୟଦର୍ଶିନୀ ନାୟକଙ୍କୁ ଦାୟିତ୍ୱ ମିଳିଛି। ସଂପାଦକ ଭାବେ ପିଙ୍କି ପ୍ରଧାନ, ରମେଶ ହାଁସଦା, ମମତା ସିଂହ, ପୃଥ୍ୱୀରାଜ ମହାପାତ୍ର, ସ୍ମିତା ପ୍ରଧାନ, ସରୋଜ କର, କାଳିନ୍ଦୀ ସାମଲ, ସ୍ମୃତି ପଟ୍ଟନାୟକ, ପ୍ରୀତି ପ୍ରତିଭା ଭୋଲ ଓ ଭଗବାନ ମହାନ୍ତିଙ୍କୁ ଦାୟିତ୍ୱ ଦେଇଛନ୍ତି ମନମୋହନ। ସେହିପରି କୋଷାଧ୍ୟକ୍ଷ ଭାବେ ଅଜୟ ଅଗ୍ରୱାଲ ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦିବାକର ହରିଚନ୍ଦନ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି।

# ପ୍ରଚଣ୍ଡ ଶବ୍ଦରେ ଥରିଲା ବାଲେଶ୍ୱର

ବାଲେଶ୍ୱର,୧୬।୧୦(ସମିସ): ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଏକ ପ୍ରଚଣ୍ଡ ଶବ୍ଦରେ ବାଲେଶ୍ୱର ସହର ଥରି ଉଠିଥିଲା। ଏହା ଏତେ ଭୟଙ୍କର ଓ ଭୀଷଣ ଥିଲା ଯେ ଲୋକେ ଭୟରେ ଘର ବାହାରକୁ ଚାଲି ଆସିଥିଲେ।। ହେଲେ କେଉଁ କାରଣରୁ ଓ କେଉଁଠାରୁ ଏହି ଶବ୍ଦ ଆସିଲା, ତାହାର ସଠିକ୍ କାରଣ ଜଣାପଡ଼ି ନଥିବା ବେଳେ ଜେଟ୍‌ର ଶବ୍ଦ କିମ୍ବା ଚାନ୍ଦିପୁରରେ କିଛି ପରୀକ୍ଷଣ ସମୟର ଶବ୍ଦ ବୋଲି ଚର୍ଚ୍ଚା ହେଉଛି। ସେହିପରି, ଭଦ୍ରକ ଏବଂ ମୟୂରଭଞ୍ଜରେ ମଧ୍ୟ ଏପରି ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା।

# ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଅନ୍ତଃସାରଶୂନ୍ୟ: ବିଜେଡି

ଭୁବନେଶ୍ୱର,୧୬।୧୦(ସମିସ): ଗୁରୁବାର ନୂଆପଡାରେ ଏକ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆପଡା ଡବଲ ଇଞ୍ଜିନର ବିକାଶ ଦେଖିବ ବୋଲି ଦେଇଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେଡି। ମୁଖ୍ୟମନ୍ତ୍ରୀଙ୍କ ହତାଶ ଭାବ ତାଙ୍କ ଭାଷଣରେ ପରିଲକ୍ଷିତ ହୋଇଛି; ଚିରାଚରିତ ଢଙ୍ଗରେ ସେ କେବଳଗୁଡ଼ିଏ ଗପ ଶୁଣାଇଛନ୍ତି, ଯାହାକୁ କେବେ ବି ନୂଆପଡାବାସୀ ଗ୍ରହଣ କରିବେ ନାହିଁ ବୋଲି କହିଛି ବିଜେଡି।

ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ପ୍ରାର୍ଥୀ ଆଜି ମନୋନୟନପତ୍ର ଦାଖଲ କରିବେ ବୋଲି କୁହାଯାଇଥିଲା; କିନ୍ତୁ ତାହା ହୋଇ ପାରିଲା ନାହିଁ। ବିଜେପିରେ ପ୍ରାର୍ଥୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନ୍ତର୍ଦ୍ୱନ୍ଦ୍ୱ ଏବେବି ସମାଧାନ ହୋଇ ପାରିନାହିଁ। ସମ୍ଭବତଃ ସେହି କାରଣରୁ ମୁଖ୍ୟମନ୍ତ୍ରୀଙ୍କ ହତାଶଭାବ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଆଜି ଦେଇଥିବା ବକ୍ତବ୍ୟ ଅନ୍ତଃସାରଶୂନ୍ୟ ଥିଲା। କେବଳ ବିଜେପିର ବିଜୟ ନିଶ୍ଚିତ ବୋଲି ଦାବି କରିବା ଛଡା ତାଙ୍କ ବକ୍ତବ୍ୟରେ ଆଉ କିଛି ନଥିଲା। ପ୍ରବାଦପୁରୁଷ ବିଜୁବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନୂଆପଡ଼ା ଜିଲ୍ଲା ଜନ୍ମ ନେଇଥିଲା। ନବୀନ ପଟ୍ଟନାୟକଙ୍କ

■ ଗତ ୧୬ ମାସରେ ଡବଲ ଇଞ୍ଜିନ ସରକାର ଫେଲ୍ ମାରିଛି
■ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟରେ ହତାଶାଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଛି
■ ହୋଇ ପାରିଲାନି ବିଜେପି ପ୍ରାର୍ଥୀଙ୍କ ମନୋନୟନପତ୍ର ଦାଖଲ

ମୁଖ୍ୟମନ୍ତ୍ରିତ୍ୱ ସମୟରେ ନୂଆପଡାର ବିକାଶ ତ୍ୱରାନ୍ୱିତ ହୋଇଥିଲା। ପୂର୍ବରୁ ନୂଆପଡା ଜିଲ୍ଲା ଏକ ମରୁଡି ପ୍ରପୀଡ଼ିତ ଜିଲ୍ଲା ଭାବେ ପରିଚିତ ଥିଲା ବେଳେ ନବୀନ ପଟ୍ଟନାୟକଙ୍କ ସମୟରେ ଅପର-ଜଙ୍କ୍ ଏବଂ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ନୂଆପଡା ସବୁଜିମାର ରୂପ ନେଇଥିଲା। ସେହିପରି ଗମନାଗମନ କ୍ଷେତ୍ରରେ, ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ହେବା ପରେ ଐତିହାସିକ ପ୍ରଗତି ହାସଲ ହୋଇଛି। ଜିଲ୍ଲାର ସମସ୍ତ ସ୍କୁଲ ଓ ହସ୍ପିଟାଲର ରୂପାନ୍ତିକରଣ ହୋଇ ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ହୋଇଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂଆପଡାରେ 'ଝିଅ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ହାତକୁ ନେଇ ମହିଳା ସଶକ୍ତୀକରଣକୁ ସେ ଅଞ୍ଚଳରେ ଦୃଢ କରିଥିଲେ। ନୂଆପଡାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି। ଉପନିର୍ବାଚନରେ ନୂଆପଡାବାସୀ ବିଜେଡି ସପକ୍ଷରେ ମତଦାନ କରିବେ ବୋଲି ଡ. ମହାନ୍ତି ଦୃଢ଼ୋକ୍ତି କରିଛନ୍ତି।

# କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର,୧୬।୧୦(ସମିସ): ଚଳିତ ଶିକ୍ଷାବର୍ଷ ପାଇଁ 'କୃଷି ବିଦ୍ୟାନିଧି ଯୋଜନା'ରେ ଛାତ୍ରବୃତ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି। ସିଏମ୍-କିଷାନ୍ ସହାୟତା ରାଶି ପାଉଥିବା କୃଷକ ପରିବାରର ପିଲାମାନେ ନଭେମ୍ବର ୩୦ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଡିସେମ୍ବର ୧୫ ତାରିଖ ମଧ୍ୟରେ ଆବେଦନଗୁଡ଼ିକୁ ଶିକ୍ଷାନୁଷ୍ଠାନର ମୁଖ୍ୟ ବା ଅଧ୍ୟକ୍ଷ ଯାଞ୍ଚ କରିବେ। ସେହିପରି ଜାନୁଆରୀ ୧୫ ତାରିଖ ମଧ୍ୟରେ ଆବେଦନଗୁଡ଼ିକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ଯାଞ୍ଚ କରିବେ। ଏହାପରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନାଯୋଗ୍ୟ 'କାଳିଆ' ଛାତ୍ରବୃତ୍ତିର ନାମ ପରିବର୍ତ୍ତନ କରାଯାଇ କୃଷି ବିଦ୍ୟାନିଧି ଯୋଜନା କରାଯାଇଛି। କୃଷକ ପରିବାରର ପିଲାଙ୍କୁ ବୈଷୟିକ ଶିକ୍ଷା ପାଇଁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ।

### ସରକାରୀ ଜମିକୁ ନେଇ ଦୁଇ ଗାଁ ହାତାହାତି

# ହନୁମାନ ବାଟିକା ରଣକ୍ଷେତ୍ର

**ସାନଖେମୁଣ୍ଡି, ୧୬।୧୦ (ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ତହସିଲ, ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତା ଛକ ନିକଟରେ ଥିବା ଏକ ସରକାରୀ ଜମିକୁ ନେଇ ଗୁରୁବାର ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉଠାରୁ ଆରମ୍ଭ କରି ଟାୟାର ଜାଳି ରାଜପଥ ଅବରୋଧ, ଢେଲାପଥର ମାଡ଼ ଭଳି ହିଂସା ଘଟିଛି। ଏପରିକି, ଗୋଟିଏପକ୍ଷର ଢେଲା, ପଥର ମାଡ଼ରେ ଉକ୍ତ ଜାଗାରେ ନିର୍ମାଣ ହୋଇଥିବା ହନୁମାନ ବାଟିକାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଉକ୍ତ ସ୍ଥାନରେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ କରାଯିବା ସହ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଖବର ଲେଖା ହେବା ସୁଦ୍ଧା, ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୁଲିସ ଉକ୍ତ ଅଞ୍ଚଳରେ ତୀକ୍ଷ୍ଣ ନଜର ରଖିଛି।

ସୂଚନାନୁଯାୟୀ, ଦୀର୍ଘ ବର୍ଷ ହେଲା ଡେଙ୍ଗାଓସ୍ତା ଛକ ନିକଟରେ ଏକ ପରିତ୍ୟକ୍ତ ପୋଖରୀକୁ ସାନଖେମୁଣ୍ଡି ପ୍ରଶାସନ ପକ୍ଷରୁ ପୋତି ଦିଆଯାଇଥିଲା। ଉକ୍ତ ପୋଖରୀଟି ରତ୍ନମଣିପୁର ଗ୍ରାମରେ ଥିବାରୁ ଗ୍ରାମବାସୀ ଉକ୍ତ ସ୍ଥାନରେ ଏକ ହନୁମାନ ବାଟିକା ନିର୍ମାଣ କରିବା ପାଇଁ ଯୋଜନା କରିଥିଲେ। ଉକ୍ତ ହନୁମାନ ବାଟିକା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ଉଭୟ ରତ୍ନମଣିପୁର ଓ ସିଙ୍ଗିପୁର ଗ୍ରାମ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ଏପରିକି, କଥା ତହସିଲ, ଥାନା ଓ ଜିଲ୍ଲା ପ୍ରଶାସନ ପାଖକୁ ବାରମ୍ବାର ଯାଇଥିଲେ ହେଁ ସମାଧାନର ରାସ୍ତା ବାହାରି ପାରିନଥିଲା। ଫଳରେ ଉଭୟ ଗ୍ରାମବାସୀ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଘେରାଉ ମଧ୍ୟ କରିଥିଲେ। ପରେ ସାନଖେମୁଣ୍ଡି



■ ଟେକାପଥର ମାଡ଼ରେ ବ୍ୟାପକ କ୍ଷତି, ୫ ଆହତ
■ ଧାରା ୧୬୩ ଜାରି, ୪ ପ୍ଲାଟୁନ୍ ଫୋର୍ସ ମୁତୟନ

ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ଗଠନ ହେଇଥିଲା। ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଥିଲା ଯେ ଯେଉଁ ସ୍ଥାନରେ ହନୁମାନ ବିଗ୍ରହ ନିର୍ମାଣ ହୋଇଛି, ସେହି ସ୍ଥାନକୁ ଛାଡ଼ି ଅନ୍ୟ ସ୍ଥାନରେ ମାର୍କେଟ୍ କମ୍ପ୍ଲେକ୍ସ, ଗୋଷ୍ଠୀ ଶୌଚାଳୟ, ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯିବ। ଏହାପରେ ରତ୍ନମଣିପୁର ଗ୍ରାମବାସୀ ଆସନ୍ତା ୩ତାରିଖରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଉକ୍ତ ସ୍ଥାନରେ ସାଲା ମଣ୍ଡପ ନିର୍ମାଣ କରିଥିଲେ। କିନ୍ତୁ, ଏହାକୁ ସିଙ୍ଗିପୁର ଗ୍ରାମବାସୀ ବିରୋଧ କରିଥିଲେ। ସାନଖେମୁଣ୍ଡି ପ୍ରଶାସନ କୌଣସି ସମାଧାନ କରିନଥିଲା। ଗୁରୁବାର ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟକୁ ସିଙ୍ଗିପୁର ଗ୍ରାମବାସୀ ଘେରାଉ କରିଥିଲେ। ଉକ୍ତ ସ୍ଥାନରେ ନିର୍ମାଣ ହୋଇଥିବା ହନୁମାନ ବାଟିକା ଭାଙ୍ଗିବା ସହ ସେହି ସ୍ଥାନରେ ପରିବା ମାର୍କେଟ୍, ସାଇକେଲ ଷ୍ଟାଣ୍ଡ, ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯିବା ନେଇ ଦାବି କରିଥିଲେ। ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଉପ-ଜିଲ୍ଲାପାଳଙ୍କ ଆଦେଶ ମିଳିବା ପରେ ପାଚେରି ଭାଙ୍ଗିବା ନେଇ କହିଥିଲେ ମଧ୍ୟ ଲୋକମାନେ ରାଜି ହୋଇନଥିଲେ। ଫଳରେ ସାନଖେମୁଣ୍ଡି ତହସିଲଦାର ଉକ୍ତ ପାଚେରି ଭାଙ୍ଗିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପାଟପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା, ଶୁଭଲକ୍ଷ୍ମୀ କହଁର ଓ ପୁଲିସ ଟିମ୍ ପହଞ୍ଚି ପାଚେରି ଭାଙ୍ଗିବା ଲାଗି ଉଦ୍ୟମ କରିବାରୁ ରତ୍ନମଣିପୁର ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏପରିକି, ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ହଜାରହଜାର ଗାଡ଼ି ଅଟକି ରହିଥିଲା। କିଛି ସମୟ ପରେ ଉଭୟ ଗ୍ରାମବାସୀ ଇଟା, ପଥର ଫିଙ୍ଗିବା ସହ ଆକ୍ରମଣ କରିଥିଲେ। ସିଙ୍ଗିପୁର ଗ୍ରାମବାସୀ ଏହି ହନୁମାନ ବାଟିକାର ପାଚେରି, ଲାଇଟ୍, ଗଛ ଓ ସିସିଟିଭିକୁ ଭାଙ୍ଗି ଦେଇଥିଲେ। ଆକ୍ରମଣରେ ସିଙ୍ଗିପୁର ଗ୍ରାମର ୪ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ।

ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା, ଶେରଗଡ଼ ଥାନାଅଧିକାରୀ, ଧରକୋଟ ଥାନାଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀମା ସ୍ୱାଇଁ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ବ୍ରହ୍ମପୁର ଉପ-ଜିଲ୍ଲାପାଳ ଉକ୍ତ ସ୍ଥାନକୁ ୧୬୩ ବିଏନ୍‌ଏସଏସ (ଧାରା ୧୪୪) ଲାଗୁ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ୪ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପ୍ରଶାସନ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।





ଭୁବନେଶ୍ୱର 'ଏସ୍‌ଓଏସ୍ ଭିଲେଜ'ରେ ଗୁରୁବାର ଶିଶୁମାନଙ୍କ ସହ ନିଜର ୭୯ତମ ଜନ୍ମଦିନ ପାଳନ କରୁଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ

## ଚାକିରି ବେପାର
# 'ମୋଷ୍ଟ ୱାଣ୍ଟେଡ୍' ମୁନ୍ନା ଦଶପଲ୍ଲାରୁ ଗିରଫ

ଭୁବନେଶ୍ୱର,୧୬।୧୦(ସମିସ): ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାରେ ଦୁଇ ସହଯୋଗୀ ଶ୍ରୀକାନ୍ତ ମହାରଣା ଓ ସୁକାନ୍ତ ମହାରଣା ସହ ଖସିଯିବାକୁ ଉଦ୍ୟମ କରିଥିବା ଅନ୍ୟତମ ଦଲାଲ 'ମୋଷ୍ଟ ୱାଣ୍ଟେଡ୍' ମୁନ୍ନା ମହାନ୍ତିକୁ ଶେଷରେ ଦଶପଲ୍ଲାରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଛି। ମୁନ୍ନା ସହିତ ଶ୍ରୀକାନ୍ତ ଓ ସୁକାନ୍ତଙ୍କୁ ମଧ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ଜଣାପଡ଼ିଛି। ଆସନ୍ତାକାଲି ୩ ଅଭିଯୁକ୍ତଙ୍କୁ ବ୍ରହ୍ମପୁର କୋର୍ଟରେ ହାଜର କରାଯିବ। ସେମାନଙ୍କ ନିକଟରୁ ଅଧିକ ତଥ୍ୟ ହାସଲ କରିବା ପାଇଁ କ୍ରାଇମବ୍ରାଞ୍ଚ ଅଦାଲତରେ ରିମାଣ୍ଡ ଆବେଦନ କରିବ ବୋଲି କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ଜଣାପଡ଼ିଛି।



ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା ପଦାକୁ ଆସିବା ପରେ ମୁନା ଫେରାର ହୋଇଯାଇଥିଲା ଏବଂ ଦୁଇ ସହଯୋଗୀ ଶ୍ରୀକାନ୍ତ ଏବଂ ସୁକାନ୍ତଙ୍କ ସହାୟତାରେ ଦଶପଲ୍ଲାରେ ଥିବା ଏକ ଫାର୍ମ ହାଉସ୍‌ରେ ଆତ୍ମଗୋପନ କରିଥିଲା। ଏହି ହାଉସ୍ ଜଙ୍ଗଲ ମଝିରେ ଥିବା ଏଠାକୁ ସାଧାରଣ ଲୋକ ଯାଉ ନ ଥିଲେ। ବିନା ଭୟରେ ମୁନା ଏବଂ ତାର ସହଯୋଗୀମାନେ ସେଠାରେ ରହୁଥିଲେ। କ୍ରାଇମ୍‌ବ୍ରାଞ୍ଚ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ମୋବାଇଲ୍ ଟ୍ରାକ୍ କରିବା ପରେ ଏ ସମ୍ପର୍କରେ ସୂଚନା ପାଇ ଫାର୍ମ ହାଉସରେ ଚଢ଼ଉ ପାଇଁ ବାହାରିଥିଲା। ମାତ୍ର କ୍ରାଇମବ୍ରାଞ୍ଚ ଚଢ଼ଉ ସମ୍ପର୍କରେ ଆଗୁଆ ସୂଚନା ପାଇ ଦୁଇ ସହଯୋଗୀଙ୍କ ସହ ମୁନ୍ନା ସେଠାରୁ ଚମ୍ପଟ ମାରିଥିଲା। ତେବେ ଶେଷରେ ଦଶପଲ୍ଲାର ଏକ ଗାଁ ଭିତରୁ କ୍ରାଇମ୍‌ବ୍ରାଞ୍ଚ ତିନିଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଶଙ୍କର ପୃଷ୍ଟି ଓ ମୁନ୍ନା ମହାନ୍ତିଙ୍କ ସହ ଅନେକ ବ୍ୟକ୍ତିଙ୍କ ସମ୍ପର୍କ ରହିଛି। ମାତ୍ର ଏହା ମଧ୍ୟରୁ ରେଡ୍ଡି ନାମକ ଜଣେ ବ୍ୟକ୍ତି ସବୁଠୁ ବଳଶାଳୀ ବୋଲି କୁହାଯାଉଛି। ଓଡ଼ିଶାରେ ଚାକିରି ବିକ୍ରି ଘଟଣା ପଛରେ ରେଡ୍ଡିକୁ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ଅନେକ ପୁଲିସ ଅଧିକାରୀ, ରାଜନୈତିକ ନେତାଙ୍କ ସହ ରେଡ୍ଡିର ସୁସମ୍ପର୍କ ରହିଛି ବୋଲି ମଧ ସୂଚନା ମିଳିଛି। ତେବେ ଏହି ରେଡ୍ଡି

- ଦଶପଲ୍ଲା ଫାର୍ମ ହାଉସରେ ଲୁଚିଥିଲେ ୩ ଅଭିଯୁକ୍ତ
- ଆଜି ବ୍ରହ୍ମପୁର କୋର୍ଟରେ ହାଜର କରାଯିବ
- ବିଗ୍ ବସ୍ ରେଡ୍ଡି ପର୍ଯ୍ୟନ୍ତ ପାଉନି କ୍ରାଇମବ୍ରାଞ୍ଚ ହାତ

କିଏ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି। ତେବେ ଏହି ରେଡ୍ଡି ବାସ୍ତବରେ କିଙ୍ଗପିନ୍ ନା ତାକୁ ମୁଖା ଭାବରେ ରଖି ଆଉ କେହି ଏହି ଚାକିରି ବେପାର ଚଳାଉଥିଲା ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ସେ କହିଛନ୍ତି ଯେ ପୂର୍ବରୁ ପରୀକ୍ଷା ତ୍ରୁଟିଶୂନ୍ୟ ଏବଂ ଦୁର୍ନୀତି ମୁକ୍ତ କରିବା ପାଇଁ ଆମେ ବ୍ୟବସ୍ଥା କରିଥିଲୁ। ଏଥିପାଇଁ ଜିଲ୍ଲା ଏସ୍‌ପି ଓ ପୁଲିସ ଅଧିକାରୀମାନଙ୍କୁ ସତର୍କ କରାଯାଇଥିଲା। ଖୁବ୍‌ଶୀଘ୍ର ଅନ୍ୟ ସମସ୍ତ ଅଭିଯୁକ୍ତ ଧରାପଡ଼ିବେ ବୋଲି ପୁଲିସ ଡିଜି କହିଛନ୍ତି।

ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ୧୧୯ ଗିରଫ ଘଟଣାରେ ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ପୂର୍ବରୁ ଜାମିନ ନାମଞ୍ଜୁର ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଜିଲ୍ଲା ଦୌରା ଜଜ୍ କୋର୍ଟରେ ୧୧୩ ଜଣ ଆବେଦନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖକୁ ଧାର୍ଯ୍ୟ ହୋଇଥିବା ପିପି ବିଶ୍ୱଜିତ ବରାଳ କହିଛନ୍ତି।

ପୁଲିସ ଏସ୍‌ଆଇ ପରୀକ୍ଷା ଟେଣ୍ଡର ଜରିଆରେ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍ ସଂସ୍ଥାକୁ ଦିଆଯାଇଥିଲା। ଏହି ସଂସ୍ଥା ଭୁବନେଶ୍ୱରର ସିଲିକନ୍ ଟେକ୍ନୋଲାବ୍‌କୁ ଓ ସିଲିକନ୍ ପକ୍ଷରୁ ଏହି କାମ ପଞ୍ଚସଫ୍ଟକୁ ଦିଆଯାଇଥିଲା। ପଞ୍ଚସଫ୍ଟକୁ ପରୀକ୍ଷା ପରିଚାଳନା ଲାଗି ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ପଞ୍ଚସଫ୍ଟ ଟେକ୍ନୋଲୋଜି ଲିମିଟେଡ୍‌ର ନିର୍ଦ୍ଦେଶକ ଭାବେ ଶଙ୍କର ପୃଷ୍ଟି କାର୍ଯ୍ୟ କରୁଥିଲା। ଯେଉଁଠାରେ ଯାବତୀୟ କେଳେଙ୍କାରୀ ହୋଇଥିବା ଜଣାପଡ଼ିଛି। ବଡ଼ କଥା ହେଲା କ୍ରାଇମ୍‌ବ୍ରାଞ୍ଚ ଶଙ୍କର ପୃଷ୍ଟିର ରଘୁନାଥପୁର ଏବଂ ଅନ୍ୟ ଅଫିସରେ ଚଢଉ କରିଥିଲେ ମଧ ସତ୍ୟନଗରରେ ଥିବା ଶଙ୍କରର ଅଫିସ୍‌କୁ ଚଢଉ ନ କରିବାକୁ ନେଇ ସନ୍ଦେହ ବଢିଛି। କଣ ପାଇଁ ସେଠାରେ କ୍ରାଇମ୍‌ବ୍ରାଞ୍ଚ ଚଢଉ କଲାନାହିଁ ବୋଲି ପ୍ରଶ୍ନ ଉଠିଛି।

## ଚାକିରି ବିକ୍ରି ତଦନ୍ତ ବାଟବଣା
# 'ବଡ଼ ଅଧିକାରୀଙ୍କୁ ସୁରକ୍ଷା ଦେଉଛି କ୍ରାଇମ୍‌ବ୍ରାଞ୍ଚ'

ଭୁବନେଶ୍ୱର, ୧୬।୧୦(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ ବହୁ ବଡ଼ବଡ଼ ଅଧିକାରୀ ସାମିଲ୍ ଅଛନ୍ତି। ତଦନ୍ତ ହେଲେ ସେମାନେ ମଧ କାଠ ଗଡ଼ାକୁ ଟାଣିହେବାର ଆଶଙ୍କା ଥିବାରୁ ତଦନ୍ତକୁ ଜାଣିଶୁଣି କ୍ରାଇମ୍‌ବ୍ରାଞ୍ଚ ବାଟବଣା କରୁଛି। ଘଟଣାକୁ ୧୭ଦିନ ବିତିଥିଲେ ମଧ ପ୍ରକୃତ ମାଷ୍ଟରମାଇଣ୍ଡକୁ ଧରିବା ତ ଦୂର କଥା, ନାମ ମଧ ପ୍ରକାଶ କରିବାରେ ବିଫଳ ହୋଇଛି। ପଞ୍ଚସଫ୍ଟର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି



ଓ ମୁନା ମହାନ୍ତିକୁ ଗଣମାଧ୍ୟମରେ ମାଷ୍ଟରମାଇଣ୍ଡ ସଜାଇ ପ୍ରକୃତ ମାଷ୍ଟରମାଇଣ୍ଡକୁ କ୍ରାଇମ୍‌ବ୍ରାଞ୍ଚ ହିଁ ସୁରକ୍ଷା ଦେଉଛି। ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଯୋଗାଇବା ପାଇଁ ଶଙ୍କର ଓ ମୁନାକୁ ଦାୟିତ୍ୱ ଦେଇଥିବା ବ୍ୟକ୍ତି କିଏ ବୋଲି ପ୍ରଶ୍ନ କରିବା ସହ ତାଙ୍କ ନାମ ପ୍ରକାଶ କରିବାକୁ ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଦାବି କରିଛନ୍ତି। ବଡ଼ବଡ଼ିଆଙ୍କୁ ସୁରକ୍ଷା ଦେବାକୁ ଯାଇ ଲକ୍ଷଲକ୍ଷ ଆଶାୟୀଙ୍କ କ୍ୟାରିଅର୍ ସହ କ୍ରାଇମ୍‌ବ୍ରାଞ୍ଚ ଖେଳୁଥିବାରୁ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ବା ସିବିଆଇକୁ ତଦନ୍ତଭାର ଦେବାକୁ ଦୋହରାଇଛନ୍ତି।

ସେ କହିଛନ୍ତି ଯେ କ୍ରାଇମ୍‌ବ୍ରାଞ୍ଚର ତଦନ୍ତ ଦିନକୁ ଦିନ ସନ୍ଦେହ ଘେରକୁ ଆସୁଛି। ଯେଉଁ ସ୍ଥାନରେ କ୍ରାଇମ୍‌ବ୍ରାଞ୍ଚ ରେଡ୍ କରୁଥିଲା, ଠିକ୍ ତା ପୂର୍ବରୁ ସମସ୍ତ କାଗଜପତ୍ର ନେଇ ଦଲାଲ୍‌ମାନେ ସେଠାରୁ ପଳାଇ ଯାଉଥିଲେ। ପ୍ରଥମେ ସେମାନଙ୍କୁ ଖସିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେବା ପରେ, ଲୋକଦେଖାଣିଆ ଭାବେ ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରିବା କେବଳ ତଦନ୍ତକୁ ବାଟବଣା କରିବା ପାଇଁ ଉଦ୍ଦିଷ୍ଟ ବୋଲି ସେ ଅଭିଯୋଗ କରିଛନ୍ତି। ଶଙ୍କର ଓ ମୁନା ସମେତ ପଞ୍ଚସଫ୍ଟର ଆଉ ଜଣେ ନିର୍ଦ୍ଦେଶକ ତଥା ଶଙ୍କରର ପତ୍ନୀ ଦୀପ୍ତିମୟୀ ସାହୁ, ଶ୍ରୀକାନ୍ତ ମହାରଣା ଓ

### ଶଙ୍କର ଓ ମୁନା ପାଖରେ ଅସାଧୁ ଅଧିକାରୀଙ୍କ ଗୁମର

ସୁକାନ୍ତ ମହାରଣା ଆଗୁଆ ଜାମିନ୍ ପାଇଁ ଗତ ୮ ତାରିଖରୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେଣି। ହାଇକୋର୍ଟରୁ ଜାମିନ୍ ପାଇବା ମଧ୍ୟରେ ସେମାନଙ୍କୁ ଗିରଫ ନ କରିବା ପାଇଁ ମଧ ଯୋଜନା ହୋଇଛି। କାରଣ ଶଙ୍କର ଧରାପଡ଼ିଲେ, ବଡ ଅଧିକାରୀ ଧରାପଡିଯିବାର ଭୟ ସରକାରଙ୍କୁ ଘାରିଥିବା ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି।

ଏହି କେଳେଙ୍କାରୀରେ ସମ୍ପୃକ୍ତ ବ୍ୟକ୍ତି ପାତାଳରେ ଲୁଚିଥିଲେ ମଧ ସେମାନଙ୍କୁ କାଢ଼ି ଆଣିବୁ ବୋଲି ସରକାର କହୁଛନ୍ତି। ଏପରିକି ପୁଲିସ୍ ଡିଜି ମଧ ପ୍ରଥମ ଥର ପାଇଁ ମୁହଁ ଖୋଲି ସମସ୍ତଙ୍କୁ ଧରାଯିବ ବୋଲି କହିଛନ୍ତି। ହେଲେ କେବେ ଧରିବେ ଓ କିଏ ସେ ପ୍ରକୃତ ମାଷ୍ଟମାଇଣ୍ଡ ସେନେଇ ପଦୁଟିଏ ମଧ କହୁ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

# ଭିଜିଲାନ୍ସ କୋର୍ଟକୁ ଗଲା ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା

ବ୍ରହ୍ମପୁର,୧୬।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା ଏବେ ଭିଜିଲାନ୍ସ କୋର୍ଟକୁ ଯାଇଛି। ଆଜି ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟରୁ ଭିଜିଲାନ୍ସ କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇଛି। ଗିରଫ ୧୧୯ ଅଭିଯୁକ୍ତଙ୍କ ମଧ୍ୟରୁ ୧୧୩ଜଣ ଏ ଭିତରେ ଜାମିନ ଆବେଦନ କରିଥିଲେ। ଆଜି ଏହାର ଶୁଣାଣି ଥିଲା। ଜିଲ୍ଲା

- ୨୩ରେ ୧୩ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି
- କେସ୍ ଡାଏରି ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟଙ୍କ ନିର୍ଦ୍ଦେଶ

ଦୌରାଜଜ୍ ଏହାକୁ ଭିଜିଲାନ୍ସ କୋର୍ଟକୁ ସ୍ଥାନାନ୍ତର କରିବା ପରେ ସେଠାରେ ଶୁଣାଣି ହୋଇଥିଲା। ତେବେ କ୍ରାଇମବ୍ରାଞ୍ଚ ମାମଲାର କେସ୍ ଡାଏରି ଓ ଅନ୍ୟ ଦସ୍ତାବିଜ୍ ଦାଖଲ କରିନଥିବାରୁ ଶୁଣାଣି ହୋଇପାରିନଥିଲା। ଆସନ୍ତା ୨୩ତାରିଖକୁ ମାମଲାର ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ମାମଲାର ଶୁଣାଣି ହେବ। ତେଣୁ, ୨୩ ତାରିଖ ସୁଦ୍ଧା ମାମଲାର କେସ୍ ଡାଏରି ଓ ଅନ୍ୟ ପ୍ରମାଣପତ୍ର ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟଙ୍କ ନିର୍ଦ୍ଦେଶ ହୋଇଛି। ୧୧୪ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲଙ୍କୁ ବ୍ରହ୍ମପୁର ଗୋଳନ୍ଥରା ପୁଲିସ ଗିରଫ କରିଥିବା ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆଉ ୨ଜଣ ଦଲାଲ ଅରବିନ୍ଦ ଦାସ ଓ ବିଶ୍ୱରଞ୍ଜନ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ଏଯାବତ୍ ୧୧୯ଜଣ ଗିରଫ ହୋଇ ବ୍ରହ୍ମପୁର ଜେଲରେ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

# ୭୧୧ ହିନ୍ଦୀ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ରଦ୍ଦ କଲେ ହାଇକୋର୍ଟ

କଟକ, ୧୬।୧୦ (ସମିସ): ନିଯୁକ୍ତି ପ୍ରକ୍ରିୟାରେ ମୂଳ ନିଯୁକ୍ତି ବିଜ୍ଞପ୍ତିର ସର୍ତ୍ତାବଳୀ ଉଲ୍ଲଂଘନ ହୋଇଥିବା ନେଇ ୭୧୧ଟି ହିନ୍ଦୀ ଶିକ୍ଷକ ପଦବି ପୂରଣ ପାଇଁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ (ଓଏସ୍‌ଏସ୍‌ସି) ପକ୍ଷରୁ ଅନୁଷ୍ଠିତ ହୋଇଥିବା ନିଯୁକ୍ତି ପ୍ରକ୍ରିୟାକୁ ଆଜି ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ମୂଳ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ଉପରୋକ୍ତ ହିନ୍ଦୀ ଶିକ୍ଷକ ପଦ ପାଇଁ ପ୍ରିଲିମିନାରୀ ପରୀକ୍ଷା କରିବା

### ପ୍ରିଲିମିନାରୀ ପରୀକ୍ଷା କରିବାକୁ ଓଏସଏସସିକୁ ନିର୍ଦ୍ଦେଶ

ପାଇଁ ଓଏସ୍‌ଏସ୍‌ସିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଫିରୋଜ କୁମାର ମହାପାତ୍ର, ରାକେଶ କୁମାର ବାରିକ ଓ ଅନ୍ୟମାନଙ୍କ ତରଫରୁ ଦାୟର୍ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଉପରୋକ୍ତ ପ୍ରକ୍ରିୟା ତିନି ମାସ ଭିତରେ ସଂପୂର୍ଣ୍ଣ କରିବା ପାଇଁ ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫଳରେ ସମସ୍ତ ପ୍ରାର୍ଥୀ ପ୍ରଥମେ ପ୍ରିଲିମିନାରି ପରୀକ୍ଷାରେ ଅଂଶଗ୍ରହଣ କରିବେ ଓ ପ୍ରିଲିମିନାରି ପ୍ରରୀକ୍ଷାରେ ଯେଉଁ ପ୍ରାର୍ଥୀ ଯୋଗ୍ୟତା ଅର୍ଜନ କରିବେ, ସେମାନେ ପରବର୍ତ୍ତୀ ଲିଖିତ ପରୀକ୍ଷା ଦେବେ। ଏଥିସହ ମୂଳ ନିଯୁକ୍ତି ବିଜ୍ଞପ୍ତି ଅନୁସାରେ ପରୀକ୍ଷାରେ ଦ୍ୱିଭାଷୀ (ହିନ୍ଦୀ ଓ ଇଂରାଜୀ) ସୁବିଧା ପ୍ରାର୍ଥୀଙ୍କୁ କମିସନ ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସରକାରୀ ମାଧ୍ୟମିକ ସ୍କୁଲରେ ହିନ୍ଦୀ ସହ ଅନ୍ୟ ବିଭାଗରେ ୭୧୧ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଷ୍ଟାଫ୍ ସିଲେକ୍ସନ କମିସନ ପକ୍ଷରୁ ୨୦୨୪, ଅକ୍ଟୋବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯଦି ପୂରଣ ହେବାକୁ ଥିବା ପଦ ସଂଖ୍ୟାର ୫ଗୁଣ ବା ତା'ଠାରୁ ଅଧିକ ପ୍ରାର୍ଥୀଙ୍କ ସଂଖ୍ୟା ହୁଏ, ତେବେ ପ୍ରଥମେ ପ୍ରିଲିମିନାରି ପରୀକ୍ଷା କରାଯିବ ବୋଲି ନିଯୁକ୍ତି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଥିଲା।

ପ୍ରିଲିମିନାରି ପରୀକ୍ଷାର ଫଳ ଆଧାରରେ ପ୍ରସ୍ତୁତ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀ ଲିଖିତ ପରୀକ୍ଷା ଦେବେ ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ଏଥିସହ ପରୀକ୍ଷାରେ ଉଭୟ ଇଂରାଜୀ ଓ ହିନ୍ଦୀରେ ପ୍ରଶ୍ନ ପଡ଼ିବ ବୋଲି ମଧ କୁହାଯାଇଥିଲା। ପୂରଣ ହେବାକୁ ଥିବା ପଦ ସଂଖ୍ୟାଠାରୁ ୫ଗୁଣରୁ ଅଧିକ ପ୍ରାର୍ଥୀ ଥିବା ବେଳେ ପ୍ରିଲିମିନାରି ପରୀକ୍ଷା ନକରି ସିଧାସଳଖ ଲିଖିତ ପରୀକ୍ଷା କରାଯାଇଥିଲା। ସେହିଭଳି ଦ୍ୱିଭାଷୀ ସୁବିଧା ପ୍ରଦାନ କରାନଯାଇ କେବଳ ହିନ୍ଦୀ ଭାଷାରେ ପ୍ରଶ୍ନ ପଡ଼ିଥିଲା। ମୂଳ ନିଯୁକ୍ତି ବିଜ୍ଞପ୍ତିର ଉଲ୍ଲଂଘନ କରି ହୋଇଥିବା ନିଯୁକ୍ତି ପ୍ରକ୍ରିୟା ତ୍ରୁଟିପୂର୍ଣ୍ଣ ବୋଲି ହାଇକୋର୍ଟ ମତ ଦେବା ସହ ଉପରୋକ୍ତ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ବିଶ୍ୱବିହାରୀ ମହାନ୍ତି ଓ ଜ୍ଞାନରଂଜନ ସେଠୀ ମାମଲା ପରିଚାଳନା କରୁଥିଲେ।

# ଏସ୍‌ସିବିରେ ଶବ ଅଦଳବଦଳ

ସାଲେପୁର, ୧୬।୧୦ (ସମିସ): ଗାଁ ଦାଣ୍ଡରେ କାନ୍ଦବୋବାଳି ପଡ଼ିଥିଲା। ସ୍ୱର୍ଣ୍ଣଲତାଙ୍କ ଶବ ଅଣାଯାଉଛି ଖବର ପାଇ ବନ୍ଧୁ, ପରିଜନ ଏକାଠି ହୋଇଥିଲେ। ମଶାଣିକୁ ମୃତଦେହ ବୋହି ନେବା ପାଇଁ କୋକେଇ ବନ୍ଧା ସରିଥିଲା। କିଛି ସମୟ ପରେ ଘର ମୁହଁରେ ଲାଗିଥିଲା ଶବବାହକ ଗାଡ଼ି। ପରିବାର, ଆତ୍ମୀୟସ୍ୱଜନ କାନ୍ଦକାନ୍ଦ ହୋଇ କଳା ପଲିଥିନ୍‌ରେ ଘୋଡ଼ା ଯାଇଥିବା ଶବକୁ ଅଗଣାକୁ ଟେକି ନେଇଥିଲେ। ହେଲେ ପଲିଥିନ୍ ଖୋଲିବା ବେଳକୁ ଜଣାପଡ଼ିଥିଲା ଏହା ସ୍ୱର୍ଣ୍ଣଲତାଙ୍କ ମୃତଦେହ ନୁହେଁ। ଏହା ସମସ୍ତଙ୍କୁ ଅବାକ୍ କରିଦେଇଥିଲା। ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ସ୍ୱର୍ଣ୍ଣଲତାଙ୍କ ଶବ ବଦଳରେ ଅନ୍ୟ କାହାର ଶବ ଦିଆଯାଇଛି ବୋଲି ଅଭିଯୋଗ କରି ପରିବାରଲୋକେ ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପରେ ଘଟଣା ବାବଦରେ ସ୍ପଷ୍ଟ ଚିତ୍ର ମିଳିଥିଲା। ଏସ୍‌ସିବି ଶବ ବ୍ୟବଚ୍ଛେଦ ଗୃହରେ ମୃତଦେହ ଅଦଳବଦଳ ହୋଇଛି ବୋଲି ଜଣାପଡ଼ିଥିଲା। ସାଲେପୁରରେ ଘଟିଥିବା ଏହି ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି।

ସାଲେପୁର ବ୍ଲକ୍ ଅନ୍ତର୍ଗତ ଲୁଣାହାର ଗ୍ରାମର ସ୍ୱର୍ଗତ ନରେନ୍ଦ୍ର କୁମାର ସାହୁଙ୍କ ପତ୍ନୀ ସ୍ୱର୍ଣ୍ଣଲତା ସାହୁ(୬୨) ଗତକାଲି ରାତିରେ ହଠାତ୍ ହୃଦ୍‌ଘାତର ଶିକାର ହୋଇ ଗୁରୁତର ହୋଇଥିଲେ।

ତାଙ୍କୁ ସଙ୍ଗେସଙ୍ଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ଏସ୍‌ସିବି ମେଡିକାଲକୁ ପଠାଇଥିଲେ।

ବଡ଼ ମେଡ଼ିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସ୍ୱର୍ଣ୍ଣଲତାଙ୍କର ମୃତ୍ୟୁ ଘଟିଥିଲା। ଆଜି ସକାଳେ ଡାକ୍ତରଙ୍କ ନିର୍ଦ୍ଦେଶକ୍ରମେ ମୃତ ସ୍ୱର୍ଣ୍ଣଲତାଙ୍କ ଶବ ବ୍ୟବଚ୍ଛେଦ

- ଶେଷକୃତ୍ୟ ପୂର୍ବରୁ ଜଣାପଡ଼ିଲା
- କେନ୍ଦୁଝରର ମହିଳାଙ୍କ ଶବ ସାଲେପୁର ନିଆଯାଇଥିଲା

କରାଯାଇଥିଲା। ବ୍ୟବଚ୍ଛେଦ ପରେ ଏକ ଜରିରେ ଶବକୁ ପ୍ୟାକ୍ କରି ତାଙ୍କ ପୁଅ କୈଳାସ ସାହୁଙ୍କୁ ହସ୍ତାନ୍ତର କରାଯାଇଥିଲା। କୈଳାସ ମା'ଙ୍କର ଶବ ଧରି ଘରେ ପହଞ୍ଚି ଶେଷକୃତ୍ୟ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରି ଚୂଡ଼ାନ୍ତ ସମୟ ବେଳକୁ ଜରି ପ୍ୟାକିଂ ଖୋଲି ଦେଖିଲା ବେଳକୁ ସେଥିରେ ସ୍ୱର୍ଣ୍ଣଲତାଙ୍କ ଶବ ବଦଳରେ ଅନ୍ୟ ଜଣେ ମହିଳାଙ୍କ ଶବ ଥିଲା। ଏ ସଂପର୍କରେ ସେ ସଙ୍ଗେସଙ୍ଗେ କଟକ ବଡ଼ ମେଡ଼ିକାଲ ସହ ଯୋଗାଯୋଗ କରିବାରୁ ଶବଟି ଭୁଲ୍‌ରେ ବଦଳ ହୋଇଯାଇଥିବା ମେଡ଼ିକାଲ ପକ୍ଷରୁ ସୂଚନା ଦିଆଯାଇଥିଲା। ପରେ କୈଳାସ ଓ ଗ୍ରାମବାସୀମାନେ ପୁନର୍ବାର ଶବଟିକୁ ପ୍ୟାକ୍ କରି କଟକ ବଡ଼ ମେଡ଼ିକାଲକୁ ନେଇଥିଲେ। ଉକ୍ତ ଶବଟି କେନ୍ଦୁଝର ଅଞ୍ଚଳର ଜଣେ




ମହିଳାଙ୍କର ବୋଲି ଜଣାଯାଇଛି। ଅଜଣା ଶବଟିକୁ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କଲା ପରେ କୈଳାସଙ୍କୁ ତାଙ୍କ ମା'ଙ୍କ ଶବ ଫେରସ୍ତ କରିଥିଲେ। ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତି ଯୋଗୁଁ ଏଭଳି ଶବ ବଦଳ ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି। ପ୍ରକାଶଯୋଗ୍ୟ, ମୃତ ସ୍ୱର୍ଣ୍ଣଲତା ଲୁଣାହାର ପ୍ରାଥମିକ ବିଦ୍ୟାଳୟରେ ପାଚିକା ଭାବେ କାର୍ଯ୍ୟ କରୁଥିଲେ।

# ବିଜେଡିକୁ ଫେରିଲେ ନୂଆପଡ଼ାର ବରିଷ୍ଠ ଆଦିବାସୀ ନେତା

ଭୁବନେଶ୍ୱର,୧୬।୧୦(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ପ୍ରତାପ ଜେନା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ତଥା ନୂଆପଡ଼ା ଜିଲ୍ଲା ପରିଷଦ

- ଭାନୁ ପ୍ରତାପ ସିଂହ ମାଝୀଙ୍କ ପ୍ରତ୍ୟାବର୍ତ୍ତନ, ବିଜେଡିର ଶକ୍ତି ବୃଦ୍ଧି
- ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ: ଭାନୁପ୍ରତାପ

ସଦସ୍ୟ ଭାନୁପ୍ରତାପ ସିଂହ ମାଝୀଙ୍କର ବହିଷ୍କାର ପ୍ରତ୍ୟାହାର କରିଛନ୍ତି। ବହିଷ୍କାର ପ୍ରତ୍ୟାହାର ପରେ ଶଙ୍ଖ ଭବନଠାରେ ଶ୍ରୀ ମାଝୀଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦକ ନିରଞ୍ଜନ ବିଶି ଶ୍ରୀ ମାଝୀଙ୍କୁ ପୁଷ୍ପଗୁଚ୍ଛ



ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ନୂଆପଡ଼ା ଜିଲ୍ଲା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀଙ୍କ ପୁତୁରା ହେଉଛନ୍ତି ଭାନୁପ୍ରତାପ ସିଂହ ମାଝୀ। ଶ୍ରୀ ମାଝୀ ତିନି ତିନିଥର ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଥିଲା ବେଳେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଅଛନ୍ତି।

ଏହି ଅବସରରେ ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ନବୀନ ବାବୁଙ୍କ ନେତୃତ୍ୱରେ ମୁଁ ଦୀର୍ଘ ଦିନ ଧରି ପ୍ରଥମେ ଜନତା ଦଳ ଏବଂ ପରେ ବିଜୁ ଜନତା ଦଳରେ କାର୍ଯ୍ୟ କରିଆସୁଛି। ଦଳରୁ ବହିଷ୍କୃତ ହୋଇଥିଲେ ମଧ କୌଣସି ଅନ୍ୟ ଦଳରେ ଯୋଗ ଦେଇନାହିଁ। ବିଜେଡିର ନୀତି ଆଦର୍ଶରେ ବିଶ୍ୱାସ ରଖି ରାଜନୀତି କରିଆସୁଛି। ଆଜି ବହିଷ୍କାର ଆଦେଶ ପ୍ରତ୍ୟାହୃତ ହେବା ପରେ ମୁଁ ନିଜ ଘରୁ ଫେରି ଆନନ୍ଦିତ। ନୂଆପଡ଼ା ଉପନିର୍ବାଚନରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବୁ। ନବୀନ ବାବୁଙ୍କ କାର୍ଯ୍ୟକାଳ ସମୟରେ ନୂଆପଡ଼ାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହୋଇଛି। ନୂଆପଡ଼ାବାସୀ ବିଜେଡି ସହିତ ଅଛନ୍ତି ଏବଂ ଆଗାମୀ ଉପନିର୍ବାଚନରେ ଦଳର ବିଜୟ ସୁନିଶ୍ଚିତ।

# ବିଜେଡିର ୫୨ ନେତାଙ୍କୁ ନୂଆପଡ଼ା ପ୍ରଚାର ମଙ୍ଗ

ଭୁବନେଶ୍ୱର,୧୬।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ପ୍ରଚାର କାର୍ଯ୍ୟକ୍ରମକୁ ସଂଗଠିତ, ଯୋଜନାବଦ୍ଧ ତଥା ସଫଳ ଭାବେ ତୁଲାଇବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏକ ବଡ଼ ଟିମ୍ ଘୋଷଣା କରିଛନ୍ତି। ନୂଆପଡ଼ା ଓ କୋମନା ବ୍ଲକରେ ପ୍ରଚାର କାର୍ଯ୍ୟକ୍ରମ ତଦାରଖ

- ନୂଆପଡ଼ା ଓ କୋମନାରେ ୩୬ ନେତାଙ୍କୁ ଦାୟିତ୍ୱ
- ଖରିଆର ରୋଡ ଓ ନୂଆପଡ଼ା ଏନଏସି ପାଇଁ ୧୬

ପାଇଁ ମୋଟ ୩୬ ଜଣ ନେତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଖରିଆର୍ ରୋଡ ଏନଏସି ଓ ନୂଆପଡ଼ା ଏନଏସି ପାଇଁ ୮ ଜଣ ଲେଖାଏଁ ୧୬ ଜଣ ନେତାଙ୍କୁ ନବୀନ ଦାୟିତ୍ୱ ପ୍ରଦାନ କରିଛନ୍ତି।

ନୂଆପଡ଼ା ବ୍ଲକ ପାଇଁ ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ପ୍ରତାପ ଜେନା, କ୍ୟାପ୍ଟେନ ଦିବ୍ୟଶଙ୍କର ମିଶ୍ର, ପ୍ରୀତିରଞ୍ଜନ ଘଡ଼ାଇ, ଧ୍ରୁବଚରଣ ସାହୁ, ମନୋହର ରାନ୍ଧାରୀ, ପ୍ରଦୀପ ଦିଶାରୀ, ବ୍ରଜକିଶୋର ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ସାରଦା ପ୍ରସନ୍ନ ଜେନା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସୁଦର୍ଶନ ହରିପାଲ, ପ୍ରସାନ୍ତ କୁମାର ବେହେରା, ଦେବୀରଞ୍ଜନ ତ୍ରିପାଠୀ ଓ ନିହାର ରଞ୍ଜନ ବେହେରାଙ୍କୁ ଦାୟିତ୍ୱ ମିଳିଛି। ନୂଆପଡ଼ା ଏନଏସି ପାଇଁ ଅତନୁ ସବ୍ୟସାଚୀ ନାୟକ, ସାରଦା ପ୍ରସାଦ ନାୟକ, ଦେବେଶ ଆଚାର୍ଯ୍ୟ, ମନୋରମା ମହାନ୍ତି, ଦୀପାଳି ଦାସ, ଆୟୁବ ଖାନ୍, ରୀତା ସାହୁ, ସ୍ୱରୂପ ଦାସଙ୍କୁ ନବୀନ ପ୍ରଚାର ଦାୟିତ୍ୱ ପ୍ରଦାନ କରିଛନ୍ତି। ସେହିପରି କୋମନା ବ୍ଲକରେ ପ୍ରଣବ ପ୍ରକାଶ ଦାସ, ପ୍ରତାପ ଦେବ, ଅଧିରାଜ ପାଣିଗ୍ରାହୀ, ପୁଷ୍ପେନ୍ଦ୍ର ସିଂହଦେଓ, ଯୋଗେଶ ସିଂ, ରବି ନନ୍ଦ, ପ୍ରଦୀପ ମାଝୀ, ନଳିନୀକାନ୍ତ ପ୍ରଧାନ, ବ୍ୟୋମକେଶ ରାୟ, ସୁଶାନ୍ତ କୁମାର ରାଉତ, ସୁଭାଶିଷ ଖୁଣ୍ଟିଆ, ଜଗନ୍ନାଥ ସାରକା, ସରୋଜ ମେହେର, ବିଶ୍ୱରଞ୍ଜନ ମଲ୍ଲିକ, ଅବିନାଶ ସାମଲ, ଇଶ୍ୱର ପାଣିଗ୍ରାହୀ, ରୋହିତ୍ ଯୋଶେଫ ତିର୍କୀ ଓ ଉମାକାନ୍ତ ସାମନ୍ତରାୟ ପ୍ରଚାର ମଙ୍ଗ ସମ୍ଭାଳିବେ। ସେହିପରି ଖରିଆର୍ ରୋଡ ଏନଏସି ପାଇଁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିକ୍ରମ ପଣ୍ଡା, କଳିକେଶ ନାରାୟଣ ସିଂହଦେଓ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ଗୌତମବୁଦ୍ଧ ଦାସ, ପ୍ରଶାନ୍ତ ମୁଦୁଲି, ରୁଦ୍ରପ୍ରତାପ ମହାରଥୀ ପ୍ରଚାର କାର୍ଯ୍ୟ ତୁଲାଇବେ ବୋଲି ଦଳୀୟ କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଗଳିକନ୍ଦିରେ ଗଚ୍ଛିତ ହେଲାଣି ବାଣ, ବଢ଼ିବ ବେଆଇନ ବିକ୍ରି



କବିସୂର୍ଯ୍ୟନଗର,୧୬ ।୧୦(ସମିସ): କବିସୂର୍ଯ୍ୟନଗର ଏନ୍‌ଏସିର ବିଭିନ୍ନ ଗଳିକନ୍ଦିରେ ବିକ୍ରି ପାଇଁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ମହଜୁଦ ହେଲାଣି । ନଳବଣ୍ଟା, ବ୍ରହ୍ମପୁର, ହାଇଦ୍ରାବାଦ, ଜାରକା ଭଳି ବହୁ ବେନାମୀ କମ୍ପାନୀର ବାଣ ରାତି ଅଧରେ ଆଣି ଜମା କଲେଣି ଅସାଧୁ ବ୍ୟବସାୟୀ। ହେଲେ ବିକ୍ରି ପାଇଁ ଅଛି ନା ଲାଇସେନ୍ସ ନା ମିଳିଛି ଅନୁମତି ପତ୍ର। କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ପ୍ରଶାସନ। ସ୍ଥାନୀୟ ପୁଲିସ, ଅଗ୍ନିଶମ ବାହିନୀ, ତହସିଲଦାରଙ୍କ ନୀରବତାକୁ ନେଇ ଉଠିଲାଣି ପ୍ରଶ୍ନ। ଲାଇସେନ୍ସ ମିଳିନି ହେଲେ ଆବେଦନକାରୀଙ୍କ ଲକ୍ଷ ଲକ୍ଷ ଟଙ୍କାର ବାଣ ବିକ୍ରି ସରିଲାଣି। ଦୀପାବଳି ଆଉ କେଇଟା ଦିନ ରହିଥିବା ବେଳେ ଲାଭଖୋର ଅସାଧୁ ବେପାରୀ ନିଜ ପସରା ଅବାଧରେ ଚଳାଇଛନ୍ତି। ହାତ ଗଣତି ବେପାରୀ ଲାଇସେନ୍ସ ପାଇଁ ଆବେଦନ କରିଥିବା ବେଳେ ଶତାଧିକ ବାଣ ବେପାରୀ ଏବେଠୁ ଲୁଚାଚୋରାରେ ବିକ୍ରି ଆରମ୍ଭ କରି ଦେଇଛନ୍ତି। ପୁଲିସ, ତହସିଲ, ଅଗ୍ନିଶମ ଅନୁମତି ନେଇ ଉପଜିଲ୍ଲାପାଳ ଠାରୁ ଲାଇସେନ୍ସ ଆଣି ଜନବସତି ଓ ବଜାର ଠାରୁ ୫୦୦ ମିଟର ଦୂରରେ ବାଣ ଦୋକାନ ଖୋଲିବା ସହ ପାଖରେ ଜଳାଶୟ, ଅଗ୍ନିନିର୍ବାପକ ଯନ୍ତ୍ର, ବାଲିବସ୍ତା, ବାଲି ମହଜୁଦ ରଖିବା ନିୟମ ରହିଛି। କିନ୍ତୁ ଏଠି ସବୁ ଉଲ୍ଲଘନ ହୋଇ ସହମତିରେ ବାଣ ବିକ୍ରି ଚାଲିଛି। ବିଶେଷତଃ ମହାମାୟୀ ମନ୍ଦିର ନିକଟ, କୁମୁଟି ସାହି ଛକ, ମାଛଗଳି, ଗଣେଶ ବଜାର, ମୁଖ୍ୟ ରାସ୍ତା, ଆଇବି ଛକ, ଗୁଡ଼ିଆଳି ଛକ, ପଥରା, ତେଲି ସାହି ଓ ଦେଶିବେହେରା ସାହି ମଧଭାଗରେ ବେଆଇନ ବାଣ ଠୁଳ ହୋଇ ରହିଛି।

## ରାସ୍ତା ଉପରେ ଜଳିଗଲା କଣ୍ଟେନର

ଛତ୍ରପୁର,୧୬ ।୧୦(ସମିସ): ରାସ୍ତା ଉପରେ ହୁତୁହୁତୁ ହୋଇ ଜଳିଗଲା କଣ୍ଟେନର। ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର୍। ଗୁରୁବାର ଭୋର୍ ୩ଟା ବେଳେ ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ଟିଟା ନିୟମ କମ୍ପାନୀ ନିକଟ ଜାତୀୟ ରାଜପଥ ଉପରେ ଏହି ଘଟଣା ଘଟିଛି। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଛି। ଗୁରୁବାର ଭୋର୍ ୩ଟା ବେଳେ କଟକରୁ କନିସି ଯାଉଥିବା ଏକ କଣ୍ଟେନର ଚମାଖଣ୍ଡି ଥାନା ଟିଟାନିୟମ କମ୍ପାନୀ ନିକଟ ଜାତୀୟ ରାଜପଥ ଉପରେ ହୁତୁହୁତୁ ହୋଇ ଜଳିଯାଇଛି। ନିଆଁ ଲାଗିଯିବା ପରେ ଡ୍ରାଇଭର ଗାଡ଼ି ବନ୍ଦ କରି ଓହ୍ଲାଇ ପଡ଼ିଥିଲେ। ଫଳରେ ଏକ ବଡ଼ ଅଘଟଣ ଅଳ୍ପକେ ବର୍ତ୍ତିଯାଇଛି। ଛତ୍ରପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ତେବେ କଣ୍ଟେନେରରେ କୌଣସି ସାମଗ୍ରୀ ବୋଝେଇ ନଥିବା ଜଣାପଡ଼ିଛି।

## ନଦୀରେ ବୁଡ଼ି ଯୁବକ ମୃତ

ଆସିକା,୧୬ ।୧୦(ସମିସ): ଆସିକା ବ୍ଲକ ଅନ୍ତର୍ଗତ ଗହଙ୍ଗୁପାଟଣା ସାହିର ଜଣେ ଯୁବକ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ଦିଲ୍ଲୀପ ନାୟକ(୪୦)। ସେ ଗାଁ ନିକଟରେ ଯାଇଥିବା ବଡ଼ ନଦୀରେ ଶୌଚ ହେଉଥିବା ବେଳେ ବୁଡ଼ି ଯାଇଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସେପଟେ ରୋଜଗାରିଆ ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ପ୍ରେସର କୁକର୍ ବିସ୍ଫୋରଣରେ ୪ ଆହତ

କୁକୁଡାଖଣ୍ଡି,୧୬ ।୧୦(ସମିସ): ସଦର ଥାନା ନିକଟସ୍ଥ ଅଙ୍କୁଶପୁର ଗ୍ରାମରେ ଥିବା କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦିକ କଲେଜ ଓ ହସ୍ପିଟାଲରେ ଗୁରୁବାର ଦିନ ଏକ ବିସ୍ଫୋରଣରେ ଚାରିଜଣ ଆହତ ହୋଇଛନ୍ତି। ପଞ୍ଚକର୍ମ ବିଭାଗ ଭିତରେ ପ୍ରେସର କୁକରଟି ବିସ୍ଫୋରଣ ହୋଇଥିବା ଜଣାପଡିଛି। ସୂଚନା ପ୍ରକାରେ ଜଣେ ରୋଗୀଙ୍କୁ ସେକ ଦେବା ସମୟରେ ଅନ୍ୟ ଜଣେ ରୋଗୀଙ୍କ ପାଖରେ ଥିବା କୁକର ଅଚାନକ ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣର ଶବ୍ଦରେ ସମଗ୍ର ହସ୍ପିଟାଲ କମ୍ପିଉଠିଥିଲା। ଝରକା ଗ୍ଲାସ୍ ଭାଙ୍ଗି ଯିବା ସହ ଓ କାନ୍ଥର ମାର୍ବଲ ଖସିପଡ଼ିଥିଲା। ଫଳରେ ଭୟଭୀତ ଛାତ୍ରଛାତ୍ରୀ ଓ ରୋଗୀମାନେ ଆତଙ୍କିତ ହୋଇ ବାହାରି ଆସିଥିଲେ। ଆହତ ଚାରିଜଣଙ୍କୁ ତୁରନ୍ତ ହସ୍ପିଟାଲର ଅନ୍ୟ ବିଭାଗକୁ ନେଇ ଚିକିତ୍ସା କରାଯାଇଛି। ପୁରୁଣା ଓ ଅତି ଚାପରେ ରହିଥିବା ପ୍ରେସର କୁକର ହିଁ ବିସ୍ଫୋରଣର କାରଣ ବୋଲି କୁହାଯାଉଛି। ଏହି ଘଟଣା ପରେ ମଧ କଲେଜ ପକ୍ଷରୁ ଘଟଣାକୁ ଲୁଚାଇବା ଉଦ୍ୟମ ହେଉଛି। କଲେଜ ଅଧ୍ୟକ୍ଷ ଅରୁଣ କୁମାର ଦାସ ପୁରୁଣା ପ୍ରେସର କୁକୁର ଯୋଗୁଁ ଏପରି ହୋଇଥିବା କହିଛନ୍ତି। ଏହା ଆୟୁର୍ବେଦିକ କଲେଜର ସୁରକ୍ଷା ବ୍ୟବସ୍ଥା ଉପରେ ଗଭୀର ପ୍ରଶ୍ନ ଉଠାଇଛି।

### ରଷିକୁଲ୍ୟାରେ ଛାତ୍ର ନିଖୋଜ ଘଟଣା

## ୧୩ ଦିନ ପରେ ଗଳିତ ଶବ ଉଦ୍ଧାର

ଧରାକୋଟ,୧୬ ।୧୦(ସମିସ): ଧରାକୋଟ ଥାନା ଅନ୍ତର୍ଗତ ପୋଡ଼ାପଲି ଗ୍ରାମର ଜଣେ ଛାତ୍ର ଗତ ୪ ତାରିଖରେ ରଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇ ଭାସି ଯାଇଥିଲେ। ଘଟଣାର ୧୩ ଦିନ ପରେ ଗୁରୁବାର ତାଙ୍କର ଗଳିତ ଉଦ୍ଧାର ହୋଇଛି। ମୃତକ ହେଲେ ବୁଲୁ ପ୍ରଧାନ ଓ ପ୍ରମଦା ପ୍ରଧାନଙ୍କ ପୁଅ ଶୁଭମ୍ ପ୍ରଧାନ(୧୭)। ଗତ ୪ ତାରିଖ ଦିନ ସାଙ୍ଗମାନଙ୍କ ସହିତ ରଷିକୁଲ୍ୟା ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଏହା ପରେ ଧରାକୋଟ ଦମକଳ ବାହିନୀ ଓ ପୁଲିସ ଚାରିଦିନ ଧରି ଖୋଜା ଖୋଜି କରିଥିଲେ ମଧ ତାଙ୍କର କୌଣସି ପତ୍ତା ମିଳିନଥିଲା। ଘଟଣାକୁ ୧୩ ଦିନ ପୁରିଲା ପରେ ଗୁରୁବାର ପୋଡ଼ାପଲି ଗାଁ ଠାରୁ ପ୍ରାୟ ଦୁଇ କିମି ଦୂର ଲକ୍ଷ୍ମୀପୁର ବାଲି ଘାଟ ଭିତରୁ ଶୁଭମଙ୍କ ଶବ ଉଦ୍ଧାର ହୋଇଛି। ନଦୀରେ ଶୁଭମ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ଦାଦା ଟୁକୁନା ପ୍ରଧାନ ଧରାକୋଟ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ୩୮୦/୨୫ ପ୍ରକାରେ ଏକ ନିଖୋଜ ମାମଲା ରୁଜୁ କରିଥିଲା। ଧରାକୋଟ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଧରାକୋଟ ତହସିଲଦାର ଓ ପୁଲିସ ଉପସ୍ଥିତିରେ ରଷୀକୁଲ୍ୟା ନଦୀରେ ଦୀର୍ଘ ଚାରିଦିନ ଧରି ଖୋଜାଖୋଜି କରିଥିଲେ ମଧ କୌଣସି ପତ୍ତା ମିଳିନଥିଲା। ଯାହାକୁ ନେଇ ପରିବାର ସଦସ୍ୟ ଅସହାୟ ହୋଇ ପଡ଼ିବା ସହ ପୁଣି ଥାନାରେ ଶୁଭମକୁ ଖୋଜି ବାହାର କରିବା ପାଇଁ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଗୁରୁବାର ଗାଁ ଲୋକେ ନିଜସ୍ୱ ଉଦ୍ୟମରେ ଲକ୍ଷ୍ମୀପୁର ବାଲି ଘାଟ ଅଞ୍ଚଳରେ ଖୋଳା ଖୋଳି କରିବା ବେଳେ ଶୁଭମର ଶବ ବାଲି ତଳେ ପୋତିହେବା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଗାଁ ଲୋକେ ପୁଲିସ ଓ ଦମକଳ ବାହୀନିକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ, ଆଗ୍ନିକ ପବିତ୍ର ବେହେରା, ଶୁଭ୍ରଜିତ୍ ରଥ, କୃଷ୍ଣଚନ୍ଦ୍ର ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ, ସନ୍ଦୀପ ବେହେରା, ଭୀମ ସେନ ନାୟକ ଓ ଜିତେନ୍ଦ୍ର ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଁଚି ବାଲି ଭିତରୁ ଶୁଭମର ଶବକୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପ୍ରକାଶଯୋଗ୍ୟ ଗତ ୪ ତାରିଖ ଦିନ ଶୁଭମ୍ ନଦୀରେ ଭାସିଯିବା ପରଠାରୁ ପରିବାର ଲୋକ ସମେତ ଗାଁ ଲୋକେ ମିଳିତ ଭାବରେ ଖୋଜା ଖୋଜି କରୁଥିଲେ। ୧୩ ଦିନ ପରେ ଶୁଭମର ପତ୍ତା ମିଳିବା ପରେ ଗାଁ ଲୋକଙ୍କ ସହ ପରିବାର ଲୋକେ ଏକ ରକମ ଆଶ୍ୱସ୍ତ ହେଇଛନ୍ତି।

## ଶ୍ମଶାନ ଗୃହ ନାହିଁ; ଶବ ସଂସ୍କାର ଲାଗି ଗ୍ରାମବାସୀ ଦହଗଞ୍ଜ

ରମ୍ଭା,୧୬ ।୧୦(ସମିସ): ଗଞ୍ଜାମ ବ୍ଲକର ସାନରାମଚନ୍ଦ୍ରପୁର ପଞ୍ଚାୟତ ଅଧିନସ୍ଥ ମଧୁରୁଟୁଆ ଅନୁସୂଚିତ ଜାତି ସାହିବାସିନ୍ଦାଙ୍କ ପାଇଁ ପକ୍କା ଶ୍ମଶାନ ଗୃହ ନାହିଁ। ଫଳରେ ସାହିବାସିନ୍ଦା ବର୍ଷା ଦିନେ ଶବଦାହ ଲାଗି ଦହଗଞ୍ଜ ହେଉଛନ୍ତି। ସ୍ୱତନ୍ତ୍ର ଅନୁମୋଦନ ଅର୍ଥ ବରାଦ ହୋଇଥିଲେ ସୁଦ୍ଧା ପକ୍କା ରାସ୍ତା, ବିଦ୍ୟୁତ କରଣ ତାହା ସହିତ ଠାକୁରାଣୀ ମନ୍ଦିର ରାସ୍ତା ଓ ବିଦ୍ୟୁତ କରଣ ଏ ପର୍ଯ୍ୟନ୍ତ ନ ହୋଇ ଫାଇଲ ତଳେ କୁଆଡେ ଚାପି ହୋଇ ରହିଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ବିରୁଳିଗଡ଼ ଅନୁସୂଚିତ ଜାତି ସାହିବାସିନ୍ଦାଙ୍କ ଅଭିଯୋଗ ସମ ପରିମାଣରେ ହୋଇଛି। ଏହା ସହିତ ସାନ ରାମଚନ୍ଦ୍ରପୁର ପଞ୍ଚାୟତରେ ଥିବା ସମସ୍ତ ଅନୁସୂଚିତ ଜାତି ପାଇଁ ୨୦୨୩ରେ ଗ୍ରାମ ସଭାରେ ସ୍ୱତନ୍ତ୍ର ୪୦ ଲକ୍ଷ ଟଙ୍କା ବରାଦ ହୋଇଥିବା। କିନ୍ତୁ ଅନୁଦାନ ଠିକ ରୂପରେ କାମ ହୋଇଛିକି ନାହିଁ ସମସ୍ତଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି। ଅପରପକ୍ଷେ ସ୍ଥାୟୀ ଶ୍ମଶାନ ଗୃହ ନ ଥିବାରୁ ସେମାନେ ଶବଦାହ କରିବା ପାଇଁ ବିଭିନ୍ନ ସମସ୍ୟା ଉପୁଜୁଛି। କେହି ବ୍ୟକ୍ତି ରାତ୍ରିରେ ମୃତ୍ୟୁବରଣ କରନ୍ତି ତାହାହେଲେ ସେମାନେ ଶବ ସଂସ୍କାର କରିବା ପାଇଁ ନାକେଦମ ହେଉଥିବା ବେଳେ ଖରା ଓ ବର୍ଷା ଦିନେ ଶବ ଦାହ କରିବା ଅତ୍ୟନ୍ତ କଷ୍ଟକର ହେଉଛି। ତେଣୁ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

### ● ଓଲଟିଲା ମାଛ ବୋଝେଇ କଣ୍ଟେନର

## ଡ୍ରାଇଭର, ହେଲପର୍ ଆହତ

ଖଲ୍ଲିକୋଟ,୧୬ ।୧୦(ସମିସ): ଖଲ୍ଲିକୋଟ ବଡ଼ ଘାଟିରେ ଓଲଟିଲା ମାଛ ବୋଝେଇ କଣ୍ଟେନର୍। ଫଳରେ ଡ୍ରାଇଭର ଓ ହେଲ୍ପର ଆହତ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ନର୍ଷାପୁରରୁ ଏକ କଣ୍ଟେନର୍ ମାଛ ବୋଝେଇ କରି କୋଲକାତା ଅଭିମୁଖେ ଯାଉଥିଲା। ଖଲ୍ଲିକୋଟ ବଡ଼ ଘାଟି ଉପରେ କଣ୍ଟେନର୍‌ଟିର ବ୍ରେକ ଫେଲ ହୋଇ ଯାଇଥିଲା। ଫଳରେ ଡ୍ରାଇଭର ଖଲ୍ଲିକୋଟକୁ ସଂଯୋଗ କରୁଥିବା ବାଇପାସ ରାସ୍ତାକୁ କଣ୍ଟେନର୍ ବୁଲାଇ ଦେଇଥିଲେ। ଏତିକିବେଳେ




ରାସ୍ତା ମଝିରେ ଭାରସାମ୍ୟ ହରାଇ କଣ୍ଟେନରଟି ଓଲଟି ପଡ଼ିଥିଲା। ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଆହତ ଦୁଇ ଜଣ ଆନ୍ଧ୍ରପ୍ରଦେଶ ପଶ୍ଚିମ ଗୋଦାବରୀ ଅଞ୍ଚଳର ଏସ. ରଘୁ ଓ ଅନୀଲ ବୋଲି ଜଣାପଡ଼ିଛି। କଣ୍ଟେନର୍‌ଟି ରାସ୍ତା ଉପରେ ପଡ଼ିଥିବା ବେଳେ ଜାତୀୟ ରାଜପଥରୁ ଖଲ୍ଲିକୋଟକୁ ସଂଯୋଗ କରୁଥିବା ବାଇପାସ୍ ରାସ୍ତାରେ ଯାତାୟତ ବନ୍ଦ ହୋଇଯାଇଛି।






## ଆଶାକର୍ମୀ ସଂଘର ବିକ୍ଷୋଭ ପ୍ରଦର୍ଶନ

ଛତ୍ରପୁର,୧୬ ।୧୦(ସମିସ): ଭାରତୀୟ ମଜଦୂର ସଂଘ ସଂଲଗ୍ନ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ଗଞ୍ଜାମ ଜିଲ୍ଲା ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହା ସହ ଏକ ୯ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନକୁ ସ୍ଥାୟୀ କରି ଆଶା କର୍ମୀ ମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରାଯିବା, ସରକାରୀ ମାନ୍ୟତା ମିଳିବା ପର୍ଯ୍ୟନ୍ତ ଆଶା କର୍ମଚାରୀ ମାନଙ୍କୁ ମାସିକ ବେତନ ୧୮ ହଜାର ଟଙ୍କା ପ୍ରଦାନ କରାଯିବା, ସମସ୍ତ ଆଶା କର୍ମୀ ମାନଙ୍କୁ ସାମାଜିକ ସୁରକ୍ଷା ଯୋଜନାରେ ଇଏସଆଇ ଓ ଇପିଏଫୋ ଅନ୍ତର୍ଗତ ପଞ୍ଜୀକୃତ କରାଯିବା ଭଳି ବିଭିନ୍ନ ଦାବି କରିଥିଲେ। ବହୁ ଆଶାକର୍ମୀ ମାନେ ସ୍ଥାନୀୟ ନୂଆ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



## ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ସମ୍ପର୍କିତ ସମୀକ୍ଷା




ଛତ୍ରପୁର,୧୬ ।୧୦(ସମିସ): ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଗୁରୁବାର ଗଞ୍ଜାମ ଜିଲ୍ଲା ଗସ୍ତ କରି ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ସମ୍ବନ୍ଧରେ ବିଭିନ୍ନ ପ୍ରସ୍ତୁତି ନେଇ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଶ୍ରୀ ପାଢ଼ୀ ଅଧକ୍ଷତା କରି ଆଗକୁ ଉଭୟ ନିର୍ବାଚନ ଆସୁଛି ଏଣୁ ଗତ ପୌର ଓ ପଚାଂୟତ ନିର୍ବାଚନର ଅନୁଭୂତିକୁ ନେଇ ଆଗାମୀ ଉଭୟ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସୁରୁଖୁରୁରେ ନିର୍ବାଚନ ପରିଚାଳନା ଓ ନିର୍ଭୀକ ମତଦାନକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବା ହେଉଛି ଆମର ମୁଖ୍ୟ ଲକ୍ଷ୍ୟ ବୋଲିକହିଥିଲେ। ଭୋଟରତାଲିକା ସଂଶୋଧନ, ବାଦ୍ ଓ ସଂଯୋଗ କାର୍ଯ୍ୟକୁ ନେଇ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ହେବ। ଆସନ୍ତା ଉଭୟ ନିର୍ବାଚନ ବେଳେ ବୁଥ୍ ସଂଖ୍ୟା ସହ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍ ସଂଖ୍ୟା ବଢ଼ିପାରେ ଏହାକୁ ମଧ ନଜର ରଖିବାକୁ ହେବ। ଗଞ୍ଜାମ ଜିଲ୍ଲାର ୩ଟି ସବ୍‌ଡିଭିଜନ୍ ଅଧୀନରେ ୨୨ଟି ବ୍ଲକ୍ ୫୦୩ ପଞ୍ଚାୟତ, ୩୨୫୪ଟି ଗାଁ, ୭୦୯୯ ୱାର୍ଡ ଏବଂ ଗୋଟିଏ ମହାନଗରନିଗମଙ୍କ ସମେତ ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ମ୍ୟୁନିସିପାଲିଟି ଓ ଏନ୍‌ଏସିକୁ ନେଇ ଗଠିତ ସହରାଂଚଳ ରହିଛି। ୨୦୧୧ ଜନଗଣନା ଅନୁସାରେ ୩୫ ଲକ୍ଷ ୨୯ ହଜାର ୦୩୧ ଜନସଂଖ୍ୟା ରହିଥିବା ବେଳେ ସେଥିରୁ ୨୯ ଲକ୍ଷ ୮ ହଜାର ୭୭୯ ଜଣ ଗ୍ରାମାଞ୍ଚଳ ବାସିନ୍ଦା। ସେହିପରି ଅନୁସୂଚିତ ଜନଜାତି ସଂଖ୍ୟା ୧ ଲକ୍ଷ ୧୩ ହଜାର ୪୭୪ ଜଣ ଏବଂ ଅନୁସୂଚିତ ଜାତିର ୬ ଲକ୍ଷ ୨ ହଜାର ୮୨୧ ଜଣ ରହିଛନ୍ତି। ଏଣୁ ଆଗାମୀ ଉଭୟ ନିର୍ବାଚନ ବେଳେ ଜନସଂଖ୍ୟା ସହିତ ଭୋଟର ସଂଖ୍ୟା ଅଧିକାରହିବ। ସେହି ଅନୁସାରେ ସମସ୍ତ ପ୍ରକାର ଆଗୁଆ ପ୍ରସ୍ତୁତି ରହିବା ପାଇଁ ରାଜ୍ୟ ନିର୍ବାଚନ କମିଶନର ପରାମର୍ଶ ଦେଇଛନ୍ତି। ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତିଭାସନ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜର୍ସିକେ, ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି, ଦେବବ୍ରତ ପଣ୍ଡା ଓ ସୁନିଲ୍ କେର୍କେଟା, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ସୁବାଶିଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଏବଂ ସମସ୍ତ ବ୍ଲକର ବିଡିଓ, ସମସ୍ତ ସହରାଞ୍ଚଳର କାର୍ଯ୍ୟ ନିର୍ବାହୀ ଅଧିକାରୀ(ଇଓ) ଏବଂ ପୌର ଓ ପଞ୍ଚାୟତ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।










# ବ୍ରହ୍ମପୁରରେ ଖୁବ୍‌ଶୀଘ୍ର ହେବ ବୁଲା କୁକୁରଙ୍କ ଗଣନା ଓ ବନ୍ଧ୍ୟାକରଣ





- ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ୩ଟି ଘରୋଇ ସ୍ୱେଚ୍ଛାସେବୀ ସଂସ୍ଥା
- ମାସିକ ୭୦ଟି ହିସାବରେ ବାର୍ଷିକ ୮୪୦ କୁକୁରଙ୍କ ହେବ ବନ୍ଧ୍ୟାକରଣ
- ନିର୍ମାଣ ହେବ ନିଜସ୍ୱ ଗୋଶାଳା, ସ୍ୱତନ୍ତ୍ର ଆନିମଲ କ୍ରିମେଟୋରୀ ଏବଂ ଅଧିକ ଡଗ୍ କେନାଲ

ବ୍ରହ୍ମପୁର,୧୬।୧୦(ସମିସ)

ରାଜଧାନୀ ଭୁବନେଶ୍ୱର ପରେ ଖୁବ୍‌ଶୀଘ୍ର ରେଶମ ସହର ବ୍ରହ୍ମପୁରରେ କାର୍ଯ୍ୟକାରୀ ହେବାକୁ ଯାଉଛି ଆନିମଲ ବାର୍ଥ କଣ୍ଟ୍ରୋଲ ବା 'ଏବିସି' କାର୍ଯ୍ୟକ୍ରମ। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ପର୍ଯ୍ୟାୟରେ ପହଁଞ୍ଚିଥିବା ବେଳେ ୩ଟି ଘରୋଇ ସ୍ୱେଚ୍ଛାସେବୀ ସଂସ୍ଥା ଏଥିପାଇଁ ନିଜର ଆଗ୍ରହ ପ୍ରକାଶ କରି ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏଥିପାଇଁ ଆଗ୍ରହ ପ୍ରକାଶ କରିଥିବା ୩ଟି ସଂସ୍ଥା ମଧ୍ୟରେ ବାଙ୍ଗାଲୁରୁର 'ଆନିମଲ ୱେଲଫେୟାର ଅର୍ଗାନାଇଜେସନ' (ଏଡବ୍ଲ୍ୟୁଓ), ଜଗତସିଂପୁରର 'ପିପୁଲ୍ସ ଫର ଆନିମଲ' (ପିଏଫ୍ଏ) ଏବଂ ବ୍ରହ୍ମପୁରର 'ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ଆକ୍ସନ ଆଣ୍ଡ ରିସର୍ଚ୍ଚ' (ଇସାରା) ଅନ୍ତର୍ଭୁକ୍ତ। ବୁଧବାର ଟେଣ୍ଡର ଖୋଲାଯିବା ପରେ ଏନେଇ ସୂଚନା ମିଳିଛି। ପୂର୍ବରୁ ଅନେକ ଥର ଯଦିଓ ଟେଣ୍ଡର ଆହ୍ୱାନ କରାଯାଇଥିଲା ତେବେ ଏକକ ଟେଣ୍ଡର କାରଣରୁ ତାହାକୁ କର୍ତ୍ତୃପକ୍ଷ ବାତିଲ କରିବାକୁ ବାଧ ହେଉଥିଲେ। ଆସନ୍ତା ସୋମବାର ଦିନ ଏହି ୩ଟି ସଂସ୍ଥା ସେମାନଙ୍କ କାର୍ଯ୍ୟଶୈଳୀ ସମ୍ପର୍କିତ ରିପୋର୍ଟ ପ୍ରଦାନ ସହିତ ଉପସ୍ଥାପନ କରିବେ। ତାହାପରେ ସେଥିମଧ୍ୟରୁ ଗୋଟିଏ ସଂସ୍ଥା ସହିତ ବିଇଏମସି ବା ବ୍ରହ୍ମପୁର ମହାନଗର ନିଗମ ଅନ୍ୟୁନ ୨ବର୍ଷ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିବ। ତେବେ ଆବଶ୍ୟକ ସ୍ଥଳେ ଏହି ସମୟ ସୀମା ବୃଦ୍ଧି କରାଯାଇପାରିବ ବୋଲି ଜଣାପଡିଛି। ବିଇଏମସି ପକ୍ଷରୁ 'ଏବିସି' କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଲେ ସହରରେ ବୁଲା କୁକୁରଙ୍କ ସଂଖ୍ୟା ଓ ପ୍ରାଦୁର୍ଭାବ ଉପରେ ନିୟନ୍ତ୍ରଣ ଆସିପାରିବ। ଏଥିପାଇଁ ଅନେକ ମାର୍ଗଦର୍ଶିକା ମଧ୍ୟ ପ୍ରସ୍ତୁତ କରାଯାଇଛି। ଏବିସି ଦାୟିତ୍ୱ ହାତକୁ ନେବା ପରେ ସମ୍ପୃକ୍ତ ସଂସ୍ଥା ପକ୍ଷରୁ ସହରରେ ବୁଲା କୁକୁରଙ୍କ ଗଣନା କରାଯିବ। ପରେ ସେମାନଙ୍କୁ ଧରି ବନ୍ଧ୍ୟାକରଣ କରାଯିବ। ସବୁଠାରୁ ବଡକଥା ହେଲା ବୁଲା କୁକୁରଙ୍କୁ ସେମାନଙ୍କ ନିଜ ଅଞ୍ଚଳରୁ ଧରି ଆଣି ବନ୍ଧ୍ୟାକରଣ ପରେ ପୁନଃ ସେମାନଙ୍କୁ ନିଜ ଅଞ୍ଚଳରେ ଛାଡ଼ିଦିଆଯିବ। ପ୍ରତି କୁକୁରଙ୍କୁ ଧରିବା ୨ଶହ ଟଙ୍କା ଓ ସେମାନଙ୍କ ବନ୍ଧ୍ୟାକରଣ ପରେ ସେମାନଙ୍କ ଚିକିତ୍ସା ଓ ସୁସ୍ଥ ପରେ ପୁନଃ ସେମାନଙ୍କୁ ନିଜର ପୂର୍ବସ୍ଥାନରେ ଛାଡିବା ସହିତ ଏକ୍ଷେତ୍ରରେ ନିୟୋଜିତ ହେବାକୁ ଥିବା ଜଣେ ପ୍ରାଣୀ ଚିକିତ୍ସକ ଓ ଜଣେ ସହାୟକଙ୍କ ଦରମା ସହିତ ୧୮ଶହ ଏହିଭଳି ଗୋଟିଏ କୁକୁର ବାବଦରେ ମୋଟ ୨ହଜାର ଟଙ୍କା ଖର୍ଚ୍ଚ କରାଯିବ। ସେହିଭଳି ମାସିକ ଅନ୍ୟୁନ ୭୦ଟି କୁକୁରଙ୍କ ହିସାବରେ ବାର୍ଷିକ ୮୪୦ଟି କୁକୁରଙ୍କ ବନ୍ଧ୍ୟାକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କୁକୁରଙ୍କୁ ଧରିବା ପାଇଁ ବିଇଏମ୍‌ସି ପକ୍ଷରୁ ଗାଡ଼ି ଯୋଗାଇ ଦେବା ସହିତ ଡଗ୍ କେନାଲ ପ୍ରତିଷ୍ଠା କରାଯିବ। ବର୍ତ୍ତମାନ ଥିବା ଡଗ କେନାଲରେ କୁକୁରଙ୍କ ରହିବା ପାଇଁ କେନାଲ ସଂଖ୍ୟାକୁ ମଧ୍ୟ ବୃଦ୍ଧି କରାଯିବ। ଏହାଦ୍ୱାରା ସହରରେ ଦିନକୁ ଦିନ ବୃଦ୍ଧି ପାଉଥିବା ବୁଲାକୁକୁର ଓ ସେମାନଙ୍କ ଦୌରାତ୍ମ୍ୟକୁ ରୋକାଯାଇପାରିବ ବୋଲି ଆଶା କରାଯାଇଛି। ସେପଟେ ଏହି କାର୍ଯ୍ୟକ୍ରମ ଜରିଆରେ ବିଇଏମ୍‌ସି ପକ୍ଷରୁ ସହରରେ ଏକ ନିଜସ୍ୱ ଗୋଶାଳା ଗୋଷାଣିନୂଆଗାଁ ଅଞ୍ଚଳରେ ଏବଂ ହୁଗୁଲାପଟାଠାରେ ପ୍ରାଣୀଙ୍କ ସଂସ୍କାର ବା ଶବ ଦାହ ପାଇଁ ଏକ ଅତ୍ୟାଧୁନିକ ଶ୍ମଶାନ ପ୍ରତିଷ୍ଠା କରାଯିବ। କ୍ରିମେଟୋରିୟମ ବା ଶ୍ମଶାନ ପାଇଁ ମତ୍ସ୍ୟ ଓ ପଶୁପାଳନ ବିଭାଗ ପକ୍ଷରୁ ପୂର୍ବ ବିଜେଡି ସରକାର ଅମଳରେ ୫୦ଲକ୍ଷ ଟଙ୍କାର ଅନୁଦାନ ରାଶି ଆସି ପଡ଼ିରହିଥିବା ଜଣାପଡ଼ିଛି। ଏହା ଦ୍ୱାରା ରାସ୍ତା ଉପରେ ବିଚରଣ କରୁଥିବା ଗୋରୁଗାଈଙ୍କୁ ବିଇଏମସି ପକ୍ଷରୁ ଉଠାଇ ନେଇ ଗୋଶାଳାରେ ଛଡାଯିବ। ଏବଂ ଏଥିପାଇଁ ସମ୍ପୃକ୍ତ ଗୋରୁଗାଈଙ୍କ ଠାରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବାକୁ ସ୍ଥିର କରାଯାଇଛି। ସେହିଭଳି ବିଭିନ୍ନ ସ୍ଥାନରେ ଏପରିକି ଦୁର୍ଘଟଣା ଗ୍ରସ୍ତ ହୋଇ ପଶୁପକ୍ଷୀଙ୍କ ଶବ ପଡି ରହି ଦୁର୍ଗନ୍ଧ ବାହାରିଥାଏ। ଏଣୁ ଏଭଳି ସମସ୍ୟା ସ୍ଥାୟୀ ପ୍ରତିକାର ପାଇଁ ବିଇଏମସି ପକ୍ଷରୁ ଏକ ଅତ୍ୟାଧୁନିକ ତଥା ଇଲେକ୍ଟ୍ରିକ କ୍ରିମେଟୋରିୟମ ପ୍ରତିଷ୍ଠା କରାଯାଇ ସେଠାରେ ମୃତ ପଶୁପକ୍ଷୀ ବା ପ୍ରାଣୀଙ୍କ ଶବକୁ ଦାହ କରାଯିବ ବୋଲି ଜଣାପଡ଼ିଛି। ଖୁବ୍‌ଶୀଘ୍ର ଉଭୟ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ବିଇଏମସି ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଛନ୍ତି ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା।

# ଯନ୍ତ୍ରୀ ଓ ଘର ମାଲିକଙ୍କ ଘରୁ ଚୋରି

- ୫ଭରି ସୁନା, ନଗଦ ଟଙ୍କା, ସିସିଟିଭି ଓ ବାଇକ୍ ଚୋରି

ବ୍ରହ୍ମପୁର,୧୬।୧୦(ସମିସ): ଜୟପ୍ରକାଶନଗର ୩ୟ ଲାଇନରେ ଥିବା ଏକ ୨ ମହଲା ଘରେ ଚୋରମାନେ କଳାକନା ବୁଲାଇଛନ୍ତି। ଏହି ଘରର ମାଲିକ ତଳ ମହଲାରେ ରହୁଥିବା ବେଳେ ଉପର ମହଲାରେ ବିଦ୍ୟୁତ ବିଭାଗର ଜଣେ କାର୍ଯ୍ୟରତ ଜଣେ ଯନ୍ତ୍ରୀ ରହୁଥିଲେ। ଉଭୟଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଚୋର ଦଳ ଭରି ଓଜନର ସୁନା ଅଳଙ୍କାର, ନଗଦ ଟଙ୍କା ରୂପା ଅଳଙ୍କାର, ଲାପଟପ, ଟାବଲେଟ୍ ସହ କିଛି ଦାମୀ ସାମଗ୍ରୀ ନେଇ ଯାଇଛନ୍ତି। କେବଳ ସେତିକି ନୁହଁ ଗଲା ବେଳେ ଚୋରମାନେ ଏହି ଘରେ ଲାଗିଥିବା ସିସିଟିଭି କ୍ୟାମେରା ସହ ସମ୍ମୁଖରେ ଥିବା ଏକ ଗହଣା ଦୋକାନ ଆଗରୁ ଏକ ବାଇକ ମଧ୍ୟ ଚୋରି କରି ଚମ୍ପଟ ମାରିଛନ୍ତି।

ସୂଚନାପ୍ରକାରେ, ଜୟପ୍ରକାଶନଗରରେ ନରସିଂହ ବେହେରାଙ୍କ ଏକ ୨ମହଲା ଘର ରହିଛି। ତଳ ଘରେ ନରସିଂହ ରହୁଥିବା ବେଳେ ଉପର ମହଲାରେ ବିଦ୍ୟୁତ ବିଭାଗର ଯନ୍ତ୍ରୀ ସୁବାଷଚନ୍ଦ୍ର ବିଷୋୟୀ ନିଜ ପରିବାର ସହ ଭଡାରେ ରହୁଛନ୍ତି। କିଛି ଦିନ ତଳେ ନରସିଂହ ବାଙ୍ଗାଲୋର ଚାଲି ଯାଇଥିବା ବେଳେ ଯନ୍ତ୍ରୀ ସୁବାଷଙ୍କ ପତ୍ନୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ କଟକ ଚାଲି ଯାଇଥିଲେ। ଏଭଳି ସ୍ଥିତିରେ ତଳ ଓ ଉପର ଘରେ ତାଲା ପଡିଥିଲା। ଏହାର ସୁଯୋଗ ନେଇ ଗତ ୧୩ ତାରିଖ ରାତିରେ ଚୋରମାନେ ମୁଖ୍ୟ ଗ୍ରୀଲର ତାଲା ଓ ଉଭୟ ଘରର କବାଟ ତାଲା ଭାଙ୍ଗି ଭିତରକୁ ପଶିବା ପରେ କଳାକନା ବୁଲାଇ ଦେଇଥିଲେ। ଯନ୍ତ୍ରୀ ସୁବାଷ ବ୍ରହ୍ମପୁରରେ ନଥିବାରୁ ତାଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ହେଲେ ଆଜି ଘର ମାଲିକ ନରସିଂହ ଓ ଯନ୍ତ୍ରୀ ବ୍ରହ୍ମପୁର ଫେରିବା ପରେ ଘର ଭିତରୁ ଚୋରି ହୋଇଥିବା ସାମଗ୍ରୀ ବିଷୟରେ ଜଣାପଡିଥିଲା। ଯନତ୍ରୀଙ୍କ ଘରୁ ଅଫିସ କାର୍ଯ୍ୟ ପାଇଁ ବ୍ୟବହାର ହେଉଥିବା ୨ ଟି ଦାମୀ ଲାପଟପ ଓ ଗୋଟିଏ ଟାବଲେଟ ସହ ନଗଦ ୧୦ହଜାର ଟଙ୍କା, କିଛି ରୂପା ଅଳଙ୍କାର ଓ ମୂଲ୍ୟବାନ ସାବଗ୍ରୀ ଚୋରି ହୋଇଥିବା ଜଣାପଡିଛି। ଚୋରମାନେ ସିସିଟିଭି କ୍ୟାମରୋ ଓ ଏହାର ମେସିନକୁ ମଧ୍ୟ ଚୋରି କରି ନେଇ ଯାଇଛନ୍ତି। ସେହିପରି ଘର ମାଲିକ ନରସିଂହଙ୍କ ଘରୁ ୫ ଭରି ଓଜନର ସୁନା ଅଳଙ୍କାର, ନଗଦ ୧୦ ହଜାର ଟଙ୍କା ଓ ରୂପା ଅଳଙ୍କାର ଚୋରି ହୋଇଥିବା ଜଣାପଡିଛି। ଏପଟେ ଚୋରିମାନେ ସେହି ରାତିରେ ଏହି ଘର ନିକଟରେ ଥିବା ଏକ ଅଳଙ୍କାର ଦୋକାନ ସମ୍ମୁଖରେ ରଖାଯାଇଥିବା ଏକ ବାଇକକୁ ମଧ୍ୟ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ବୈଦ୍ୟନାଥପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରୁଛି। ଆଖାପାଖ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଚୋରଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଜାରି ରହିଛି।

# ଜନ୍ମଦିନରେ ନବୀନଙ୍କ ଦୀର୍ଘାୟୁ କାମନା କଲେ






ବ୍ରହ୍ମପୁର,୧୬।୧୦(ସମିସ)

ବିଜୁ ଜନତା ଦଳର ସୁପ୍ରିମ ତଥା ବିରୋଧୀ ଦଳ ନେତା, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜନନାୟକ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ମହାସମାରୋହରେ ପାଳିତ ହୋଇଛି। ଏ ଅବସରରେ ବ୍ରହ୍ମପୁର ଓ ଗୋପାଳପୁର ନିର୍ବାଚନ ମଣ୍ଡଳି ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ ଜନ ହିତକର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସକାଳେ ସ୍ଥାନୀୟ ବୁଢୀ ଠାକୁରାଣୀ ମନ୍ଦିରରେ ଦୀପଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି କର୍ମୀମାନେ ଦୀପ ଜାଳିଛନ୍ତି। ଏଠାରେ ପୂଜାର୍ଚ୍ଚନା କରି ନବୀନ ବାବୁଙ୍କ ଦୀର୍ଘ ସୁସ୍ଥତା କାମନା କରିଛନ୍ତି। ସେହିଭଳି ମହାତ୍ମାଗାନ୍ଧୀ ଷ୍ଟାଡ଼ିୟମ ନିକଟରେ କୁନି କୁନି ଶିଶୁମାନଙ୍କୁ ବିଭିନ୍ନ ଖାଦ୍ୟ ବଣ୍ଟନ କରାଯାଇଛି। ଶିଶୁଙ୍କ ଗହଣରେ କେକ୍ କଟାଯାଇଛି। ଏଠାରେ ଶିଶୁମାନେ ନବୀନ ବାବୁଙ୍କୁ ଗୀତ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ କାର୍ଯ୍ୟକ୍ରମରେ ଦଳର ଉପସଭାପତି ତଥା ପୂର୍ବତନ ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ, ବିଜେଡି ନେତା ସୁବାଷ ମହାରଣା ପ୍ରମୁଖ ଯୋଗଦେଇ ନବୀନ ବାବୁ ଜନସେବାରେ ବ୍ରତୀ ହେବାକୁ କର୍ମୀଙ୍କୁ କହିଥାନ୍ତି। ଏହି ବାର୍ତ୍ତାକୁ ସମସ୍ତ ଅନୁଗାମୀ ଅନୁକରଣ କରନ୍ତି। ଏଭଳି ଜଣେ ଜନନାୟକଙ୍କୁ ମା' ବୁଢୀ ଠାକୁରାଣୀ ସର୍ବଦା ଘଣ୍ଟ ଘୋଡ଼ାଇ ରଖିଥାନ୍ତୁ ବୋଲି ନେତାଏଁ ଏଠାରେ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅର୍ବାନ ବ୍ୟାଙ୍କ ସଭାପତି ଆର ମୂରଲି ମୋହନ, କର୍ପୋରେଟର ଆର ପାଓ୍ୱାନୀ, ଦୁର୍ଗା କୁମାର ଲାୟକ, ସମୀର କୁମାର ମିଶ୍ର, ଗୀତାରାଣୀ ପଣ୍ଡା, ଦୁର୍ଗା କୁମାର ପଣ୍ଡା, ବିଜେଡି ନେତା ଅଜିତ ଦାଶ, ଜିଲ୍ଲା ପରିଷଦ ଉପାଧକ୍ଷା ଏସ ରାଜେଶ୍ୱରୀ ଦୋରା, କର୍ପୋରେଟର ସନ୍ତୋଷ ସେଠୀ, ଯୁବ ନେତା ଅଜିତ କୁମାର ପଣ୍ଡା, ଜ୍ୟୋତି ରଞ୍ଜନ ସାହୁ, ଶୋଭନ ନାୟକଙ୍କ ସମେତ ବହୁ ନେତା ଓ କର୍ମୀ ଉପସ୍ଥିତ ରହି ନବୀନ ବାବୁଙ୍କ ସକାଶେ ଦୀପଦାନ କରିଛନ୍ତି।

# ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର ପକ୍ଷରୁ ସତ୍ୟବାଦୀଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର,୧୬।୧୦(ସମିସ): ଲାଞ୍ଜିପଲ୍ଲୀ ସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରର ବରିଷ୍ଠ ସଦସ୍ୟ ସତ୍ୟବାଦୀ ମହାରଣାଙ୍କୁ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଛି। କାର୍ଯ୍ୟକ୍ରମରେ ମଞ୍ଚ ସଭାପତି ପ୍ରଫେସର ଭାସ୍କର ପାଢ଼ୀ ଶ୍ରୀ ମହାରଣାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଶ୍ରୀ ମହାରଣାଙ୍କୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ସମ୍ପାଦକ ସୁରେଶ ଜେନା, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ପାତ୍ର, ମନୋଜ କୁମାର ଖାଡଙ୍ଗା, ଶିବରାମ ପାଣାଗ୍ରାହି, ଜଗନ୍ନାଥ ଦାସ, ଅଭିମନ୍ୟୁ ମହାରଣା, କୁମୁଦ ଚନ୍ଦ୍ର ବେହେରା, ସୂର୍ଯ୍ୟ ନାରାୟଣ ମହାନ୍ତି, ସୁଜନ ଶକ୍ଲ, ଚିତ୍ତରଞ୍ଜନ ସାହୁ, ଦୟାନିଧୀ ପ୍ରଧାନ ଓ କୈଳାଶ ଚର୍ଚ୍ଚି ସମେତ ବହୁ ସଭ୍ୟ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ଆଲୋଚନା ସଭା

ବ୍ରହ୍ମପୁର,୧୬।୧୦(ସମିସ): ଗଞ୍ଜାମ ଜିଲ୍ଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ମାସିକ ଆଲୋଚନା ସଭା ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଧା ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକ ରଜନୀ କାନ୍ତ ମଣ୍ଡଳ ଏବଂ ସଂଯୋଜକ ଗୌରୀଶଙ୍କର ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲା ପ୍ରଶାସନ ତରଫରୁ ଗତ ୧୦ତାରିଖରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିବାରୁ ଏଠାରେ ସ୍ୱାଗତ କରାଯାଇଛି। ରାଜ୍ୟର ସମସ୍ତ ବରିଷ୍ଠ ନାଗରିକ ମାନଙ୍କୁ ପୁଲିସ ପ୍ରଶାସନ ପକ୍ଷରୁ ପରିଚୟପତ୍ର ପ୍ରଦାନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। କୋଷାଧ୍ୟକ୍ଷ ଲଡୁ କେଶ ମିଶ୍ର ବାର୍ଷିକ ଉତ୍ସବ ଆୟ ବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ସଭାରେ କିରଣ କୁମାର ଦୋରା, ହାଡ଼ିବନ୍ଧୁ ମାଳି, ଶ୍ୟାମାପ୍ରସାଦ ପାଢ଼ୀ, ଡ ବିଜୟ ଚନ୍ଦ୍ର ମହାରଣା, ରବିନ୍ଦ୍ର କୁମାର ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ପୀତବାସଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଲେ ବିଜେଡି ନେତା



ବ୍ରହ୍ମପୁର,୧୬।୧୦(ସମିସ): ସହରର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ଆଇନ ପରିଷଦର ସଦସ୍ୟ ସ୍ୱର୍ଗତ ପୀତବାସ ପଣ୍ଡାଙ୍କୁ ବିଜେଡିର ବହୁ ବରିଷ୍ଠ ନେତା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ ବାସଭବନରେ ପହଞ୍ଚି ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାର ବର୍ଗଙ୍କ ସହ ଆଲୋଚନା କରିଥିଲେ। ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ପୂର୍ବତନ ବ୍ରହ୍ମପୁର ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଡେ଼ପୁଟି ମେୟର ଇ ବିବେକ ରେଡ଼ୀ, ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ, କର୍ପୋରେଟର ନୀଳକଣ୍ଠ ସାହୁ, ଡି. କରୁଣା, ଟି. ତ୍ରିପତି ପାତ୍ର, ପ୍ରଦୀପ ଶତପଥି ଓ ଟି. କିଶୋର ପ୍ରମୁଖ ଉପସ୍ଥିତ ରହି ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଥିଲେ।

**ମାନବ ଅଧିକାର ସୁରକ୍ଷା ମଞ୍ଚର ଅଭିଯୋଗ**

# ନିୟମିତ ମିଳୁନି ଔଷଧ, ଇଞ୍ଜେକ୍ସନ୍ ଓ ଭ୍ୟାକ୍ସିନ୍




ବ୍ରହ୍ମପୁର,୧୬।୧୦(ସମିସ): ବ୍ରହ୍ମପୁର ପ୍ରାଣୀ ଚିକିତ୍ସାଳୟକୁ ଗୁରୁବାର ମାନବ ଅଧିକାର ସୁରକ୍ଷା ମଞ୍ଚର ଏକ ପ୍ରତିନିଧି ଦଳ ପରିଦର୍ଶନ କରିଥିଲେ। ଏହି ସମୟର ଚିକିତ୍ସାଳୟରେ ବହୁ ଅବ୍ୟବସ୍ଥା ଦେଖି ପ୍ରତିନିଧି ମାନେ ବିରକ୍ତ ପ୍ରକାଶ କରିଥିଲେ। ପଶୁଙ୍କ ଚିକିତ୍ସା ସ୍ଥାନରେ ବାଲି, ମାଟି ନିୟମିତ ଭାବେ ବାହାର କରିବା ନିୟମ ରହିଥିବା ବେଳେ ବର୍ଷାଧିକାଳରୁ ତାହା ହେଉନଥିବା ଦେଖିବାକୁ ପାଇଥିଲେ। ମହାନଗର ନିଗମ ମର ଶରୀର ବାହାର କରିବା ନିୟମ ରହିଥିଲେ ବି ମର ଶରୀର ଦୀର୍ଘ ଘଣ୍ଟା ପଡ଼ି ରହୁଥିବା ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସାଳୟରେ ଉତ୍ତମ ଚିକିତ୍ସା ସେବା ସମେତ ସଠିକ୍ ଔଷଧ ନଥିବା ଅଭିଯୋଗ ହୋଇଛି। ପଶୁ ପକ୍ଷୀଙ୍କ ଚିକିତ୍ସା ନିମନ୍ତେ ଆବଶ୍ୟକତା ରହିଥିବା ଔଷଧ ମଧ୍ୟରେ ଅନେକ ଔଷଧ ପ୍ରାୟ ୩ମାସ ହେବେ ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି। ବିନା ଔଷଧ, ଇଞ୍ଜେକ୍ସନ୍, ସାଲାଇନ୍, ଭ୍ୟାକ୍ସିନରେ ପଶୁ ଚିକିତ୍ସା କିପରି ସମ୍ଭବ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ଅଭିଯୋଗ କରିଛି। ଅନ୍ତଃବିଭାଗ କାର୍ଯ୍ୟକ୍ଷମ କରାଇବା ସହ ସଠିକ୍ ଭାବେ ୨୪ଘଣ୍ଟା ଆମ୍ବୁଲାନ୍ସ ସେବା, ଚିକିତ୍ସାବେଳେ ଅନୁପସ୍ଥିତ ରହୁଥିବା ଡାକ୍ତର ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ହସ୍ପିଟାଲରେ ସିସି କ୍ୟାମେରା ସଂଯୋଗ କରିବା, ସମସ୍ତ ଜରୁରୀ ଔଷଧ ତୁରନ୍ତ ଯୋଗାଇବା, ପ୍ରତିଦିନ ଚିକିତ୍ସାଳୟକୁ ସିଡିଭିଓ ପରିଦର୍ଶନରେ ଯିବା ଓ ଦୁର୍ଘଟଣାଗ୍ରସ୍ତ ପଶୁ ଜନ୍ତୁଙ୍କ ଜରୁରୀ ଚିକିତ୍ସା ଭଳି ବିଭିନ୍ନ ସେବା ଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରଯାଇଛି। ପରିଦର୍ଶନ ସମୟରେ ମଞ୍ଚର ପ୍ରତିନିଧି ଦଳରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସାଂଗଠନିକ ସମ୍ପାଦକ ମନୋଜ କୁମାର ତରାଇଙ୍କ ସହ ଅଲ୍ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭାର ଗଞ୍ଜାମ ଜିଲ୍ଲା ସଭାପତି ଆଇନଜୀବି ଅବନୀ ଗୟା, ସେବା ନିବୃତ୍ତ ଶିକ୍ଷକ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଶିକ୍ଷକ ସଂଘର ନେତା ଅଶୋକ କୁମାର ଦଳାଇ, ନିହାର ରଞ୍ଜନ ପଣ୍ଡା, ବି. ରାମ ବାବୁ, ବି. ମଣିକାନ୍ତା, ନିକେଶ ପାଣିଗ୍ରାହୀ, ସୀତାରାମ ବେହେରା, କୃଷ୍ଣଚନ୍ଦ୍ର ସାହୁ, ଆକାଶ ପାତ୍ର, ଗୋବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**Format C-7**

(for political parties to publish in the newspaper, social media platforms & website of the party)

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

**Name of the Political Party: BIJU JANATA DAL**
**Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025**
**Name of the State: ODISHA**

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Non-Bailable ii. Non-Bailable iii. Non-Bailable iv. Non-Bailable |
| | b. | Case No. | i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25 |
| | c. | Name of the Court | All cases are pending in SDJM Bargarh, District Bargarh |
| | d. | Whether charges have been framed or not (Yes/No) | i. No ii. No iii. No iv. No |
| | e. | Date of Conviction, if any | Not Applicable |
| | f. | Details of punishment undergone, if any | Not Applicable |
| | g. | Any other information required to be given | All cases posted for appearance |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents. |

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

.................................................................................... and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

Sd/-
**DEBIPRASAD MISHRA**
**SENIOR VICE-PRESIDENT,**
**BIJU JANATA DAL, ODISHA**

ସକାଳ
THE SAKALA

# ସମ୍ପାଦକୀୟ



ଗରିବ ଲୋକମାନଙ୍କର ସବୁଠାରୁ ବଡ଼ ସମସ୍ୟା ହେଉଛି ସେମାନଙ୍କଠାରେ ଉଚ୍ଚାକାଂକ୍ଷାର ଅଭାବ।
-ଆଦାମ୍ ସ୍ମିଥ୍

## ବିକାଶର ଗତି ଅଭିବୃଦ୍ଧି

ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିର ନିରନ୍ତର ବିକାଶ ସଂପର୍କରେ ସୁଚିନ୍ତିତ ମତ ଉପସ୍ଥାପନ କରିଥିବାରୁ ନୋବେଲ ପୁରସ୍କାର ପାଇଥିବା ତିନିଜଣ ଅର୍ଥଶାସ୍ତ୍ରୀଙ୍କ ସଂପର୍କରେ ସ୍ୱତନ୍ତ୍ର ଉଲ୍ଲେଖ ବା ଆଲୋଚନା ଦାବି କରେ। ସେମାନେ ହେଲେ ଜୋଏଲ୍ ମୋକିର, ପିଟର ହାୱିଟ୍ ଓ ବ୍ରିଟେନର ଫିଲିପ୍ ଆଘିଆନ୍। ସେମାନଙ୍କୁ ଡିସେମ୍ବର ୧୦ ରେ ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ମୋକିର ଦୁଇଶହ ବର୍ଷର ଇତିହାସ ଉତ୍ସକୁ ଗବେଷଣାର ଆଧାର କରି ନିରନ୍ତର ଅଭିବୃଦ୍ଧି କିଭଳି ଏକ ସ୍ୱାଭାବିକ ପ୍ରକ୍ରିୟା ଏବଂ ପରିବେଶ ଓ ପରିସ୍ଥିତି ଏଥିସକାଶେ ସୁଯୋଗ ସୃଷ୍ଟି କରିଆସିଛି ତାହା ଦର୍ଶାଇଛନ୍ତି। ଶିଳ୍ପ ବିପ୍ଲବ ପୂର୍ବରୁ ପ୍ରଚଳିତ ପ୍ରଥା ଓ ବିଧି ବ୍ୟବସ୍ଥାରେ ବିଶ୍ୱାସୀ ଜନସମୁଦାୟ ଏହି ପରିବର୍ତ୍ତନକୁ ଗ୍ରହଣ କରିପାରିନଥିଲେ। ତତ୍କାଳୀନ ବ୍ୟବସ୍ଥାରେ ନୂଆ ପ୍ରଯୁକ୍ତି ବିଦ୍ୟା ଓ ଆବିଷ୍କାରର ପ୍ରୟୋଗ ଓ ସଠିକ୍ ବ୍ୟବହାରରେ ସମସ୍ୟା ସୃଷ୍ଟି କରିଥିଲା। ତେଣୁ ମୁକ୍ତ ଚିନ୍ତନ ମାଧ୍ୟମରେ ସାମାଜିକ ବ୍ୟବସ୍ଥାକୁ ନୂଆ ବିଚାର ଓ ପରିବର୍ତ୍ତନକୁ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ଅନ୍ୟପକ୍ଷରେ ଫିଲିପ ଓ ପିଟର ନିରନ୍ତର ଅଭିବୃଦ୍ଧି ଓ ବିକାଶର ପୃଷ୍ଠଭାଗରେ ଥିବା ପଦ୍ଧତି ଓ ପ୍ରୟୋଗ ଉପରେ ଅନୁଶୀଳନ କରିଛନ୍ତି। ଦେଖିବାକୁ ଗଲେ ନୋବେଲ ପୁରସ୍କାର ପାଇଥିବା ଏହି ତିନି ଅର୍ଥଶାସ୍ତ୍ରୀ ଉପସ୍ଥାପନ କରିଥିବା ତଥ୍ୟ ପରସ୍ପରର ପରିପୂରକ ଏବଂ ଦ୍ରୁତ ଅଭିବୃଦ୍ଧି ହାସଲରେ ସହାୟକ। ୧୯୯୨ ରେ ସେମାନଙ୍କ ଦ୍ୱାରା ପ୍ରକାଶିତ ନିବନ୍ଧରେ ଯେଉଁ ଗାଣିତିକ ସୂତ୍ରର ବିକାଶ କରିଛନ୍ତି ତାହା 'କ୍ରିଏଟିଭ୍ ଡେଷ୍ଟ୍ରକସନ୍' ଉପରେ ଆଧାରିତ।

ଏକଥା ସତ ଯେ ନୂଆ ଉତ୍ପାଦ ଏବଂ ଉଦ୍ଭାବିତ ପ୍ରଯୁକ୍ତି ବିଦ୍ୟା ଆଧାରିତ ଉତ୍ପାଦନ ଯେତେବେଳେ ବଜାରକୁ ଆସେ ତାହାର ଗ୍ରହଣୀୟତା ପୁରୁଣା ବ୍ୟବସ୍ଥାକୁ ବଦଳାଇବା ସକାଶେ ବାଧ୍ୟବାଧକତା ସୃଷ୍ଟି କରିଥାଏ। ଏହି ପ୍ରକ୍ରିୟା ନିରନ୍ତର ପ୍ରୟୋଗ ଓ ପ୍ରସାର ଲାଭ କରିଆସିଛି। ତାହାର ପ୍ରଭାବରେ ବିଶ୍ୱବାସୀଙ୍କ ଜୀବନର ଗୁଣବତ୍ତା, ସ୍ୱାସ୍ଥ୍ୟ ଓ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣିଛି। ଆଲୋଚନା ପ୍ରସଙ୍ଗରେ ଟ୍ରମ୍ପଙ୍କ ନୀତି ଓ କାର୍ଯ୍ୟଧାରା ବ୍ୟବସ୍ଥାରେ କିଭଳି ଅସନ୍ତୁଳନ ସୃଷ୍ଟି କରିଛି ତାହାର ଉଲ୍ଲେଖ ମଧ୍ୟ ରହିଛି। ବିଶେଷକରି ତାଙ୍କ ଟାରିଫ ନୀତି ଫଳରେ ବିଶ୍ୱ ଅର୍ଥନୀତି ଗତିଶୀଳତା ହରାଇଛି। ବିଶ୍ୱ ଉପଭୋକ୍ତାଙ୍କ ନିକଟରେ ନୂଆ ଉତ୍ପାଦ ପହଞ୍ଚିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଶିକ୍ଷା ଓ ଗବେଷଣା ବ୍ୟାହତ ହେଲା ଭଳି ଟ୍ରମ୍ପଙ୍କ କେତେକ ନିର୍ଦ୍ଦେଶ ଏକ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟକୁ କ୍ଷୁର୍ଣ୍ଣ କରିବ ବୋଲି ଦର୍ଶାଯାଇଛି। ସେମାନେ ଯୁକ୍ତିଛଳରେ କହିଛନ୍ତି ଯେ ଗବେଷଣା ପ୍ରସୂତ ଜ୍ଞାନକୌଶଳ ଉପଯୋଗ କରିବାକୁ ଅନ୍ୟମାନଙ୍କୁ ଛାଡ଼ି ଦିଆଯାଉ। ନିଜ ଦେଶରେ ତାହାର ଉତ୍ପାଦନ ପାଇଁ ୟୁନିଟ ପ୍ରତିଷ୍ଠା କରିବାର କୌଣସି ଯଥାର୍ଥତା ନାହିଁ। ଆମେରିକାର ବିଚାରଗତ ପରିବର୍ତ୍ତନକୁ ସେମାନେ ନାପସନ୍ଦ କରିଛନ୍ତି।

ପ୍ରଚଳିତ ବିଶ୍ୱର ଆବଶ୍ୟକତା ଅନୁଯାୟୀ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶର ନୂତନ ନକ୍ସା ପ୍ରସ୍ତୁତ କରିବାରେ ନୋବଲ ପୁରସ୍କାର ବିଜେତା ଏହି ତିନି ଅର୍ଥଶାସ୍ତ୍ରୀଙ୍କ ଗବେଷଣାମୂଳକ ତଥ୍ୟ ଓ ଅନୁଧ୍ୟାନ ନିଶ୍ଚୟ ସହାୟକ ହେବ। ଆମେରିକା ଓ ଚୀନର ଅଗ୍ରଗତି ପଛରେ ଥିବା ପଦ୍ଧତି ଓ ବିଚାରଗତ ନିଷ୍ପତ୍ତିକୁ ୟୁରୋପୀୟ ରାଷ୍ଟ୍ର ଅନୁଶୀଳନ ନ କଲେ ସେମାନେ ଅନ୍ୟମାନଙ୍କ ପଶ୍ଚାତଧାବନ କରିବାର ବାଧ୍ୟବାଧକତା ସୃଷ୍ଟି ହେବ। ସେମାନଙ୍କ ଗବେଷଣା ଓ ଅନୁଶୀଳନ ହେଉଛି ସଂଗୃହୀତ ଐତିହାସିକ ପୃଷ୍ଠଭୂମି। ତେଣୁ ବିଜେତାମାନଙ୍କ ପୁରସ୍କାର ବାବଦରେ ମିଳିବାକୁ ଥିବା ୧୦୨ ନିୟୁତ ଡଲାରର ଅର୍ଦ୍ଧେକ ରାଶି ମୋକିର ଓ ଅବଶିଷ୍ଟ ଅର୍ଥ ଦୁଇଜଣ ଅର୍ଥଶାସ୍ତ୍ରୀ ପାଇବେ। ●

## ଅଶାନ୍ତ ସହର ଓ ଜନପଦ

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି କ୍ରମେ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇପଡ଼ିଲାଣି। ଲଗାମବିହୀନ ଆପରାଧିକ ତତ୍ତ୍ୱ ଗୋଟିକ ପରେ ଗୋଟିଏ ହିଂସାକାଣ୍ଡ ଭିଆଇ ପୁଲିସର ପାରିବାର ପଣିଆକୁ ଖୋଲା ଆହ୍ୱାନ ଦେଇଛନ୍ତି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ନିୟମିତ ବ୍ୟବଧାନରେ ପରିଲକ୍ଷିତ ଅପରାଧ ପାଇଁ କ୍ଷମତା କେନ୍ଦ୍ର କଠୋର ସମାଲୋଚନାର ସମ୍ମୁଖୀନ ହୋଇଛି। ରାଜଧାନୀ ରାଜ୍ୟର ପ୍ରତିଛବି। କ୍ଷମତାରେ ଯିଏ ଥାଉନା କାହିଁକି ସେ ନିଶ୍ଚୟ ପରିସ୍ଥିତି ପ୍ରତି ସଜାଗ ଓ ସତର୍କ ରହିବାକୁ ପଡ଼ିବ। ଏକ୍ଷେତ୍ରରେ ସୁଦକ୍ଷ ଓ ସମର୍ଥ ଅଧିକାରୀଙ୍କ ନିପୁଣତା ଉପରେ କ୍ଷମତା ନିର୍ଭରଶୀଳ ରହିବା ସ୍ୱାଭାବିକ। ଯେତେବେଳେ ରାଜନୈତିକ ବାଛବିଚାର ଏକ୍ଷେତ୍ରରେ ପରିଲକ୍ଷିତ ହୁଏ ସେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଥୟ। ସଂପ୍ରତି ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ ଶାସନଗତ ଅପରିପକ୍ୱତା ଓ ଅନଭିଜ୍ଞତା ବାରି ହୋଇପଡୁଛି। ନିଜ ଲୋକ ଓ ପାଖଲୋକ ବିଚାରରେ ଅବସ୍ଥାପିତ ଅଧିକାରୀ ପୋଷା ଯାଇଥିବା ସୁରକ୍ଷା ବଳୟରେ ଥିବା ଅପରାଧୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାରେ କିଛି ଅସ୍ୱାଭାବିକତା ନାହିଁ। ରାଜଧାନୀରେ ଅପରାଧତତ୍ତ୍ୱଙ୍କ କାର୍ଯ୍ୟକଳାପରୁ ଏହା ଅନ୍ତତଃ ପ୍ରମାଣିତ ହୋଇଛି।

ଗତ ସୋମବାର ପରିଲକ୍ଷିତ ଆପରାଧିକ କାର୍ଯ୍ୟକଳାପରୁ ଅସାମାଜିକଙ୍କ ନିଡରୁଆପଣ ବାରି ହୋଇପଡୁଛି। ଭୁବନେଶ୍ୱରର ସହରତଳି ଅଞ୍ଚଳ ସଂପ୍ରତି ଅପରାଧତତ୍ତ୍ୱଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ସେମାନେ କ୍ରମାଗତ ଭାବେ ନିର୍ବାଧରେ ଅପରାଧ ଭିଆଇ ଚାଲିଛନ୍ତି। କଥା କଥାକେ ସେମାନେ ବନ୍ଧୁକ ଉଠାଉଛନ୍ତି। ବେଆଇନ ମାରଣାସ୍ତ୍ର ଚାଲାଣରେ ସଂପୃକ୍ତ ବିହାରୀ ଅପରାଧୀଙ୍କ ଉପରେ କଟକଣା ପ୍ରୟୋଗ କରାଯାଇପାରୁ ନଥିବାରୁ ଛୋଟକାଟର ଅପରାଧୀଙ୍କ ହାତରେ ମଧ୍ୟ ବନ୍ଧୁକ ରହିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁ ଦାଣ୍ଡରେ ଏମଏସ୍‌ରେ କାର୍ଯ୍ୟରତ ସୁଧାଂଶୁ ଖଣ୍ଟିଆଙ୍କୁ ଅଫିସ ଯିବା ବାଟରେ ଅପରାଧୀ ୫ ରାଉଣ୍ଡ ଗୁଳି ଚଳାଇ ହତ୍ୟା କଲେ। ସକାଳ ୮ ଟାର ଘଟଣା, ଜନଗହଳି ରାସ୍ତାରେ କେତେ ନିଡରୁଆ ହେଲେ ଏପ୍ରକାର ଅପରାଧ ଜଣେ ଭିଆଇ ପାରିବ! ଏହା ନିଶ୍ଚୟ ଚିନ୍ତାଜନକ। ଏହାର ପୃଷ୍ଠଭାଗରେ ପାରିବାରିକ ଜମି ବିବାଦ ଥିଲେ ମଧ୍ୟ ଦିବାଲୋକରେ ଗୁଳିମାଡ଼ କିଛି ଛୋଟ ଘଟଣା ନୁହେଁ। ସେହିଭଳି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଚୂନକୋଳି ବସ୍ତିରେ କିଛି ଦୁର୍ବୃତ୍ତ ପଥରରେ ଛେଚି ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ଠିକ୍ ସପ୍ତାହକ ପୂର୍ବରୁ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଆଶ୍ରମରେ ମଧ୍ୟ ଗୁଳିକାଣ୍ଡ ଘଟିଥିଲା। ଅନ୍ୟ ଏକ ସମ୍ବେଦନଶୀଳ ଘଟଣା ହେଲା, ଟ୍ରେନରେ ରାଜଧାନୀକୁ ଆସିଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ଷ୍ଟେସନ୍ ବାହାରେ ଅଟୋକୁ ଅପେକ୍ଷା କରିଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଲୁହାରଡରେ ପିଟି ମୋବାଇଲ ଛଡ଼ାଇ ନେଇଛନ୍ତି। ଇଏ ହେଲା ଠିକେ ଠିକେ କିଛି ଦିନର ରାଜଧାନୀ ଅପରାଧତତ୍ତ୍ୱଙ୍କ କାରନାମା।

ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ହେଉ କି ଚୌଦ୍ୱାର ଜେଲର ସୁରକ୍ଷାବଳୟରୁ ୨ ଜଣ ବିହାର ଅପରାଧୀ ଚମ୍ପଟ ମାରିବା ଭଳି ଖବର ସହ ରାଜ୍ୟରେ ପୁଲିସ ଏସଆଇ ନିଯୁକ୍ତି ପଛରେ ବିପୁଳ ଆର୍ଥିକ କାରବାରକୁ ସଂଯୋଗ କରିଦେଲେ ମନେ ହେବ ସବୁକିଛି ଠିକ୍ ଠାକ୍ ଚାଲିନି। ଚୌଦ୍ୱାର କାରାଗାର ସଂପର୍କରେ ଜେଲ ଡିଆଇଜିଙ୍କ ରିପୋର୍ଟକୁ ଅନୁଶୀଳନ କଲେ ଅସୁରକ୍ଷିତ ବାତାବରଣ ନେଇ ସରକାରଙ୍କ ଅସହାୟତା ବାରି ହୋଇ ପଡ଼ିବ। ଏହା ଶାସନଗତ ଅକ୍ଷମତା ଓ ଅପାରଗତାର ନିଦର୍ଶନ କୁହାଯାଇ ପାରେ। ●

## ଭାରତ-ମଙ୍ଗୋଲିଆ ସମ୍ପର୍କ: ସହଯୋଗର ନୂତନ ଦିଗ

ଡକ୍ଟର ସୁଶାନ୍ତ କୁମାର ପରିଡ଼ା



ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ଓ ମଙ୍ଗୋଲିଆ ଅନେକ ମାଇଲ ଦୂରରେ ଅବସ୍ଥିତ। ତେଣୁ ମନେ ହୁଏ ଯେ ସେମାନଙ୍କ ମଧ୍ୟରେ ମାନସିକ କିମ୍ବା ସାଂସ୍କୃତିକ ସଂଯୋଗ କମ୍ ଥିବ। କିନ୍ତୁ ଇତିହାସ ଅନ୍ୟ କିଛି କହେ। ଏହି ଦୁଇ ଦେଶର ସମ୍ପର୍କର ଭିତ୍ତି ରହିଛି ଧର୍ମ ଓ ଦର୍ଶନରେ, ବିଶେଷକରି ବୌଦ୍ଧଧର୍ମରେ। ଏହି ଆଧ୍ୟାତ୍ମିକ ଯୋଗ ଏବେ ଆସି ୭୦ ବର୍ଷର ରାଜନୈତିକ ଯାତ୍ରାରେ ରଣନୈତିକ ସହଯୋଗର ଆକାର ନେଇଛି। ଚଳିତ ମାସ ଅକ୍ଟୋବର ୧୩ ରୁ ୧୬ ପର୍ଯ୍ୟନ୍ତ ମଙ୍ଗୋଲିଆର ରାଷ୍ଟ୍ରପତି ଉଖନା ଖୁରେଲସୁଖଙ୍କ ଭାରତ ଭ୍ରମଣ ଏହି ଦୀର୍ଘସମ୍ପର୍କରେ ଏକ ନୂଆ ଅଧ୍ୟାୟ ଲେଖିଛି। ଏହି ସମୟରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ରାଜିନାମା ସ୍ୱାକ୍ଷର ହୋଇଛି, ଯାହା ଶିକ୍ଷା, ଶକ୍ତି, ଡିଜିଟାଲ ପ୍ରଯୁକ୍ତି, ସଂସ୍କୃତି, ଖଣିଜ ଓ ସୁରକ୍ଷା ସହଯୋଗରେ ନୂତନ ପଥ ଖୋଲିଛି। ଏଥିରୁ ଜଣାଯାଉଛି ଯେ ସମ୍ପର୍କ କେବଳ ଆଧ୍ୟାତ୍ମିକ ନୁହେଁ, ଏହା ଏବେ ବହୁବିଧ ଦ୍ୱିପାକ୍ଷିକ ସହଯୋଗର ନୂଆ ଅଧ୍ୟାୟ ଗଢ଼ିବାକୁ ଯାଉଛି।

ଭାରତ-ମଙ୍ଗୋଲିଆକୁ ବାନ୍ଧି ରଖିଥିବା ଆତ୍ମିକ ସେତୁ ହେଉଛି ବୌଦ୍ଧ ଧର୍ମ। ଭାରତରୁ ଉତ୍ପତ୍ତି ବୌଦ୍ଧ ଧର୍ମ ମଙ୍ଗୋଲିଆର ଆତ୍ମାର ଅଂଶ। ଆଜି ମଧ୍ୟ ମଙ୍ଗୋଲିଆର ଅଧିକାଂଶ ଜନତା ବୌଦ୍ଧ ଧର୍ମାନୁସାରୀ ଏବଂ ଭାରତର ବୌଦ୍ଧ ପବିତ୍ର ସ୍ଥଳୀମାନଙ୍କୁ ନିଜ ସଂସ୍କୃତିର ଅଂଶ ଭାବେ ସମ୍ମାନ କରନ୍ତି। ଗୌତମ ବୁଦ୍ଧଙ୍କ ଦୁଇ ଶିଷ୍ୟ ସାରିପୁତ୍ତ ଓ ମୌଦ ଗଲାୟାନଙ୍କ ପବିତ୍ର ଅସ୍ଥି ଅବଶେଷ ୨୦୨୬ରେ ମଙ୍ଗୋଲିଆକୁ ପଠାଯିବାର ଯୋଜନା ରହିଛି। ଏହି ପଦକ୍ଷେପ ଭାରତର ବୈଦେଶିକ ନୀତିକୁ ଆହୁରି ସୁଦୃଢ଼ କରୁଛି।

ମଙ୍ଗୋଲିଆ ଚୀନ୍ ଓ ରୁଷିଆ ମଧ୍ୟରେ ଅବସ୍ଥିତ ଏକ ଭୂ-ଆବଦ୍ଧ ଦେଶ। ଏହାର ଭୌଗୋଳିକ ସ୍ଥିତି ଏକ ସୁଯୋଗ ଓ ଆହ୍ୱାନ ସୃଷ୍ଟି କରେ। ଚୀନ୍ ମଙ୍ଗୋଲିଆର ସର୍ବାଧିକ ବ୍ୟବସାୟିକ ସାଥୀ ହେଲେ ମଧ୍ୟ ମଙ୍ଗୋଲିଆର ବିଦେଶ ନୀତି - 'ଥାର୍ଡ ନେଇବର'(ତୃତୀୟ ପଡ଼ୋଶୀ) ମାଧ୍ୟମରେ ଭାରତ, ଜାପାନ ଓ ଆମେରିକା ଭଳି ଦେଶମାନଙ୍କ ସହ ସମତୁଳିତ ସମ୍ପର୍କ ଗଢ଼ିବାକୁ ଚାହୁଁଛି। ଭାରତ ପାଇଁ ମଙ୍ଗୋଲିଆ ଉତ୍ତର-ଏସିଆର ପ୍ରବେଶ ଦ୍ୱାର, ଯେଉଁଠି ରାଜନୈତିକ ସଂଲଗ୍ନତା ଓ ରଣନୀତିକ ସମତୁଳନ ଏକାଧାରରେ ଚାଲିଛି। ଭାରତର 'ଆକ୍ଟ ଇଷ୍ଟ ପଲିସି' ଓ 'କନେକ୍ଟ ସେଣ୍ଟ୍ରାଲ୍ ଏସିଆ' ନୀତି ମଙ୍ଗୋଲିଆର ବୈଦେଶିକ ନୀତି ସହ ସାମଞ୍ଜସ୍ୟ ରଖେ। ଏହି ଭାବେ ଦୁଇଦେଶ ମିଳିତ ଭାବରେ ଏକ ଶାନ୍ତିପୂର୍ଣ୍ଣ ଓ ବହୁଧ୍ରୁବୀୟ ଏସିଆ ଗଢ଼ିବା ଦିଗରେ ବ୍ରତୀ ଅଛନ୍ତି। ଉତ୍ତର-ଏସିଆରେ ନିଜ ଉପସ୍ଥିତି ଜାହିର କରିବା ଏବଂ ଚୀନ୍‌କୈନ୍ଦ୍ରିକ ରାଜନୈତିକ ଆଧିପତ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିହତ କରିବା ଦିଗରେ ଭାରତ ପାଇଁ ଏହା ଏକ ସୁଯୋଗ।

ଭାରତ-ମଙ୍ଗୋଲିଆ ସମ୍ପର୍କର ସବୁଠାରୁ ପ୍ରତୀକାତ୍ମକ ଅଭିନବ ପ୍ରକଳ୍ପ ହେଉଛି ଡର୍ନୋଗୋଭି ତୈଳ ବିଶୋଧନାଗାର, ଯାହା ଭାରତର ୧.୭ ବିଲିୟନ୍ ଡଲାର ଲାଇନ୍ ଅଫ୍ କ୍ରେଡିଟ୍‌ରେ ନିର୍ମାଣ ହେଉଛି। ଏହି ପ୍ରକଳ୍ପ ୨୦୨୮ ରେ ସମାପ୍ତ ହେଲେ, ମଙ୍ଗୋଲିଆ ପାଇଁ ଏହା ଉର୍ଜା ସ୍ୱାଧୀନତାର ପ୍ରଥମ ପଦକ୍ଷେପ ହେବ। ଚୀନ୍ ଓ ରୁଷିଆ ଉପରେ ନିର୍ଭରଶୀଳତାରୁ ମୁକ୍ତ ହୋଇ ଅର୍ଥନୈତିକ ସ୍ୱତନ୍ତ୍ରତା ମିଳିବ। ଏହାସହିତ, ଦୁଇ ଦେଶ ଡିଜିଟାଲ ଟେକ୍ନୋଲୋଜି, ଶିକ୍ଷା, ଖଣିଜ ସମ୍ପଦ ଓ ପୁନର୍ନବୀକରଣ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ତ୍ୱରାନ୍ୱିତ କରିଛନ୍ତି। ଭାରତୀୟ ଆଇଟି କମ୍ପାନୀ ଓ ଶିକ୍ଷା ସଂସ୍ଥାଗୁଡ଼ିକ ମଙ୍ଗୋଲିଆରେ ନିଜ ଉପସ୍ଥିତି ବୃଦ୍ଧି କରୁଛନ୍ତି, ଯାହା 'ଡିଜିଟାଲ ଡିପ୍ଲୋମେସି'ର ନୂତନ ଆକାର।

୨୦୦୪ ଠାରୁ ଚାଲୁଥିବା 'ନୋମାଡିକ୍ ଏଲିଫ୍ୟାଣ୍ଟ'ଯୁକ୍ତ ସେନା ଅଭ୍ୟାସ ଭାରତ-ମଙ୍ଗୋଲିଆ ରକ୍ଷା ସମ୍ପର୍କର ଭିତ୍ତିସ୍ତମ୍ଭ। ୨୦୨୫ର ସଂସ୍କରଣରେ ସାଇବର ସୁରକ୍ଷା ଓ ସୀମା ବଳ ପ୍ରଶିକ୍ଷଣକୁ ଯୋଡ଼ାଯାଇଛି। ଭାରତ ମଙ୍ଗୋଲିଆନ ନାଗରିକଙ୍କ ପାଇଁ ନିଃଶୁଳ୍କ ଭିସା ଆରମ୍ଭ କରିଛି, ଯାହା ଆଧ୍ୟାତ୍ମିକ ପର୍ଯ୍ୟଟନ, ଶିକ୍ଷା ଓ ଲୋକସଂଯୋଗକୁ ବଢ଼ାଇବ। ଲଦାଖ ସ୍ୱୟଂଶାସିତ ପରିଷଦ ଓ ମଙ୍ଗୋଲିଆର ଆରଖାଙ୍ଗାଇ ପ୍ରାନ୍ତ ମଧ୍ୟରେ ହୋଇଥିବା ବୌଦ୍ଧ ସାଂସ୍କୃତିକ ସହଯୋଗ ଦୁଇ ଦେଶର ଆଧ୍ୟାତ୍ମିକ ଓ ସାମାଜିକ ସମ୍ପର୍କକୁ ଆହୁରି ନିବିଡ଼ କରୁଛି। ଏହା ଏକ ଜନକୈନ୍ଦ୍ରିକ କୂଟନୀତି, ଯେଉଁଠି ମାନବିକ ସମ୍ପର୍କ ବୈଦେଶିକ ରଣନୀତିକୁ ଶକ୍ତି ଦେଉଛି।

ଆଞ୍ଚଳିକ ପରିପ୍ରେକ୍ଷାପଟରେ ଭାରତ-ମଙ୍ଗୋଲିଆ ସମ୍ପର୍କ ଅଧିକ ଗୁରୁତ୍ୱ ବହନ କରେ। ଚୀନ୍ ଯେପରି ଏସିଆରେ ନିଜ ପ୍ରଭାବକ୍ଷେତ୍ର ବିସ୍ତାର କରୁଛି ଏବଂ ରୁଷିଆ ଏକ ପୁରୁଣା ସାମ୍ରାଜ୍ୟ ଭାବେ ନିଜ ସ୍ଥାନ ରକ୍ଷା କରୁଛି, ସେହି ଦୃଷ୍ଟିରୁ ଭାରତ-ମଙ୍ଗୋଲିଆ ସମ୍ପର୍କ ଏକ ଶାନ୍ତି ଆଧାରିତ ରଣନୈତିକ ବିକଳ୍ପ ଭାବେ ଆତ୍ମପ୍ରକାଶ କରିଛି। ଭାରତ ଏକ ବିଶ୍ୱାସଯୋଗ୍ୟ ଗଣତାନ୍ତ୍ରିକ ସହଯୋଗୀ ଭାବେ ଉତ୍ତର-ଏସିଆରେ ନୂତନ ନେତୃତ୍ୱ ନେଉଛି, ଯେଉଁଠି ମଙ୍ଗୋଲିଆ ସହ ଆଧ୍ୟାତ୍ମିକ ସଂଯୋଗ ରଣନୀତିକ ସମ୍ପର୍କକୁ ଗଭୀର କରୁଛି। କିପରି ଧର୍ମ, ଦର୍ଶନ ଓ ରାଜନୀତି ଏକସଙ୍ଗରେ ଚାଲିପାରେ, ଭାରତ-ମଙ୍ଗୋଲିଆ ସମ୍ପର୍କ ତାହାର ଏକ ଉତ୍ତମ ଉଦାହରଣ। ଏହି ସମ୍ପର୍କ ଭାରତର ବସୁଧୈବ କୁଟୁମ୍ବକମ୍ ଦୃଷ୍ଟିକୋଣର ପ୍ରତୀକ, ଯେଉଁଠି ଆଧ୍ୟାତ୍ମିକ ମୂଲ୍ୟ ଓ ରଣନୀତିକ ବାସ୍ତବତା ଏକ ସାଧାରଣ ସୂତ୍ରରେ ଗଢ଼ିଉଠିଛି। ୭୦ ବର୍ଷର ଏହି ସମ୍ପର୍କ ଭାରତ ଓ ମଙ୍ଗୋଲିଆ ପାଇଁ କେବଳ ଇତିହାସ ନୁହେଁ, ଭବିଷ୍ୟତ ସଂକଳ୍ପର ଭିତ୍ତି।

ମଙ୍ଗୋଲିଆ-ଭାରତ ସମ୍ପର୍କର ନୂତନ ପରିଚୟ କେବଳ ରାଜନୈତିକ କିମ୍ବା ଆର୍ଥିକ ସଂଯୋଗରେ ସୀମିତ ନୁହେଁ। ଏହା ଭୌଗୋଳିକ ସମତୁଳନ, ଆଧ୍ୟାତ୍ମିକ ଶକ୍ତି, ଉର୍ଜା ଓ ଅର୍ଥନୀତିକ ସହଯୋଗ, ସୁରକ୍ଷା ଓ ସାଂସ୍କୃତିକ ସଂଯୋଗର ସମ୍ମିଳିତ ରୂପ। ମଙ୍ଗୋଲିଆ ଛୋଟ ଦେଶ ହେଲେ ମଧ୍ୟ ତାଙ୍କର ସ୍ଥାନ, ସାମରିକ ଶକ୍ତି ଓ ସାଂସ୍କୃତିକ ପରମ୍ପରା ଭାରତ ପାଇଁ ମହତ୍ତ୍ୱପୂର୍ଣ୍ଣ। ଏହି ସଂଯୋଗର ନୂତନ ଅଧ୍ୟାୟ ଏକ ପ୍ରତୀକ ଯେ ଛୋଟ ଦେଶ ମଧ୍ୟ ଜ୍ଞାନ, ସଂସ୍କୃତି, ଧର୍ମ ଓ ରଣନୀତିକ ସମର୍ଥନ ମାଧ୍ୟମରେ ବିଶ୍ୱରେ ମହତ୍ତ୍ୱ ରଖିପାରିବ। ଏହି ସମ୍ପର୍କ ଦୃଢ଼ ରହିଲେ, ଏକ ଛୋଟ ଦେଶ ମଧ୍ୟ ମହାଶକ୍ତି ସହିତ ସମାନ ଭାବରେ ଆଲୋଚିତ ହୋଇପାରିବ। ●

(ବିଭାଗୀୟ ମୁଖ୍ୟ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା),
ମୋ: ୯୪୩୭୨୧୦୪୫୮

## ଗଣତନ୍ତ୍ର ଓ ଗଣଚେତନା

ଡ ଚନ୍ଦ୍ରକଳା ନାୟକ




ଦୁଇଶହ ବର୍ଷ ତଳେ ସଂଗଠିତ ଫରାସୀ ବିପ୍ଳବର ମୂଳ ଲକ୍ଷ୍ୟ ଥିଲା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ପ୍ରତିଷ୍ଠା। ସାରା ପୃଥିବୀରେ ରାଜତନ୍ତ୍ର ବିରୋଧରେ ନୂଆ ପଥ ଯୋଗାଇ ଦେଇଥିଲା ଏଇ ତିନୋଟି ଶବ୍ଦ। ଶାସନତନ୍ତ୍ରରେ ପରିବର୍ତ୍ତନ ହେଲା। ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ଗଣତନ୍ତ୍ର ଶାସନରେ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ କରିବା ସଙ୍ଗେ ସଙ୍ଗେ ସମଷ୍ଟିଗତ ପ୍ରଗତି ହିଁ ଏ ଶାସନର ମୂଳ ଲକ୍ଷ୍ୟ।

ଲୋକପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶର ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ଓ ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶମାନଙ୍କରେ ଗଣତନ୍ତ୍ର ସେତେ ସୁଦୃଢ଼। ଦୋଷଗୁଣ, କାର୍ଯ୍ୟକଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା, ସଚ୍ଚୋଟପଣିଆ ଓ ଦକ୍ଷତା ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ପ୍ରତିନିଧି ବାଛିବା ପ୍ରତ୍ୟେକ ଭୋଟରଙ୍କ କର୍ତ୍ତବ୍ୟ। ଆମ ଦେଶର ଅଭିଜ୍ଞତାରୁ ମନେ ହୁଏ, ଏହା ଆଲୋଚନା କରିବା କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବହୁପଛରେ। ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରିର ପତ୍ରକୁଡ଼ିଆ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନା ବିଳାସ। କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷା ବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର 'ଆକାଶ କୁସୁମ ଚିଲିକା ମାଛ' ପରି ସ୍ୱପ୍ନିଳ।

ଯେଉଁ ଦେଶର ନାଗରିକ ନିଜ ଅଧିକାର ଓ କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶମାନଙ୍କରେ ଗୁଣ ଅପେକ୍ଷା ଅପପ୍ରଚାର ବିଶେଷ କାମ କରେ। ବହୁବିଧ ଅସମାନତା ତଥା ଉପେକ୍ଷାକୁ ସାମୂହିକ ଜୀବନରେ ମୁଖ୍ୟ ମୀମାଂସକ ରୂପେ ଯୋଡ଼ି ରଖିଥିବା ସ୍ୱାର୍ଥୀପକ୍ଷଟି ସର୍ବଦା କ୍ଷମତା ଦଖଲ କରି ଆପଣାର ବିଶେଷ ସ୍ୱାର୍ଥ ସାଧନରେ ବ୍ୟବହାର କରିଆସିଛନ୍ତି। ପୃଥିବୀରେ ଶାସନସ୍ତରୀୟ ଗଢ଼ଣଗୁଡ଼ିକ ରାଜତନ୍ତ୍ରରୁ ଗଣତନ୍ତ୍ର ଚେହେରାକୁ ବଦଳି ଯାଇଥିଲେ ମଧ୍ୟ ପୁରୁଣା ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ହୋଇ ରହୁଛନ୍ତି। ଦେଶର ଅଶିକ୍ଷା, ଦାରିଦ୍ର୍ୟ, ରୋଗ ପ୍ରପୀଡ଼ିତ ବ୍ୟବସ୍ଥା କୋଟି କୋଟି ମନୁଷ୍ୟଙ୍କ ଭାଗ୍ୟକୁ କାମୁଡ଼ି ଧରିଛି।

ଭାରତର ଗଣତନ୍ତ୍ରର ପ୍ରଥମ କାଳରେ ବିପ୍ଳବୀମାନଙ୍କର ଯେଉଁ ଆଭିମୁଖ୍ୟ ଥିଲା, ପରବର୍ତ୍ତୀ ସମୟରେ ବଦଳିଗଲା। ସମଗ୍ର ଭାରତ ଭୂଖଣ୍ଡରୁ ଶୋଷଣ ଓ ଯାବତୀୟ ଆନୁସଙ୍ଗିକ ଅସମାନତାକୁ ଦୂର କରିବାର ସେହି ପ୍ରଥମ ଲକ୍ଷ୍ୟଟି ଧୀରେ ଧୀରେ ଗୌଣ ହୋଇଗଲା। ଗଣତନ୍ତ୍ର ଶାସନର ସଫଳ ପ୍ରତିଫଳନ ମରୀଚିକା ପରି ହାତଛଡ଼ା ହେଲା। କେବଳ କ୍ଷମତା ଲୋଭରେ ଜନପ୍ରତିନିଧି ହେବାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା। ବାଜା ବଜାଇ, ନାଚ ଗୀତ କରି, ସଭା ସମିତିରେ ଛାତି ପିଟି ବାହୁସ୍ଫୋଟ ମାରି, ମିଛ ପ୍ରତିଶ୍ରୁତି ଛାଡ଼ି, ଧନ ଆଶ୍ରୟ ନେଇ, ଲୋକଙ୍କୁ ଭୟ ଦେଖାଇ, ଅପପ୍ରଚାର ବଳରେ କଳାକୁ ଧଳା ଓ ଧଳାକୁ କଳା କରିବାକୁ ଚେଷ୍ଟା ଆରମ୍ଭ ହୋଇଗଲା।

ସାଧାରଣ ଜନତା ଯେତେବେଳେ ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ହରାଇ ବସନ୍ତି, ସେଠାରେ ଅପପ୍ରଚାରର ହିଁ ଜୟ ହୁଏ। ଆଜି ଆମ ଦେଶରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ସଜ ମାଛରେ ବି ପୋକ ପକାଇପାରିବେ। ତା' ସାଙ୍ଗକୁ ପ୍ରଚାରପତ୍ର, କାନ୍ଥବାଡ଼ ଲେଖା, ଆଧୁନିକ ସଙ୍ଗୀତ, ସିନେମା, ରେଡିଓ, ସଭାସମିତି, ଶୋଭାଯାତ୍ରା ଓ ଡିଜିଟାଲ ମାଧ୍ୟମରେ ଅନେକ ନୂତନ ଆଧୁନିକ ଢଙ୍ଗରେ ଏହି ପ୍ରଚାର ଅସ୍ତ୍ର ସାଧାରଣ ଆଖିକୁ ଚମକାଇ ଦେଉଛି। ଯେଉଁଠାରେ ଶିକ୍ଷିତ ଭୋଟର ଉଦାସୀନ, ସେହିଠାରେ ଅନେକ କ୍ଷେତ୍ରରେ କେବଳ ଅପପ୍ରଚାର ଦ୍ୱାରା ଜନପ୍ରତିନିଧିମାନଙ୍କ ଜୟ ହୋଇଥାଏ। ଏହିପରି ଅସତ ଉପାୟରେ, ଅପପ୍ରଚାର ଶକ୍ତି ବଳରେ ଜିଣିଥିବା ଗୁଣହୀନ ଓ ନୀତିହୀନ କେତେକ ଜନପ୍ରତିନିଧି ନିଜ ହାତରେ କ୍ଷମତା ପାଇ ଦେଶର ଗରୀବ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିବା ମାଙ୍କଡ଼ ଓ ଦୁଇ ବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିବା ନ୍ୟାୟରେ ଚାଲିଛି। ତରାଜୁର ଦୁଇପଟ ଖାଲି ହେବା ପରେ ବିଚରା ଜନତା ଜନାର୍ଦ୍ଦନ ଜଳକା ରହିବା ହିଁ ସାର ହେଉଛି। ଆଜିକାଲିର ଜନପ୍ରତିନିଧି ଠିକ 'ବାଉଁଶରାଣୀ'ର ଖେଳ ପରି ଦିଗ ପରିବର୍ତ୍ତନ ବି କରୁଛନ୍ତି। ଥରେ ଏହି ଖେଳ ଭାଙ୍ଗିଗଲେ ପୁଣି ନୂଆ ଅଭିନୟ ଆରମ୍ଭ ହେଉଛି, ଠିକ ପୂର୍ବପରି ଢଙ୍ଗରେ। ଫରକ ଏତିକି, ସେଇ ଜନତା, ସେଇ ନେତା, ସେଇ ଖେଳ, ସେଇ ଭ୍ରଷ୍ଟାଚାର। ବ୍ୟବଧାନ କେବଳ ସମୟ। ଯେଉଁ ଲୋକପ୍ରତିନିଧି କିଛି ଅର୍ଥ, ଉପହାର, ଭୋଜିଭାତ ଦ୍ୱାରା ଜନତାଙ୍କ ମୁଣ୍ଡ କିଣିଥାଏ ସେହି ପ୍ରତିନିଧି କିପରି ସଚ୍ଚୋଟପଣିଆକୁ ଆପଣେଇ ପାରିବ ଗଣତନ୍ତ୍ର ବା ଏଥିପାଇଁ ଦୋଷୀ କାହିଁକି ହେବ?

ଗଣତନ୍ତ୍ର ଶ୍ରେଷ୍ଠ ଶାସନ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କଥାରେ ଅଛି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ତାହା ହିଁ ପାଏ। ଆଜି ପ୍ରତ୍ୟେକ ଜନସାଧାରଣ ସେମାନଙ୍କ ଅବସ୍ଥା ପାଇଁ ନିଜେ ହିଁ ଦାୟୀ। ଆତ୍ମସମୀକ୍ଷା ନକରି ଗଣତନ୍ତ୍ରକୁ ଦୋଷ ଦେବା ଆଦୌ ଗ୍ରହଣୀୟ ନୁହେଁ। ଅର୍ଥ, ଖାଦ୍ୟ, ପଦପଦବୀ ଲାଳସାରେ ଆଜି ସାଧାରଣ ଜନତା ନିଜେ ନିଜ ବିବେକକୁ ବନ୍ଧା ପକାଇବା ହିଁ ଗଣତନ୍ତ୍ର ପାଇଁ ସଙ୍କଟ ସୃଷ୍ଟି କରୁଛି। ଗଣଶିକ୍ଷା ଓ ଗଣଚେତନାକୁ ଜାଗ୍ରତ ନକରି ପାରିବା ଆମମାନଙ୍କର ପ୍ରଥମ ଦୁର୍ବଳତା। ●

(ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ)
ଛତିଆ, ମୋ: ୯୪୩୭୯୫୭୬୧୭

## ପୁତନା ମନ୍ଦିର

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପୌରାଣିକ କଥା ଅନୁସାରେ ପୁତନା ପୂର୍ବଜନ୍ମରେ ଦାନବୀର ରାଜା ବଳିଙ୍କ ପୁତ୍ରୀ ରତ୍ନମାଳା ଭାବେ ଜନ୍ମ ନେଇଥିଲେ। ବଳି ବଧ ପାଇଁ ଶ୍ରୀବିଷ୍ଣୁ ଗ୍ରହଣ କରିଥିବା ବାମନ ଅବତାର ଦର୍ଶନ କରି ତାଙ୍କୁ ପୁତ୍ର ଭାବେ ପ୍ରାପ୍ତ କରିବା ପାଇଁ ରତ୍ନମାଳା ବରଦାନ ମାଗିଥିଲେ। ରତ୍ନମାଳାଙ୍କ ବାତ୍ସଲ୍ୟ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ ଯେ, ଦ୍ୱାପର ଯୁଗରେ ସେ ବାଳକୃଷ୍ଣଙ୍କ ମାତା ହେବାର ସୌଭାଗ୍ୟ ଲାଭ କରିବେ। ତେଣୁ ପୁତନା କିଛିକ୍ଷଣ ପାଇଁ ବାଳକୃଷ୍ଣଙ୍କୁ ମାତା ଭାବେ ସ୍ତନ୍ୟପାନ କରାଇବାର ସୁଯୋଗ ଲାଭ କରିଥିଲେ।

ଦ୍ୱାପର ଯୁଗରେ ବାଳକୃଷ୍ଣଙ୍କୁ ବଧ କରିବା କଂସ ପୁତନା ନାମ୍ନୀ ରାକ୍ଷସୀକୁ ଗୋପପୁର ପଠାଇଥିଲା। ପୁତନା ରୂପସୀର ଛଦ୍ମବେଶ ଧାରଣ କରି ଆସିଥିଲା। ଶ୍ରୀକୃଷ୍ଣଙ୍କୁ ମର୍ତ୍ତ୍ୟମଣ୍ଡଳରେ ଦର୍ଶନ କରିବା ସହିତ ବାଳକୃଷ୍ଣଙ୍କୁ ସ୍ତନ୍ୟପାନ କରିବାକୁ ସୁଯୋଗ ଦେବାକୁ ସେ ମାତା ଯଶୋଦାଙ୍କୁ ଅନୁରୋଧ କଲେ। ମାତା ଯଶୋଦା ବାଳକୃଷ୍ଣଙ୍କୁ ପୁତନାଙ୍କ କୋଳକୁ ଦେଇଥିଲେ। ପୁତନା ତାଙ୍କ ସ୍ତନରେ ଥିବା କାଳକୂଟ ବିଷ ଦ୍ୱାରା ବାଳକୃଷ୍ଣଙ୍କ ବଧ କରିବେ ବୋଲି ଯୋଜନା କରିଥିଲେ। କିନ୍ତୁ ବାଳକୃଷ୍ଣ କ୍ଷୀର ସହ ପୁତନାଙ୍କ ପ୍ରାଣ ହରଣ କରି ନେଲେ। ଏହାପରେ ରାକ୍ଷସୀ ପୁତନା ଚିତ୍କାର କରି ନିଜ ବିକଟାଳ ରୂପ ଧାରଣ କରି ମୃତ୍ୟୁବରଣ କଲେ। ଗୋପପୁରବାସୀ ଏହା ଦେଖିବା ପରେ ଭୟଭୀତ ହେବା ସହିତ ବାଳକୃଷ୍ଣଙ୍କୁ ପୁତନାଙ୍କ ଛାତି ଉପରୁ ଉଠାଇ ଆଣିଲେ ଏବଂ ପୁତନାଙ୍କ ଦାହ ସଂସ୍କାର କରିଥିଲେ। ଶ୍ରୀକୃଷ୍ଣଙ୍କ ସ୍ପର୍ଶ ପାଇଥିବାରୁ ସଂସ୍କାର ସମୟରେ ପୁତନାଙ୍କ ଶରୀରରୁ ଚନ୍ଦନର ସୁଗନ୍ଧ ବାହାରିଥିଲା। ତେଣୁ ପୁତନାଙ୍କୁ ଗୋପବାସୀ ଦେବୀତୁଲ୍ୟ ବିଚାର କରିଥିଲେ। ଯେଉଁ ସ୍ଥାନରେ ପୁତନା ମୋକ୍ଷ ଲାଭ କରିଥିଲେ, ସେହି ସ୍ଥାନରେ ପୁତନାଙ୍କ ମନ୍ଦିର ନିର୍ମାଣ କରାଯାଇଛି। ଏହି ମନ୍ଦିରରେ ବର୍ତ୍ତମାନ ସମୟରେ ମଧ୍ୟ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଏ। ବିଶେଷ ଭାବେ ସନ୍ତାନମାନଙ୍କର ମଙ୍ଗଳକାମନା କରି ସେଠାରେ ପୁତନାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥା'ନ୍ତି।

ଉତ୍ତରପ୍ରଦେଶର ମଥୁରା(ଗୋପପୁର) ଅନ୍ତର୍ଗତ ମହାବନ୍ ଅଞ୍ଚଳରେ ପୁତନା ମନ୍ଦିର ଅଛି। ଏଠାରେ ରାକ୍ଷସୀ ରୂପରେ ପୁତନାଙ୍କର ଏକ ବିଶାଳ ଶୟନମୁଦ୍ରାର ପ୍ରତିମା ରହିଛି, ଯାହାର ଛାତି ଉପରେ ବାଳକୃଷ୍ଣ ସ୍ତନ୍ୟପାନ କରୁଥିବା ଦେଖାଯାଏ। ସେଠାରେ ପୁତନାଙ୍କୁ ମା' ରୂପରେ ପୂଜା କରାଯାଉଛି। ଯମୁନା ତଟବର୍ତ୍ତୀ ଏହି ମନ୍ଦିର 'ପୁତନା ଉଦ୍ଧାର ସ୍ଥଳ' ଭାବେ ମଧ୍ୟ ପରିଚିତ। ପଶ୍ଚିମବଙ୍ଗ ଅଞ୍ଚଳରେ ଅନ୍ୟ ଏକ ପୁତନା ମନ୍ଦିର ରହିଥିଲେ ମଧ୍ୟ ମଥୁରାର ପୁତନା ମନ୍ଦିରକୁ ମୁଖ୍ୟ ମନ୍ଦିରର ମାନ୍ୟତା ମିଳିଛି। ପଶ୍ଚିମବଙ୍ଗର ହୁଗୁଳିଠାରେ ଥିବା ପୁତନା ମନ୍ଦିରକୁ 'ରାକ୍ଷସୀବାଡ଼ି' କୁହାଯାଏ। ଏଠାରେ ରାଧାକୃଷ୍ଣଙ୍କ ସହିତ ପୁତନାଙ୍କର ମୂର୍ତ୍ତି ପୂଜା ପାଇଥା'ନ୍ତି। ଅଧିକାରୀ ପରିବାରର ବହୁ ପୁରୁଣା ଘରେ ସ୍ଥିତ ଏହି ମନ୍ଦିରରେ କ୍ରମାଗତ ଚାରିପିଢ଼ି ଧରି ପୂଜା କରି ଆସୁଛନ୍ତି। ଏହି ମନ୍ଦିରରେ ମଧ୍ୟ ସନ୍ତାନମାନଙ୍କ କଲ୍ୟାଣାର୍ଥେ ପୂଜାର୍ଚ୍ଚନା କରାଯାଏ।

ଏତଦ୍‌ବ୍ୟତୀତ ଭାରତୀୟ ଚିକିତ୍ସା ପଦ୍ଧତି ଅନ୍ତର୍ଗତ କେତେକ ଗ୍ରନ୍ଥ ଓ ସୁଶ୍ରୁତ ସଂହିତାରେ ପୁତନାଙ୍କୁ କଳାବର୍ଣ୍ଣଯୁକ୍ତ, ବଡ଼ ଓ ଖୋଲା ପାଟି, ଆଗକୁ ବାହାରିଥିବା ଆସୁରିକ ଦାନ୍ତଯୁକ୍ତ, ଖୋଲା କେଶ, ମଇଳା ବସ୍ତ୍ର ପରିଧାନଯୁକ୍ତ, ଦେହରୁ ଦୁର୍ଗନ୍ଧ ବାହାରୁଥିବା ଏବଂ ଭଙ୍ଗାଘରେ ରହୁଥିବା ଶିଶୁରୋଗ ସୃଷ୍ଟିକାରୀ ଦୁଷ୍ଟ ମାତୃକାଗଣ ଓ ଗ୍ରାହିଣୀ ଭାବେ ବର୍ଣ୍ଣନା କରାଯାଇଛି। ତେଣୁ ପୁତନାଙ୍କ ଉଦ୍ଦେଶ୍ୟରେ ଗୋବର, ମାଛ, ଚାଉଳରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ, ପେଡ଼ା ହୋଇଥିବା ତେଲ ଓ ମଦିରା ଅର୍ପଣ କରି ଶିଶୁରୋଗ ମୁକ୍ତ କରିବା ପାଇଁ ଅନେକ ସ୍ତୁତି, ଶ୍ଳୋକ ଓ ପୂଜାପଦ୍ଧତି ରହିଛି। ଆୟୁର୍ବେଦର ଏକ ଶାଖା 'କୁମାର ତନ୍ତ୍ର' ଅନୁସାରେ ଶିଶୁଙ୍କୁ ଦୁଗ୍ଧ ସମ୍ବନ୍ଧୀୟ ରୋଗର ଚିକିତ୍ସା ନିମନ୍ତେ ପୁତନାଙ୍କ ଉଦ୍ଦେଶ୍ୟରେ ସ୍ତୁତିପାଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। 'କୁମାରତନ୍ତ୍ର'ରେ ଉଲ୍ଲେଖ ଅଛି ଯେ, ଶିଶୁକୁ ଜନ୍ମର ତୃତୀୟ ଦିନ କିମ୍ବା ତୃତୀୟ ମାସ କିମ୍ବା ତୃତୀୟ ବର୍ଷ ଯାହା କିଛି ରୋଗ ହୁଏ, ତାହା କେବଳ ପୁତନା ଗ୍ରାହିଣୀ ପାଇଁ ହୋଇଥାଏ। ତେଣୁ ଆୟୁର୍ବେଦୀୟ ଅନୁଷ୍ଠାନ ଦ୍ୱାରା ପୁତନାଙ୍କ ପୂଜା କରି ଶିଶୁକୁ ରୋଗମୁକ୍ତ କରାଯାଏ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁଲିସର ବେପରୁଆ ପାର୍କିଂ ନେଲା ୨ ଜୀବନ

ବାହାନଗା, ୧୬।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ପୁଲିସର ବେପରୁଆ କାର୍ଯ୍ୟ ପାଇଁ ଆଜି ୨ଟି ଜୀବନ ଅକାଳରେ ଝରିପଡ଼ିଥିବା ନେଇ ଅଭିଯୋଗ ହୋଇଛି। ଜାତୀୟ ରାଜପଥକୁ ଲାଗି ଥାନା ସମ୍ମୁଖରେ ପୁଲିସ ଜବତ ଗାଡ଼ି ପାର୍କିଂ କରୁଥିବାରୁ ଆଜି ଏପରି ଏକ ଅଘଟଣ ଘଟିଛି। ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଖବର ଲେଖା ହେବା ସୁଦ୍ଧା ମୃତାହତଙ୍କ ପରିଚୟ ମିଳିପାରିନାହିଁ।

ସୂଚନାନୁଯାୟୀ, ଖନ୍ତାପଡ଼ା ଥାନା ପରିସରରେ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ପୁଲିସ ବିଭିନ୍ନ ସମୟରେ ଜବତ କରୁଥିବା ଦୁର୍ଘଟଣାଗ୍ରସ୍ତ ଏବଂ ଚୋରା ଲଘୁ ଖଣିଜ

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ୨ ସଂକଟାପନ୍ନ

ପଦାର୍ଥ ପରିବହନ ଗାଡ଼ିଗୁଡ଼ିକୁ ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଛିଡ଼ା କରୁଛି। ଏପରିସ୍ଥଳେ ଗତ ୧୪ତାରିଖରେ ୨ଟି ବାଲି ଡମ୍ପର୍ ଏବଂ ଗୋଟିଏ ଟ୍ରାକ୍ଟର୍‌କୁ ଜବତ କରି ଥାନା ସମ୍ମୁଖ ରାସ୍ତା ଉପରେ ରଖିଥିଲା। ପୁରୀ ବୁଲିବାକୁ ଆସିଥିବା ପୂର୍ବମେଦିନୀପୁର ଅଞ୍ଚଳର ୪ଜଣ ଆଜି ଦିନ ପ୍ରାୟ ୧୧ଟାରେ ପଶ୍ଚିମବଙ୍ଗ ଅଭିମୁଖେ ଫେରୁଥିବା ବେଳେ ଉକ୍ତ ଡମ୍ପର୍‌କୁ ସେମାନଙ୍କ କାର୍‌ଟି ପଛରୁ ଧକ୍କା ଦେଇଥିଲା। ଏଥିରେ କାର୍‌ରେ ଥିବା ୪ ଜଣ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସରେ ସମସ୍ତଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜଣେ ଯୁବକ ଏବଂ ଜଣେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ପୁରୁଷ ଏବଂ ଅନ୍ୟ ଜଣେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ରହିଛି। ପୁଲିସ ଶବଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି। ପୁଲିସର ବେପରୁଆ ପାର୍କିଂ ପାଇଁ ୨ଜଣଙ୍କ ଜୀବନ ଯାଇଥିବାରୁ ସାଧାରଣରେ ପୁଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

# 'ଲଢ଼େଇ' ରିଲିଜ୍‌ରେ ସେନସର୍ ରୋକ୍

ଭୁବନେଶ୍ୱର, ୧୬।୧୦ (ସମିସ): ନବାଗତ ଅଭିନେତାଙ୍କୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା 'ଲଢ଼େଇ'ର ରିଲିଜ୍‌କୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ଅଧୀନ ଓଡ଼ିଶା ସେନସର୍ ବୋର୍ଡ ସ୍ଥଗିତ କରିଛି। ଦୀପାବଳି ଉପଲକ୍ଷେ

■ ସମୀକ୍ଷା ପାଇଁ ମୁମ୍ବାଇ ପଠାଗଲା
■ ପକ୍ଷପାତ ଅଭିଯୋଗ ଆଣିଲେ ପ୍ରଯୋଜକ, ନିର୍ଦ୍ଦେଶକ

ଆସନ୍ତାକାଲି ଅର୍ଥାତ୍ ୧୭ତାରିଖରେ ରିଲିଜ୍ ହେବାକୁ ଥିବା ଏହି ସିନେମାରେ ମାତ୍ରାଧିକ ହିଂସାତ୍ମକ ଦୃଶ୍ୟ ଥିବା ଦର୍ଶାଇ ରାଜ୍ୟ ସେନସର୍ ବୋର୍ଡ ଏହାକୁ 'ଏ' ବର୍ଗର ସାର୍ଟିଫିକେଟ୍ ନ ଦେବା ସହ ଏହାର ସମୀକ୍ଷା ପାଇଁ ମୁମ୍ବାଇ ପଠାଇଛି। ଫଳରେ ସିନେମାର ରିଲିଜ୍ ସ୍ଥଗିତ ରହିଥିବା ସିନେମାର ପ୍ରଯୋଜକ, ନିର୍ଦ୍ଦେଶକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସିନେମାର ମୁକ୍ତିଲାଭ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ସେନସର୍ ବୋର୍ଡର ଏହି ନିଷ୍ପତ୍ତି ଦର୍ଶକଙ୍କୁ ନିରାଶ କରିଛି ବୋଲି କହିଛନ୍ତି ପ୍ରଯୋଜକ ଦେବାଶିଷ ପଟ୍ଟନାୟକ।

ସେ କହିଛନ୍ତି, ନିକଟ ଅତୀତରେ ମୁକ୍ତିଲାଭ କରିଥିବା 'ଆନିମଲ୍' ପରି ଅନେକ ହିନ୍ଦୀ ଏବଂ ଅନ୍ୟ ଭାଷାରେ ନିର୍ମିତ ଚଳଚ୍ଚିତ୍ରରେ ହିଂସାତ୍ମକ ଦୃଶ୍ୟ ରହିଛି। ଅତ୍ୟଧିକ ହିଂସା ଦୃଶ୍ୟ ଥିବା ସତ୍ତ୍ୱେ ହିନ୍ଦୀ, ତେଲୁଗୁ, କନ୍ନଡ଼ ଆଦି ଚଳଚ୍ଚିତ୍ର କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ



ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍‌ରୁ ଅନୁମତି ପାଇଛନ୍ତି। ଖାଲି ସେତିକି ନୁହେଁ, ଉକ୍ତ ଚଳଚ୍ଚିତ୍ରଗୁଡ଼ିକ ଆମ ରାଜ୍ୟର ଦର୍ଶକଙ୍କଠାରୁ କୋଟିକୋଟି ଟଙ୍କା ଆୟ ମଧ୍ୟ କରିଛନ୍ତି। ହେଲେ ସାମାନ୍ୟ ହିଂସା ଦୃଶ୍ୟ ପାଇଁ ଓଡ଼ିଆ ସିନେମା 'ଲଢ଼େଇ'କୁ 'ଏ' ବର୍ଗର ସାର୍ଟିଫିକେଟ୍ ନଦେଇ ସମୀକ୍ଷା ପାଇଁ ମୁମ୍ବାଇ ପଠାଇ ଦିଆଯିବା ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତାଙ୍କୁ ଆଶ୍ଚର୍ଯ୍ୟ ଓ ନିରାଶ କରିଛି।

ନିର୍ଦ୍ଦେଶକ ଅଶୋକ ପତି ପ୍ରଶ୍ନ କରିଛନ୍ତି ଯେ ହିନ୍ଦୀ, କନ୍ନଡ଼, ତେଲୁଗୁ ସିନେମା ଅତ୍ୟଧିକ ହିଂସା ଦୃଶ୍ୟ ଥାଇ ମଧ୍ୟ କିପରି ଓଡ଼ିଶାରେ ସେହି ଜାତୀୟ ସଂସ୍ଥା ଦ୍ୱାରା ସ୍ୱୀକୃତି ପାଇ ପ୍ରଦର୍ଶିତ ହୋଇପାରୁଛି। ଏପରି ପକ୍ଷପାତିତା ଯୋଗୁଁ ଓଡ଼ିଆ ପ୍ରଯୋଜକଙ୍କ ମନୋବଳ ଭାଙ୍ଗିଯାଉଛି ବୋଲି ବିଶିଷ୍ଟ ପ୍ରଯୋଜକ ସଞ୍ଜୟ ନାୟକ କହିଛନ୍ତି।

ବରିଷ୍ଠ ସାମ୍ବାଦିକ, ସିନେସମୀକ୍ଷକ ଏବଂ ଜାତୀୟ ମିଡିଆ ଫାଉଣ୍ଡେସନ୍ (ଏନଏମଏଫ୍) ର ରାଜ୍ୟ ମୁଖପାତ୍ର ଶ୍ୟାମାପ୍ରସାଦ ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ସଂସ୍ଥା ଭାରତ ବର୍ଷରେ ସେନ୍ସର୍ ପାଇଁ ଗୋଟିଏ ନୀତି ଆଣିବା ଆବଶ୍ୟକ। କାରଣ ଭେଦଭାବ ଓଡ଼ିଆ ପ୍ରଯୋଜକଙ୍କୁ କ୍ଷତି ପହଞ୍ଚାଇବ। ତେବେ 'ଲଢ଼େଇ' ନିର୍ଦ୍ଧାରିତ ସମୟରେ ମୁକ୍ତିଲାଭ କରିପାରୁନଥିବାରୁ ପ୍ରଯୋଜକ ଏଥିପାଇଁ ଦର୍ଶକଙ୍କୁ କ୍ଷମା ମାଗିଛନ୍ତି।

# ନିଯୁକ୍ତି ଆବେଦନ ପାଇଁ ଫି' ଦେବେ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୫।୧୦ (ସମିସ): ନିଯୁକ୍ତି ପାଇଁ ଆବେଦନ କରୁଥିବା ଆଶାୟୀ ପ୍ରାର୍ଥୀଙ୍କୁ ଏଣିକି ଫି' ଦେବାକୁ ପଡ଼ିବ। ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପକ୍ଷରୁ ଫି' ନିର୍ଦ୍ଧାରଣ

■ ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି
■ ପରୀକ୍ଷାରେ ଉପସ୍ଥିତ ରହିଲେ ଫି' ଫେରସ୍ତ
■ ଏସ୍‌ସି/ଏସ୍‌ଟି ଓ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା
■ ପରୀକ୍ଷା ପରିଚାଳନାରେ ସଂସ୍କାର ପାଇଁ ପଦକ୍ଷେପ

କରାଯିବ। ତେବେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗ ସହ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ କୌଣସି ଫି' ଦେବାକୁ ପଡ଼ିବ ନାହିଁ। ସେହିପରି ଫି' ଦେଇଥିବା ପ୍ରାର୍ଥୀ ପରୀକ୍ଷାରେ ଉପସ୍ଥିତ ରହିଲେ, ତାଙ୍କ ଫି' ଫେରସ୍ତ କରାଯିବ। ଏନେଇ ଏକ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି।

ନିଯୁକ୍ତି ପରୀକ୍ଷା ପାଇଁ ଆବେଦନ କରୁଥିବା ବହୁ ଆଶାୟୀ ପରୀକ୍ଷା ଦେଉନାହାନ୍ତି। ଏପରିକି, ଅଧାରୁ ଅଧିକ ପ୍ରାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ରହୁଛନ୍ତି। ଏପରି ଖାମଖିଆଲ ମନୋଭାବ ରଖି ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ମନ୍ଥର ହେଉଛି। ପରୀକ୍ଷା ବ୍ୟବସ୍ଥା କରିବାକୁ ବ୍ୟାପକ ରାଜସ୍ୱ ଖର୍ଚ୍ଚ ହେଉଥିବା ବେଳେ ଏହା ସମୟସାପେକ୍ଷ ମଧ୍ୟ। ତେଣୁ ଆବେଦନ ସମୟରେ ଫି' ଲାଗୁ ହେଲେ ଏସବୁ ସମସ୍ୟାରେ ସୁଧାର ଆସିପାରିବ। ପରୀକ୍ଷା ଦେଉଥିବା ପ୍ରାର୍ଥୀଙ୍କୁ କୌଣସି ଆର୍ଥିକ ବୋଝ ରହିବ ନାହିଁ। ପରୀକ୍ଷାରେ ଉପସ୍ଥିତ ରହିଲେ ଶତପ୍ରତିଶତ ଫି' ଫେରସ୍ତ କରାଯିବ। ଆବେଦନ କରି ପରୀକ୍ଷା ଦେଉ ନଥିବା ପରୀକ୍ଷାର୍ଥୀଙ୍କୁ ଆବେଦନ ଫି' ଫେରସ୍ତ କରାଯିବ ନାହିଁ ବୋଲି କୁହାଯାଉଛି।

ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ପରବର୍ତ୍ତୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସମସ୍ତ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ରାଜ୍ୟରେ ନିଯୁକ୍ତି ପରିଚାଳନା କରୁଥିବା ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ(ଓଏସ୍‌ଏସ୍‌ସି), ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) ସମେତ ଅନ୍ୟ ସମସ୍ତ ସଂସ୍ଥା ଏହି ଆଧାରରେ ଫି' ନିର୍ଦ୍ଧାରଣ କରି ବିଜ୍ଞପ୍ତି ପ୍ରକାଶ କରିବେ।

ପୂର୍ବରୁ ପରୀକ୍ଷା ସଂସ୍କାର ପାଇଁ ଏକକ ମାର୍ଗଦର୍ଶିକା ଜାରି ହୋଇଥିବା ବେଳେ ଏହି ଗେଜେଟ୍ ବିଜ୍ଞପ୍ତି ଆଶାୟୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି। ଗତ ଜାନୁଆରୀରୁ ସାଧାରଣ ସ୍ନାତକ ପିଲାଙ୍କ ପାଇଁ କୌଣସି ନିଯୁକ୍ତି ବାହାରି ନଥିବାରୁ ଏବେ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶା ବାନ୍ଧିଛନ୍ତି। ବିଶେଷକରି, ଦୀର୍ଘଦିନରୁ ଅପେକ୍ଷିତ ଥିବା ଓଡ଼ିଶା ସିଜିଏଲ୍, ଏଏସ୍‌ଓ, ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ ପଦ, କମ୍ୟୁନିକେସନ୍ କନେଷ୍ଟବଲ ଓ ଜେଇଏ ପରି ପଦରେ ନିଯୁକ୍ତି ପାଇଁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶାୟୀମାନେ ଆଶା ବାନ୍ଧିଛନ୍ତି।

# ଡିସେମ୍ବର ୧୩ରୁ କୋଣାର୍କ ଇକୋ ରିଟ୍ରିଟ୍

ପୁରୀ, ୧୬।୧୦ (ସମିସ): ଆସନ୍ତା ଡିସେମ୍ବର ୧୩ରୁ କୋଣାର୍କ ମେରାଇନ୍ ଡ୍ରାଇଭ୍‌ଠାରେ ଇକୋ-ରିଟ୍ରିଟ୍ ଆରମ୍ଭ ହେବ। ସମସ୍ତ ବିଭାଗ ସେମାନଙ୍କ ଉପରେ ନ୍ୟସ୍ତ ଦାୟିତ୍ୱକୁ ତ୍ୱରାନ୍ୱିତ କରି ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏ ସଂପର୍କରେ ଏକ ପ୍ରସ୍ତୁତି ବୈଠକ ବୁଧବାର ସର୍କିଟ୍ ହାଉସ୍‌ଠାରେ ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବବର୍ଷର ଅଭିଜ୍ଞତା ଓ ଅନୁଭବକୁ ଆଧାର କରି ଚଳିତ ବର୍ଷର ଇକୋ-ରିଟ୍ରିଟ୍‌କୁ ଅଧିକ

## ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଭିତ୍ତିଭୂମି ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ

ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପ୍ରତ୍ୟେକଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ କହିଥିଲେ। ପର୍ଯ୍ୟଟନ ବିଭାଗ, ଜିଲ୍ଲା ପ୍ରଶାସନ ଓ ଇ-ଫାକ୍ଟର୍ ଏଜେନ୍ସିର ମିଳିତ ସହଯୋଗରେ ଇକୋ-ରିଟ୍ରିଟ୍ ଏବର୍ଷ ଡିସେମ୍ବର ୧୩ରୁ ୯୦ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଲକ୍‌ଜରି ଟେଣ୍ଟ ବ୍ୟବସ୍ଥା କରାଯିବ, ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ। କୋଣାର୍କ ଇକୋ-ରିଟ୍ରିଟ୍ ପାଇଁ ୪ ପ୍ରକାର ଦେୟରାଶି ରହିଛି। ଏଥିରେ ଜଳକ୍ରୀଡ଼ା, ବିଚ୍ ସ୍ପୋର୍ଟସ, ଇଣ୍ଡୋର ଗେମ୍ ଇତ୍ୟାଦି ବ୍ୟବସ୍ଥା ମଧ୍ୟ ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ, ମୋବାଇଲ ନେଟ୍‌ୱାର୍କ ସହ ଚିକିତ୍ସା, ଅଗ୍ନି ନିର୍ବାପକ, ଟ୍ରାଫିକ, ପାର୍କିଂ, ସୁରକ୍ଷା ସାଙ୍ଗକୁ ୨୪ ଘଣ୍ଟିଆ ଲାଇଫ୍‌ଗାର୍ଡ ବ୍ୟବସ୍ଥା କରାଯିବ।

ଭାଙ୍ଗପଡ଼ିବ ମାଓ ସଙ୍ଗଠନ

# ମାଓନେତା ରୂପେଶଙ୍କ ସହ ୧୩୦ ନକ୍ସଲ କରିବେ ଆତ୍ମସମର୍ପଣ

ମାଲକାନଗିରି, ୧୬।୧୦(ସମିସ): ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଥିବା ମାଓ ସଙ୍ଗଠନକୁ ଆଉ ଏକ ଶକ୍ତ ଧକ୍କା ଲାଗିବାକୁ ଯାଉଛି। ମାଓନେତା ରୂପେଶଙ୍କ ସହ ୧୩୦ରୁ ଅଧିକ ଦୁର୍ଦ୍ଧର୍ଷ ମାଓବାଦୀ ଲାଲ୍‌ବାହିନୀ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ଲାଗି ଯୋଜନା କରିଛନ୍ତି। ଆସନ୍ତାକାଲି ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଜଗଦଲପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ନିକଟରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିବାର କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି। ଏମିତି ହେଲେ, ଏହା ନକ୍ସଲ ଇତିହାସରେ ଦେଶର ସବୁଠାରୁ ବଡ଼ ଆତ୍ମସମର୍ପଣ ହେବ ବୋଲି କୁହାଯାଉଛି।

ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ମୁଖ୍ୟ ଏବଂ ମାଓ ସଂଗଠନର ମୁଖପାତ୍ର ରୂପେଶ ଓରଫ ସତୀଶଙ୍କ ସହ ବିଜାପୁର ଜିଲ୍ଲାର ଭୈରାମଗଡ଼ ଅଞ୍ଚଳରେ ତାଙ୍କର ୧୩୦ଜଣରୁ ଅଧିକ ନକ୍ସଲ ସାଥୀଙ୍କ ସହ ଜଗଦଲପୁରରେ ଆତ୍ମସମର୍ପଣ କରିବାକୁ ଯାଉଥିବା ଖବର ବର୍ତ୍ତମାନ ନକ୍ସଲଗଡ଼କୁ ଦୋହଲାଇ ଦେଇଛି।



ଏହି ଦଳ ମାଡ୍ ଡିଭିଜନ ପାର କରି ଇନ୍ଦ୍ରାବତୀ ନଦୀ ପାର୍ ହେବା ପରେ ଆତ୍ମସମର୍ପଣ ସ୍ଥାନରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ସୂତ୍ର ଅନୁଯାୟୀ, ସେମାନଙ୍କ ନିକଟରେ ୭୦ରୁ ଅଧିକ ଅସ୍ତ୍ରଶସ୍ତ୍ର ଏବଂ ବିପୁଳ ପରିମାଣର ବିସ୍ଫୋରକ ମଧ୍ୟ ରହିଛି। ସଂଗଠନର ଦୀର୍ଘକାଳୀନ ଚେହେରା ରୂପେଶ ବିଗତ ଦିନରେ ଶାନ୍ତି ଆଲୋଚନା ପଦକ୍ଷେପ ପାଇଁ ସରକାରଙ୍କୁ ଚିଠି ମଧ୍ୟ ଲେଖିଥିଲେ। ନକ୍ସଲବିରୋଧୀ ଅପରେସନକୁ ୬ ମାସ ପାଇଁ ବନ୍ଦ କରିବା ଲାଗି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ବର୍ତ୍ତମାନ, ସେହି ନେତା ଆତ୍ମସମର୍ପଣ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶେଷ ପର୍ଯ୍ୟନ୍ତ...

ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ନବୀନ ମଧ୍ୟ ସେମାନଙ୍କୁ ନିରାଶ କରି ନ ଥିଲେ। ଚିରାଚରିତ ଭାବେ ମୁହଁରେ ସ୍ମିତହାସ୍ୟ ସହ ହାତ ହଲାଇ ସେମାନଙ୍କର ଅଭିବାଦନ ଗ୍ରହଣ କରିଥିଲେ ନବୀନ। ଆୟୋଜିତ ସଭାରେ ନବୀନ ଉପସ୍ଥିତ ଜନତା ଓ କର୍ମୀଙ୍କୁ ଜନ୍ମଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଥିଲେ। ଏହା ସହ ଉପସ୍ଥିତ ଛୋଟଛୋଟ ପିଲାଙ୍କୁ ଚକୋଲେଟ୍ ଦେଇଥିଲେ। ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ସାଂସଦ ଦେବାଶିଷ ସାମନ୍ତରାୟ, ସାଂସଦ ସୁଲତା ଦେଓ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଭୂତି ବଳବନ୍ତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜେଡିର କର୍ପୋରେଟରମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଆସନ୍ତା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଶିଶୁ ଗ୍ରାମରେ...

କେକ୍ କାଟିଥିଲେ। ପିଲାମାନେ ମଧ୍ୟ ନିଜ ପ୍ରିୟ ମଣିଷ, ଜୀବନର ଆଦର୍ଶଙ୍କୁ ପାଖରେ ପାଇ ଅଭିଭୂତ ହୋଇଥିଲେ। ପିଲାଙ୍କ ସହ ଜନ୍ମଦିନ ପାଳନ କରି ମୁଁ ବହୁତ ଖୁସି ବୋଲି ନବୀନ କହିବା ସହ ସେମାନଙ୍କୁ ଭଲ ପାଠ ପଢ଼ିବା ସହ ଜୀବନରେ ଭଲ ମଣିଷ ହେବାକୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଏସଓଏସ ଶିଶୁ ଗ୍ରାମରେ ନବୀନ ଏବଂ ଛୋଟ ପିଲାମାନଙ୍କର ଏହି ଯୁଗଳବନ୍ଦୀ ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚା ଏବଂ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ଭୁବନେଶ୍ୱର ଏସଓଏସ ଶିଶୁ ଗ୍ରାମରେ ନବୀନ ପହଞ୍ଚିବା ମାତ୍ରେ ପିଲାମାନେ ନବୀନଙ୍କୁ ଘେରି ଯାଇଥିଲେ। ନବୀନଙ୍କ ଜନ୍ମଦିନ ପାଇଁ ସେମାନେ ପ୍ରସ୍ତୁତ କରିଥିବା ଫଟୋଚିତ୍ର, କାର୍ଡ ଏବଂ ବିଭିନ୍ନ ହାତଲେଖା ଶୁଭେଚ୍ଛା ବାର୍ତ୍ତା ନବୀନଙ୍କୁ ପ୍ରଦାନ କରିଥିଲେ। ନବୀନ ମଧ୍ୟ ସେମାନଙ୍କୁ ଚକୋଲେଟ ସହ ଉପହାର ପ୍ରଦାନ କରିଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ କେକକୁ ନବୀନ କାଟିବା ସହ ନିଜର ୭୯ତମ ଜନ୍ମଦିନ ପାଳନ କରିଥିଲେ ନବୀନ। ପିଲାମାନଙ୍କୁ ଆଶୀର୍ବାଦ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ପିଲାମାନଙ୍କ ଗହଣ ।।ରେ ଜନ୍ମ ଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମ ଦିନରେ ସାମିଲ ହୋଇ ଥିବାରୁ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ନବୀନଙ୍କ ଗସ୍ତ ନେଇ ଏସଓଏସର ନିର୍ଦ୍ଦେଶକ ଅବିନାଶ ହୋତା କହିଛନ୍ତି ଯେ ନବୀନ ସାର୍‌ଙ୍କ ଗସ୍ତ ସୂଚନା ପାଇବା ପରେ ପିଲାମାନେ ଅତ୍ୟନ୍ତ ଉତ୍ସାହିତ ହୋଇ ପଡ଼ିଥିଲେ। ନିଜ ପ୍ରିୟ ମଣିଷଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବାକୁ ସେମାନେ ସ୍ୱତପ୍ରବୃତ୍ତ ଭାବେ ନିଜକୁ ପ୍ରସ୍ତୁତ କରିଥିଲେ। ସାର୍‌ଙ୍କ ଆଶୀର୍ବାଦ ସବୁବେଳେ ପିଲାମାନଙ୍କ ଉପରେ ଏମିତି ରହିଥାଉ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ସୁଅ ଛୁଟିଛି। ନବୀନ ୭୯ ତମ ଜନ୍ମ ଦିନରେ ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳେ ଫୋନ୍ ଯୋଗେ ନବୀନଙ୍କ ସହ କଥା ହୋଇ ତାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଏକ୍ସରେ ନବୀନଙ୍କୁ ଜନ୍ମ ଦିନ ଶୁଭେଚ୍ଛା ଜଣାଇଛନ୍ତି। ସେ ନବୀନଙ୍କୁ ଜନ୍ମଦିନର ଶୁଭକାମନା ଜଣାଇବା ସହିତ ମହାପ୍ରଭୁଙ୍କ ପାଖରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି। ଏହାସହିତ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ, ଜୁଏଲ୍ ଓରାମଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାତୀ ପରିଡ଼ା, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ଅନ୍ୟ ବହୁ ବ୍ୟକ୍ତିବିଶେଷ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଇତିମଧ୍ୟରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ଆଜି ସାରା ରାଜ୍ୟରେ ବିଜେଡି ପକ୍ଷରୁ ରକ୍ତଦାନ ଶିବିରମାନ ଆୟୋଜନ କରାଯାଇଥିଲା।


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ. - 02**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2025040 ତା. 12.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

ବିଷୟ: ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ. - 01) | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.24.10.2025 ରିଖ 1200 ଘଟିକାରେ | ତା.04.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-135/CI/25-26

**AFFIDAVIT**

By virtue of an Affidavit before Notary Public, Malkangiri, I, **Deepa Majhi**, aged about 20 years, W/o.: Binod Majhi,D/o.: Nepal Saha resident of Village: M.V.23, PO.: Mariwada, P.S: Korukanda, Dist: Malkangiri, Odisha-764045, declare by this Affidavit No.: 2069/2025, Dated: 16.10.2025 that I have changed my name from Deepa Saha to **Deepa Majhi**. Henceforth I shall be known as **Deepa Majhi** for all future purposes.

**AFFIDAVIT**

I, Kuntala Kumari Dash, W/o- Nrusinha Prasad Das, Resident of At/PO: Old LIC Building, Pujariput, Koraput, Koraput, Dist.: Koraput, Odisha, PIN-764020, declared by this Affidavit No:1215/2025 Dated: 16.10.2025. That now onwards I shall be known as **KUNTALA KUMARI DAS** for all future Purposes.

**AFFIDAVIT**

By virtue of an Affidavit before the Executive Magistrate, Bhadrak, Affidavit No-2721, dated 15.10.2025, I Krushna Chandar Das, Resident of Vill- Padhuan, P.S-Basudevpur, Dist- Bhadrak, Odisha - 756125 declare that I have Changed my name from Bablu Das to Krushna Chandar Das. Henceforth I shall be known as KRUSHNA CHANDAR DAS for all future purposes.

**KRUSHNA CHANDAR DAS**

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Parmashwari, W/o- Lalit Bhatter, At- Traffic Square, P.O. Baripada, Dist- Mayurbhanj (Odisha), declare by affidavit No-1096, dated 15/10/25, that now onwards I shall be known as **Parmashwari Bhatter** for all future purposes.

**NAME CHANGE**

By virtue of an Affidavit sworn before Executive Magistrate, Bhubaneswar CF.NO. 52, on Dated 15.10.2025, I, **UMARANI MOHAPATRA**, W/o Balaram Mohapatra, permanent resident of At- Rasika, Po- Rajaloka, Ps- Jharpokharia, Dist- Mayurbhanj, Odisha, Pin- 757086 declare that I have changed my name from **UMAMANI MOHAPATRA** (Old Name) to **UMARANI MOHAPATRA** (New Name). Henceforth, I shall be known as **UMARANI MOHAPATRA** for all future purposes.

Sd- (UMARANI MOHAPATRA)

**AFFIDAVIT**

By virtue of an affidavit no. 2625, dtd. 15.10.2025 before the Executive Magistrate, Phulbani, Dist.- Kandhamal, I, Amiya Kanhar, At-Pabingia, Po- Pabingia, Ps-Phiringia, District- Kandhamal, Odisha, Pin-762011 have changed my minor son's name from Ankiti Kanhar to Ankit Kanhar. Henceforth he will be known as **Ankit Kanhar** for all purposes.

Sd/- Amiya Kanhar

**AFFIDAVIT**

By virtue of an affidavit C.F.NO - 92, dated on 06.08.2025 in the court of the Executive Magistrate Bhubaneswar , Address Nayagarh Dist : Nayagarh. I Rajalaxmi Panda have changed my name from Laxmi Priya Panda to Rajalaxmi Panda . Hence Forth he will be known as Rajalaxmi Panda instead of Laxmi Priya Panda for all purposes.

Sd/- Rajalaxmi Panda

**SALE**

1 Number of TATA INTRA V-30 HD (SCV) / 2023, Registration No.- OD-01-AT-6551, Model- 2023, ENGINE NO – 15CR09HWXSA1170, CHASSIS NO - MAT535348PYH37249, For Details, contact- 9437560894, 94375 77758, SUNDARAM FINANCE LTD., First floor, Choudhury Complex , SAHADEVKHUNTA, BALASORE - 756001, PH. NO- 06782-266657

**AFFIDAVIT**

I, Abhisek Tripathy, S/o. Ashok Kumar Tripathy, resident of Plot No. 87/2322, Nigamananda Nagar, Bomikhal, P.S.- Sahid Nagar, Ward No.31 Bhubaneswar-751010, Dist - Khordha, Odisha declare by this Affidavit No. 52, dtd.13.10.2025, that now onwards I shall be known as **ABHISHEK TRIPATHY** for all future purposes.

**AFFIDAVIT**

I, Papuna Khan, S/o- Late Rasid Khan, resident of At- Gayabandha, Po- Damanabhumi, Ps- Jankia, Dist- Khordha, PIN- 752020, Odisha declared by this affidavit No. 566, dtd- 15/10/2025 that now onwards I shall be known as **PAPUN KHAN** for all future purposes.

**AFFIDAVIT**

By virtue of an affidavit Sl. No. 2626, dtd. 15.10.2025 in the court of the Executive Magistrate, Phulbani, Dist.- Kandhamal, I, Samanta Kanhar, At- Ladadi, Po- Jajespanga, Ps.- Phiringia, Dist.- Kandhamal - 762011 have changed my minor daughter's name from Lovely Kanhar to Pallabi Kanhar. Henceforth she will be known as Pallabi Kanhar for all purposes.

Sd/- Samanta Kanhar

**AFFIDAVIT**

I, Satyasikha Tripathy, W/o. Sri Abhishek Tripathy, resident of Plot No. 87/2322, Nigamananda Nagar, Bomikhal, P.S.- Sahid Nagar, Ward No.31, Bhubaneswar-751010, Dist - Khordha, Odisha declare by this Affidavit No. 53, dtd.13.10.2025, that now onwards I shall be known as **SATYASHIKHA TRIPATHY** for all future purposes.

**AFFIDAVIT**

I, Subhakant Swain, S/o- Ashok Kumar Swain, resident of Plot No- 367/3293, Flat no-B-202, 2nd Floor, Sishu Vihar, Infocity, Kalarahanga, Dist- Khurda PIN-751024, Odisha declared by this affidavit No-838, dtd- 15/10/2025 that now onwards I shall be known as **SUBHAKANTA SWAIN** for all future purposes

**AFFIDAVIT**

I, Badakulu Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist- Ganjam, Pin- 761003, Odisha declare by this affidavit No. 2102, dtd. 16/10/2025, that now onwards I shall be known as **B ADIADA PATRA** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Ananda Barman**, aged about 42 years, S/o.: Basudeb Barman, resident of Village: M.V.28, PO.: Kamwada, P.S: Korukanda, Dist: Malkangiri, Odisha, declare by this Affidavit No.: 12456/2025, Dated: 16.10.2025 that I have changed my name from Anand Barman to **Ananda Barman**. Henceforth I shall be known as **Ananda Barman** for all future purposes.

**ବିଜ୍ଞପ୍ତି**

ରାଜ୍ୟ ସ୍ତରୀୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ ପ୍ରାଧିକରଣ (SEIAA) ଓଡ଼ିଶା, ଭୁବନେଶ୍ୱର, EC ପରିଚୟ ନମ୍ବର EC25C3801OR5555677N ତା. 14.10.2025 ଅନୁଯାୟୀ, ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡ୍, ଓଡ଼ିଶାରେ କମଣ୍ଡ ଷ୍ଟିଲ୍ ପ୍ଲାଣ୍ଟ ଗ୍ରାମ: କୁଲା, ଜିଲ୍ଲା: ସୁନ୍ଦରଗଡ଼ରେ ଅବସ୍ଥିତ 38256.69 ବର୍ଗମିଟର (9.45 ଏକର) ପ୍ଲଟ୍ ଅଞ୍ଚଳ ଉପରେ G+3 ରୁଙ୍ଗଟା ଆବାସିକ କଲୋନୀ ନିର୍ମାଣ ପାଇଁ ପରିବେଶ ମଞ୍ଜୁରୀ ପ୍ରଦାନ କରିଅଛନ୍ତି । ଏହି ମଞ୍ଜୁରୀର ଏକ କିତା ନକଲ ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ, ଭୁବନେଶ୍ୱର କାର୍ଯ୍ୟାଳୟରେ ଉବଲବ୍ଧ ଏବଂ ପରିବେଶ ପୋର୍ଟାଲ୍ (www.parivesh.nic.in) ୱେବସାଇଟ୍ ରେ ମଧ୍ୟ ଦେଖାଯାଇପାରିବ । ପରିବେଶ ମଞ୍ଜୁରୀ ପତ୍ରର ଏକ କିତା ନକଲ କମ୍ପାନୀର ୱେବସାଇଟ୍ ଅର୍ଥାତ୍ www.rungtamines.com ରେ ମଧ୍ୟ ଉପଲବ୍ଧ ।

**muthoot MICROFIN**

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍

ସି ଆଇ ଏନ:L65190MH1992PLC066228

ରେଜିଷ୍ଟର୍ଡ କାର୍ଯ୍ୟାଳୟ: ୧୩ ତମ ମହଲା, ପାରିଜୀ କ୍ରେସେଣ୍ଡୋ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ, ମହାରାଷ୍ଟ୍ର - ୪୦୦୦୫୧

ପ୍ରଶାସନିକ କାର୍ଯ୍ୟାଳୟ: ୫ମ ମହଲା, ମୁଥୁଟ୍ ଟାୱାର, ଏମ୍.ଜି. ରୋଡ୍, କୋଚି, କେରଳ – ୬୮୨ ୦୩୫

ଟେଲିଫୋନ୍: +୯୧-୪୮୪-୪୨୭୭୫୦୦;ଫ୍ୟାକ୍ସ: +୯୧-୪୮୪-୨୩୫୧୪୯୪;ଇମେଲ: info@muthootmicrofin.com

**ଶାଖା ବନ୍ଦ ଏବଂ ମିଶ୍ରଣ ପାଇଁ ସାଧାରଣ ସୂଚନା - ରେଜି.**

ଏହା କମ୍ପାନୀର ଗ୍ରାହକ, ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ (MML) ଏବଂ ସାଧାରଣ ଜନତାଙ୍କୁ ସୂଚିତ କରାଯାଉଛି ଯେ କାର୍ଯ୍ୟକ୍ଷମ ସୁବିଧା ଏବଂ ନିରନ୍ତର ଗ୍ରାହକ ସେବା ସୁନିଶ୍ଚିତ କରିବା ପାଇଁ, ଏହି ସୂଚନାର ତିନି (3) ମାସ ପରେ, ଓଡ଼ିଶା ରାଜ୍ୟ ମଧ୍ୟରେ ଏହାର ତିନୋଟି (3) ଶାଖାକୁ ବନ୍ଦ କରି ରାଜ୍ୟର ନିକଟବର୍ତ୍ତୀ ସ୍ଥାନଗୁଡ଼ିକରେ ଥିବା MMLର ବିଦ୍ୟମାନ ଶାଖା ସହିତ ମିଶ୍ରଣ କରାଯିବ ଏବଂ ଏହି ଶାଖାଗୁଡ଼ିକର ତାଲିକା ନିମ୍ନଲିଖିତ ଭାବରେ ଦିଆଯାଇଛି:

| ନଂ | ବନ୍ଦ ଶାଖା (ପୁରୁଣା ଠିକଣା) | ସ୍ଥାନାନ୍ତର ଶାଖା (ନୂତନ ଠିକଣା) |
|---|---|---|
| ୧ | [illegible] | [illegible] |
| ୨ | [illegible] | [illegible] |
| ୩ | [illegible] | [illegible] |

ବନ୍ଦ/ସ୍ଥାନାନ୍ତରର କାର୍ଯ୍ୟକାରୀ ତାରିଖ: 17/01/2026

ଉପରୋକ୍ତ ବନ୍ଦ ଶାଖାର ସମସ୍ତ ଗ୍ରାହକ ଆକାଉଣ୍ଟଗୁଡ଼ିକ ସ୍ୱୟଂଚାଳିତ ଭାବରେ ସମ୍ପୃକ୍ତ ସ୍ଥାନାନ୍ତର ଶାଖାକୁ ସ୍ଥାନାନ୍ତରିତ ହୋଇଯିବ, ଯାହା ପ୍ରତି ଗ୍ରାହକଙ୍କ ପକ୍ଷରୁ କୌଣସି ପଦକ୍ଷେପ ନେବାର ଆବଶ୍ୟକତା ନାହିଁ। ଅଧିକ ସହାୟତା ପାଇଁ, ଦୟାକରି ଆମର ସରକାରୀ ୱେବସାଇଟ୍ www.muthootmicrofin.com ପରିଦର୍ଶନ କରନ୍ତୁ କିମ୍ବା ଟୋଲ୍ ଫ୍ରି ନମ୍ବର ୧୮୦୦ ୧୦୨୭ ୬୩୧ ରେ ଡାଏଲ୍ କରନ୍ତୁ କିମ୍ବା info@muthootmicrofin.com ରେ ଆମକୁ ଇମେଲ୍ କରନ୍ତୁ କିମ୍ବା ଆପଣଙ୍କର ନିକଟସ୍ଥ ଏମଏମଏଲ ଶାଖା ପରିଦର୍ଶନ କରନ୍ତୁ।

ସ୍ଥାନ: ଓଡ଼ିଶା
ତାରିଖ: 17/10/2025

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ ପାଇଁ
ସ୍ୱାକ୍ଷର/-
ଥୋମାସ ମୁଥୁଟ୍
ନିର୍ଦ୍ଦେଶକ (ଡି ଆଇ ଏନ: ୦୦୦୮୨୦୫୫)

**LOST**

I, **Rakesh Kumar Biswal,** aged about 36 years, S/o Maheswar Biswal, resident of At- Bhagabat Sandhan, Laxmisagar, Po- Budheswari Colony, Ps- Laxmisagar, Bhubaneswar, Dist: Khordha, PIN- 751006, Odisha declare that on dtd. 13/10/2025, while I was coming from Laxmi Sagar market area to my resident at 6.50 am, I have lost the Sale Deed bearing No. 4180, dtd- 06/04/2005 and ROR of the schedule of property under Mouza Godagopinathprasad, Bhubaneswar Sahar Unit No.37, bearing Khata No. 423/1216, Plot No. 1210/2031/2627 & Plot No. 1210/1988/2628, 1210/1990/2626, pervious owner name Rabindra Kumar Mishra from my custody along with other documents which was kept in my hand bag somewhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim within 7 days from the date of publication and after that the documents will lose its legal force and we will not be responsible for any claim what-so-ever on the property after 5 days.

Advocate: Debabrata Padhy
Mob: 9040778197

**NAME CHANGE**

By virtue of an affidavit sworn before the Executive Magistrate, Astarang, CF. No. 2299, on dated 13/10/2025, I **JAYAKRUSHNA ROUT**, S/o Sarbeswar Rout, resident of Village At- Nanapur, Po- Jhadaling, Ps - Astarang, Dist- Puri, State- Odisha, declare that I have changed my name from **JAYAKRISHNA ROUT** (Old Name) to **JAYAKRUSHNA ROUT** (New Name). Henceforth, I shall be known as **JAYAKRUSHNA ROUT** for all future purposes.

(Sd- **JAYAKRUSHNA ROUT**)

**AFFIDAVIT**

By virtue of an affidavit sworn before the Executive Magistrate, Angul, dated:16.10.2025, I, **Smrutiranjan Jena,** S/o: Late Dillip Jena, Permanent/Current Address resident At: Badabahal, PO.: Kumurisingha, PS.: Angul Sadar, Dist.: Angul, Odisha- 759129 declare that I have changed my name from **"Sruti Ranjan Jena"** to Smrutiranjan Jena. Henceforth I shall be know as **Smrutiranjan Jena** for all purposes.

# ଡକାୟତ ଦଳର ୮ ସଦସ୍ୟ ଗିରଫ

## ଲୁଟ୍ ଟଙ୍କା, ବାଇକ୍ ଓ ମୋବାଇଲ, ବ୍ୟବହାର କରିଥିବା ପିକ୍‌ଅପ୍ ଭ୍ୟାନ୍ ଜବତ

ବାଲିଗୁଡା,୧୬।୧୦(ସମିସ)



କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଥାନା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ପୁଲିସ କବ୍ଜାରେ ନାବାଳକ ସହ ଆଠ ଜଣିଆ ଡକାୟତି ଗ୍ୟାଙ୍ଗ। ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ସାରଙ୍ଗଗଡ଼ ଥାନା ପୁଲିସ୍ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗୁଟିଙ୍ଗିଆର କାଦପିଡା ଡ୍ୟାମ ନିକଟରେ କ୍ୟାମ୍ପ କରି ରହୁଥିବା ସମ୍ବଲପୁର ଅଞ୍ଚଳର ଯାଯାବରଙ୍କ ଠାରୁ ଉକ୍ତ ଡକାୟତି ଗ୍ୟାଙ୍ଗ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ନଗଦ ଦଶ ହଜାର ପାଞ୍ଚ ଶହ ଟଙ୍କା,ଏକ ବାଇକ ଓ ମୋବାଇଲ ଲୁଟି ନେଇଥିଲେ। ଯାଯାବରଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ସାରଙ୍ଗ ଗଡ଼ ଥାନା ପୁଲିସ ତତ୍ପରତା ଦେଖାଇ ଅନୁସନ୍ଧାନ କରି ସମସ୍ତ ଆଠ ଜଣ ଡକାୟତି ଗ୍ୟାଙ୍ଗଙ୍କୁ ଗିରଫ କରିବା ସହ ଲୁଟ୍ କରିଥିବା ଟଙ୍କା, ମଟର ସାଇକେଲ, ମୋବାଇଲ ଓ ସେମାନେ ବ୍ୟବହାର କରି ଥିବା ଟାଟା ଏସି ପିକଅପ ଭ୍ୟାନକୁ ଜବତ କରିଥିଲା। ଗିରଫ ଅଭିଯୁକ୍ତ ହେଲେ ସାରଙ୍ଗ ଗଡ଼ ଥାନା ଅଧୀନରେ ଥିବା ଦାସିଗୁଡାର ଗୁଡୁ ଓରଫ ଗୁଡାକେଶ ପ୍ରଧାନ (୨୫), ଜିରିଡିକିଆର ରବି ଚନ୍ଦ୍ର ପ୍ରଧାନ(୫୫), ପାଟଖଣ୍ଡା ସାହିର ପୁଅ ପିଣ୍ଟୁ ଓରଫ ହରେକୃଷ୍ଣ ସାହୁ (୨୫) ଓ ଚିଣ୍ଟୁ ଓରଫ ହୃଷୀକେଶ ସାହୁ (୨୨), ଅଶୋକ ନଗର ହରିଜନ ସାହିର ମାନସ ନାୟକ (୩୭), ଓମ୍ କୁମାର ମୁଖି(୧୮),ଦୀପକ ମୁଖି(୨୮) ଓ ସଲାଗୁଡାର ଜଣେ ନାବାଳକ। ଆଠ ଜଣ ଡକାୟତକୁ କୋର୍ଟ ଚାଲାଣ କରିଛି ପୁଲିସ। ଏନେଇ ଥାନା ଅଧିକାରୀ ବଧୁଲିକା ବିଶ୍ୱାଳ ଥାନା ଏକ ମାମଲା ରୁଜୁ କରି ଏସଆଇ ଅନୀଲ କୁମାର ପଲେଇଙ୍କୁ ତଦନ୍ତ ଭାର ଦେଇଥିବା ସୂଚନା ମିଳିଛି।

## ଜଳସମ୍ପଦ ସଚିବଙ୍କ ଗଞ୍ଜାମ ଗସ୍ତ

ଭଞ୍ଜନଗର,୧୬।୧୦(ସମିସ): ଜଳ ସମ୍ପଦ ବିଭାଗ ସତନ୍ତ୍ର ସଚିବ (ଜଳ ପ୍ରଭାରୀ) ମୁକୁଳ ବେରା ଦୁଇ ଦିନିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି କ୍ଷୁଦ୍ର ଓ ବୃହତ ଏବଂ ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଥିଲେ। ଏହି ସମୟରେ ସଚିବ ଖରିଫରେ ଜଳର ସୁଷମ ବଣ୍ଟନ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଅଧିକରୁ ଅଧିକ ଜମିକୁ କିଭଳି ଜଳଭଣ୍ଡାର ପାଣି ପହଞ୍ଚି ପାରିବ ସେନେଇ ସମୀକ୍ଷା ମଧ୍ୟ କରିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଖରିଫ ଧାନ ଫସଲ ବିଭିନ୍ନ ସମୟରେ ପ୍ରଭାବିତ ହେଉଛି। ତେଣୁ ଅଣଧାନ ଫସଲ ପ୍ରତି ଚାଷୀମାନେ ଦୃଷ୍ଟି ଦେବାକୁ ପଡ଼ିବ। ସରକାର ଅଣଧାନ ଫସଲ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଚାଷୀଙ୍କୁ ଯୋଗାଇ ଦେଉଛନ୍ତି ବୋଲି ସଚିବ କହିଥିଲେ। ସଚିବ ବୁଧବାର ବେଲଗୁଣ୍ଠା ବ୍ଲକ୍ ମାଧବରିଡ଼ା ଆନିକଟ ଏବଂ ଭଞ୍ଜନଗର ଜଳଭଣ୍ଡାର ବୁଲି ଦେଖିଥିଲେ। ଗୁରୁବାର ଜୟମଙ୍ଗଳ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମେତ ଅନ୍ୟାନ୍ୟ ଅଞ୍ଚଳର କ୍ଷୁଦ୍ର ଓ ଉଠା ଜଳସେଚନ ପ୍ରକଳ୍ପ ବୁଲି ଦେଖିଥିଲେ। ଗୁରୁବାର ଭଞ୍ଜନଗର ଜଳସମ୍ପଦ ବିଭାଗ ଡାକ ବଙ୍ଗଳା ପରିସରରେ ସଚିବ ଯନ୍ତ୍ରୀ ମାନଙ୍କ ସହ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଏହାପରେ ବ୍ରହ୍ମପୁର ଅଭିମୁଖେ ଯାଇଥିଲେ। ଏହି ସମୟରେ ସେ ବାଟରେ ବିଭିନ୍ନ ପ୍ରକଳ୍ପ ଅନୁଧ୍ୟାନ କରିଥିଲେ। ସଚିବଙ୍କ ଗସ୍ତ ସମୟରେ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ରାଜୀବ ପଣ୍ଡିତ, ଭଞ୍ଜନଗର ଜଳସେଚନ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନ, ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପାତ୍ର, ସହକାରୀ ଯନ୍ତ୍ରୀ ରଶ୍ମୀରଞ୍ଜନ ରଥ, ପ୍ରହ୍ଲାଦ ପଣ୍ଡା, କ୍ଷୁଦ୍ର ଜଳସେଚନ ବିଭାଗ ଏବଂ ଉଠା ଜଳସେଚନ ବିଭାଗର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମାରୁତି ଭ୍ୟାନ୍-ବାଇକ୍ ଧକ୍କା, ୨ ଗୁରୁତର

ମୋହନା,୧୬।୧୦(ସମିସ): ମାରୁତି ଭ୍ୟାନ ସହ ବାଇକ୍ ଧକ୍କା ହେବାରୁ ଦୁଇ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗଜପତି ଜିଲ୍ଲା ଆର. ଉଦୟଗିରି ଥାନ କେ.ଏମ୍ ଭାଲିଆ ସାହି ଗ୍ରାମର ସୁଦର୍ଶନ ଦଳାଇ ଓ ଲାଲୁ ଦଳାଇ । ଉଭୟ ନିଜ ବାଇକରେ ଦ୍ରୁତଗତିରେ ଆସୁଥିବା ବେଳେ ସାମ୍ନା ପଟୁ ଆସୁଥିବା ମାରୁତି ଭ୍ୟାନକୁ ଛେଳିଗଡ଼ ନିକଟରେ ଧକ୍କା ଦେଇଥିଲା। ଉଭୟଙ୍କ ଡାହାଣ ଗୋଡ ଭାଙ୍ଗି ଯାଇଥିବା ବେଳେ ସେମାନଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ଚନ୍ଦ୍ରଗିରି ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରାଥମିକ ଚିକିତ୍ସା ଦେବା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଖବର ପାଇ ଆର.ଉଦୟଗିରି ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

## ୧୫ଲକ୍ଷ ଟଙ୍କାର ବାଣ ଜବତ, ଜଣେ ଅଟକ



ପାରଳାଖେମୁଣ୍ଡି,୧୬।୧୦(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଆଦର୍ଶ ଥାନା କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ଦେବୀତି ଗ୍ରାମ ନିକଟସ୍ଥ ଡାମୁଣୀଗାଁ ନିକଟରେ ଥିବା ଏକ ବେଆଇନ ବାଣ ଦୋକାନ ଉପରେ ପୁଲିସ ଚଢଉ କରିଥିଲା। ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢଉରେ ୧୫ ଲକ୍ଷ ଟଙ୍କାର ବାଣ ଜବତ କରାଯାଇଛି ଏବଂ ଦୋକାନ ମାଲିକ ଦୋରା ସୁରେଶ (୩୨)କୁ ଅଟକ ରଖି ଜେରାକରୁଛି । ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପୁଲିସ ଏହି ଚଢଉ କରିଥିଲା। ଉକ୍ତ ଦୋକାନରେ ପୁଲିସ୍ ପହଞ୍ଚିବା ପରେ ବିଭିନ୍ନ ପ୍ରକାରର କମ୍ପାନୀ ବାଣ ମହଜୁଦ ରହିଥିବା ଦେଖିବାକୁ ପାଇଥିଲା। ଏହି ଦୋକାନ ବେଆଇନ ଭାବେ ଚାଲିଥିବା ଏବଂ କୌଣସି ଲାଇସେନ୍ସ ପାଇନଥିବା ପୁଲିସ ଜାଣିପାରି ଉକ୍ତ ବାଣ ଦୋକାନ ସିଲ୍ କରିଛି । ଏନେଇ ପାରଳାଖେମୁଣ୍ଡି ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି ।

## ୧୫ ଦିନ ହେଲା ଅନ୍ଧାରରେ ୪ ଗ୍ରାମ
# ଜେଇଙ୍କୁ ଅଟକ ରଖିଲେ ଗ୍ରାମବାସୀ

ରାୟଗଡ଼,୧୬।୧୦(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପେକଟ ଗ୍ରାମରେ ଗତ ଦୁଇ ତାରିଖରେ ହୋଇଥିବା ବାଦଲଫଟା ବର୍ଷାରେ ଭୂସ୍ଖଳନ ଯୋଗୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଉପାଡି ଯାଇଥିଲା। ଏଥିରେ ବନାଳ, ରାଙ୍ଗଲସିଂ, ପରାଜି, ବାରବା ଆଦି ଚାରୋଟି ଗ୍ରାମରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଥିଲା। ରାସ୍ତା ଉପରେ ମାଟି ଜମା ହୋଇଥିବା ବେଳେ ବିଦ୍ୟୁତ୍ ଯୋଗାଣ ସମ୍ଭବପର ହୋଇ ନ ଥିଲା । ପରବର୍ତ୍ତୀ ସମୟରେ ରାସ୍ତା ସଫା ହେବା ପରେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ବିଦ୍ୟୁତ ବିଭାଗୀୟ କର୍ମଚାରୀ ଅତି ଶୀଘ୍ର ଉକ୍ତ ଗାଁ କୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରି ବିଦ୍ୟୁତ୍ ଯୋଗାଣ କରାଯିବ କହି ଫେରି ଯାଇଥିଲେ। କିନ୍ତୁ ପନ୍ଦର ଦିନ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେଇ ଚୁପ୍ ବସିଥିଲେ ବିଦ୍ୟୁତ୍ ବିଭାଗ କର୍ମଚାରୀ। ବାରମ୍ବାର ଗ୍ରାମବାସୀ ଅନୁରୋଧ କଲେ ମଧ୍ୟ ଆଜିକାଲି କହି ଦିନ ଗଡ଼ାଇ ଚାଲିଥିଲେ। ଶତାଧିକ ଗ୍ରାମବାସୀ ୧୪ ତାରିଖରେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆସି ହଟ୍ଟଗୋଳ କରିଥିଲେ। ଜେଇ ୧୫ ତାରିଖ ଅପରାହ୍ନ ସୁଦ୍ଧା ବିଦ୍ୟୁତ ଯୋଗାଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। କିନ୍ତୁ ଲିଖିତ ପ୍ରତିଶ୍ରୁତି ପରେ ମଧ୍ୟ ଉକ୍ତ ଗ୍ରାମ ଗୁଡିକୁ ବିଦ୍ୟୁତ୍ ଯୋଗାଣ ହୋଇପାରିଲା ନାହିଁ। ଗୁରୁବାର ଉକ୍ତ ସ୍ଥାନକୁ ଜେଇଙ୍କ ସମେତ କର୍ମଚାରୀ ଯାଇଥିବାବେଳେ ଗ୍ରାମବାସୀ ସେମାନଙ୍କୁ ଅଟକ ରଖିଥିଲେ। ସାତ ଘଣ୍ଟା ପର୍ଯ୍ୟନ୍ତ ଛାଡି ନଥିବାରୁ ଖବର ପାଇ ରାତି ସାତଟା ବେଳେ ରାୟଗଡ଼ ଥାନା ପୁଲିସ ଓ ତହସିଲଦାର ପହଁଞ୍ଚି ଗାଁ ଲୋକଙ୍କ ସହ ଆଲୋଚନା କରି ବୁଝାସୁଝା କଲା ପରେ ସେମାନଙ୍କୁ ଛାଡିଥିବା ଜଣାପଡ଼ିଛି।

## ପଥର ବ୍ଲାଷ୍ଟିଂରେ ମୃତ ବ୍ୟକ୍ତିଙ୍କ ପରିବାରକୁ ସହାୟତା

ମୋହନା,୧୬।୧୦(ସମିସ): ଆନ୍ଧ୍ରପ୍ରଦେଶରେ ପଥର ବ୍ଲାଷ୍ଟିଂରେ ମୃତ୍ୟୁ ହୋଇଥିବା ଦୁଇ ଜଣକ ପରିବାରକୁ ଚାରି ଲକ୍ଷ ଲେଖାଁଏ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି ରାଜ୍ୟ ସରକାର। ଗତ ଅଗଷ୍ଟ ଦୁଇ ତାରିଖରେ ମୋହନା ବ୍ଲକର ଆଲୋରା ଗାଁର ଦୁଇ ଯୁବକ ଟୁକୁନା ଦଳାଇ ଓ ଭାସ୍କର ବିଷୋୟୀ ଆନ୍ଧ୍ରପ୍ରଦେଶ କାକିନାଡ଼ା ଜିଲ୍ଲାର ବାଲିକୁର୍ମାରେ କାମ କରୁଥିବା ସମୟରେ ପଥର ବ୍ଲାଷ୍ଟିଂରେ ଜୀବନ ହରାଇଥିଲେ। ପୂର୍ବରୁ ଆନ୍ଧ୍ରସରକାରଙ୍କ ପକ୍ଷରୁ ମୃତ ପରିବାରଙ୍କୁ ୧୪ ଲକ୍ଷ ଲେଖାଁଏ ଦିଆଯାଇଥିଲା। ପରେ ରାଜ୍ୟ ସରକାର ମୃତ ପରିବାରଙ୍କୁ ୪ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଘୋଷଣା କରିଥିଲେ। ଗୁରୁବାର ମୋହନା ବ୍ଲକ ସମ୍ମିଳନୀ କକ୍ଷରେ ରାଜ୍ୟ ସରକାରଙ୍କ ତରଫରୁ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀଙ୍କ ଉପସ୍ଥିତିରେ ୪ ଲକ୍ଷ ଲେଖାଁଏ ଦୁଇ ପରିବାରଙ୍କୁ ସହାୟତା ଯୋଗାଇ ଦିଆଯାଇଛି।

## ଡାକ୍ତରଙ୍କ ବଦଳି ବାତିଲ ଦାବି, ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ

ପାରଳାଖେମୁଣ୍ଡି,୧୬।୧୦(ସମିସ): ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକ ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ବଦଳି ବାତିଲ କରିବା ଦାବିରେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଅଞ୍ଚଳବାସୀ। ରାମଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଜଣକ ଅଞ୍ଚଳବାସୀଙ୍କ ଭଲ ଚିକିତ୍ସା କରୁଥିଲେ। ତାଙ୍କୁ ବଦଳି କରିବା ଦ୍ୱାରା ଅଞ୍ଚଳବାସୀ ବହୁ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେବେ। ତେଣୁ ତାଙ୍କର ବଦଳିକୁ ବାତିଲ ବତିଲ କରିବାକୁ ଦାବି



କରାଯାଇଛି। ଏଥି ପ୍ରତି ଦୃଷ୍ଟି ଦିଆନଗଲେ ଆନ୍ଦୋଳାତ୍ମକ ପନ୍ଥା ଗ୍ରହଣ କରାଯିବବୋଲି ତାବାରସିଂ ପଞ୍ଚାୟତର ୱାର୍ଡସଭ୍ୟ ଉପେନ୍ଦ୍ର ବଳିଆରସିଂ, ଶ୍ୟାମ ବଳିଆରସିଂ ଓ ସୁନିତା ବଳିଆରସିଂଙ୍କ ସମେତ ବହୁ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସାଧନ କେନ୍ଦ୍ରସ୍ତରୀୟ ସୁରଭି



ଫିରିଙ୍ଗିଆ,୧୬।୧୦(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମଝିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାଧନ କର୍ମୀ ଅଜିତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ଦୁର୍ଯୋଧନ କହଁର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ମହିଳା ସ୍ନାତକ ମହାବିଦ୍ୟାଳୟରେ ପୋଷଣ ସପ୍ତାହ

ପାରଳାଖେମୁଣ୍ଡି,୧୬।୧୦ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହିଳା ସ୍ନାତକ ମହାବିଦ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷା ଡ଼ ଭାରତୀ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ପୋଷଣ ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷା ପୋଷଣ ସପ୍ତାହ ପାଳନର ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । କିଶୋରୀ ବାଳିକା, ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ସମେତ ସମସ୍ତେ ରକ୍ତହୀନତାରୁ ମୁକ୍ତି ପାଇଁ ସଜନା ଶାଗ ଏବଂ ଆଇରନ ଥିବା ସମସ୍ତ ପନିପରିବାର ବ୍ୟାପକ ବ୍ୟବହାର କରିବା ପାଇଁ ଡ଼.ଭାରତୀ ପାଣିଗ୍ରାହୀ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା ସଙ୍ଗେସଙ୍ଗେ ଅନ୍ୟାନ୍ୟ ଅଧ୍ୟାପିକା ଖାଦ୍ୟ, ପୋଷକ ତତ୍ତ୍ୱର ଆବଶ୍ୟକତା ଏବଂ ଦୈନନ୍ଦିନ ଜୀବନରେ ନିଜ ଅଞ୍ଚଳରେ ଉପଲବ୍ଧ ହେଉଥିପବା ଖାଦ୍ୟ ଗୁଡିକର ଉତ୍ତମ ବ୍ୟବହାର ଦ୍ୱାରା ପୋଷକ ତତ୍ତ୍ୱର ଆବଶ୍ୟକତା କିପରି ପୂରଣ କରାଯିବ ଏହା ଉପରେ ସଚେତନତା କରିଥିଲେ । ଅସ୍ୱାସ୍ଥ୍ୟକର ଖାଦ୍ୟ ନଖାଇ ସ୍ୱାସ୍ଥ୍ୟର ସୁରକ୍ଷା ଦିଗକୁ ନେଇ ଯତ୍ନବାନ ହେବାକୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ସମେତ କର୍ମଚାରୀ ଉପସ୍ଥିତଥିଲେ।

# ପାରଳାରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ




ପାରଳାଖେମୁଣ୍ଡି,୧୬।୧୦(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ପାଳିତ ହୋଇଛି । ପ୍ରଥମେ ସ୍ଥାନୀୟ ହାଇସ୍କୁଲ ଛକ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ଅବସରରେ କେକ୍ କାଟିଥିଲେ ବିଜେଡି କର୍ମୀ ଓ ନେତା ।

ଶେଷରେ ବିଧାୟକ ଇଂ. ରୂପେଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପଦଯାତ୍ରା ସହର ପରିକ୍ରମା କରି ରାମନଗରରେ ପହଞ୍ଚିଥିଲା। ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ବିଜୁଜନତା ଦଳର ଦଳୀୟ ନେତା ଓ କର୍ମକର୍ତ୍ତାଙ୍କ ସହ ଦଳର ବରିଷ୍ଠ ନେତା ତଥା ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ଭୃଗୁବକ୍ସି ପାତ୍ର, ବିଜେଡି ଗଜପତି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ପାରଳାଖେମୁଣ୍ଡି ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ, ପାରଳାଖେମୁଣ୍ଡି ପୌରପରିଷଦ ଉପାଧ୍ୟକ୍ଷ ଲେଙ୍କା ମଧୁ, ଲୋକ ପ୍ରତିନିଧି, ଶତାଧିକ କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ । ପଦଯାତ୍ରା ବେଳେ ରାଜ୍ୟରେ ବିକାଶ ନାଁରେ ବିନାଶ ହେଉଥିବା, ଅସୁରକ୍ଷିତ ନାରୀ ଏବଂ ଦୁର୍ନୀତି ବିଜେପି ସରକାର ସମୟରେ ବଢିଥିବା ସହ ଡବଲ ଇଞ୍ଜିନ ଅର୍କମଣ୍ୟ ହୋଇଥିବାରୁ ରାଜ୍ୟର ବିକାଶ ଆଗକୁ ଗଡୁନି ବୋଲି ବିଜେଡି ନେତା ପଦଯାତ୍ରାରେ ଭାଷଣ ଦେଇ ଲୋକଙ୍କୁ ସଚେତନ କରିଥିଲେ । ଏପରିକି ୨୪ବର୍ଷ ସରକାରରେ ରହି ବିଜେଡି କରିଥିବା ବିଭିନ୍ନ ଜନହିତକର ଯୋଜନା ବିଷୟରେ ଅବଗତ କରାଇଥିଲେ।

## ମାଓବାଦୀଙ୍କୁ ମୁଖ୍ୟସ୍ରୋତକୁ ଫେରିବା ପାଇଁ ଲାଗିଲା ସଚେତନତା ପୋଷ୍ଟର

ଫିରିଙ୍ଗିଆ,୧୬।୧୦(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଦୀର୍ଘ ବର୍ଷରୁ ଉପାନ୍ତ ଇଲାକାରେ ମାଓ କାର୍ଯ୍ୟକଳାପ ବଢିଥିବା ବେଳେ ହତ୍ୟା, ଜେସିବି ପୋଡି ଭଳି ଘଟଣା ଘଟିଛି। ବାରମ୍ବାର ଉପାନ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ଲାଲବାହିନୀ ବ୍ୟାନର ଓ ପୋଷ୍ଟର ମାରିଥିବା ମଧ୍ୟ ଦେଖିବାକୁ ମିଳିଥାଏ। ମାଓବାଦୀଙ୍କୁ ମୁଖ୍ୟସ୍ରୋତକୁ ଫେରାଇ ଆଣିବ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଉପାନ୍ତ ଅଞ୍ଚଳ ମାଓ ଅଧ୍ୟୁଷିତ ଇଲାକାରେ ସଚେତନତା ପୋଷ୍ଟର ଲଗାଯାଇଛି। ପୋଷ୍ଟରରେ ମାଓବାଦୀ ମୁଖ୍ୟସ୍ରୋତକୁ ଫେରିଲେ ଆର୍ଥିକ ସହାୟତା, ବିବାହ ପାଇଁ ସହାୟତା, ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା, ରୋଜଗାରକ୍ଷମ ପାଇଁ ମାସିକ ଷ୍ଟାଇପେଣ୍ଟ ସହ ତିନି ବର୍ଷ ପର୍ଯ୍ୟନ୍ତ ଧନ୍ଦାମୂଳକ ତାଲିମ ପ୍ରଦାନ, ପାଠପଢା ପାଇଁ ସହାୟତା ଭଳି ବିଭିନ୍ନ ସୁବିଧା ଯୋଗାଇ ଦେବାକୁ ଉଲ୍ଲେଖ ରହିଛି। ଫିରିଙ୍ଗିଆ ବ୍ଲକରେ ବର୍ତ୍ତମାନ ବିଭିନ୍ନ



ସ୍ଥାନରେ ବିଏସଏଫ କ୍ୟାମ୍ପ ନିର୍ମାଣ ହୋଇଥିବା ବେଳେ ଉପାନ୍ତ ଅଞ୍ଚଳର ଲୋକଙ୍କୁ ଚିକିତ୍ସା ସୁବିଧା, କ୍ରୀଡ଼ା, ସହ ସଚେତନତା ଭଳି ବିଭିନ୍ନ ସୁବିଧା ସୁଯୋଗ ମଧ୍ୟ ଯୋଗାଇ ଦିଆଯାଉଛି । ଫିରିଙ୍ଗିଆ ବ୍ଲକର କଲମପଡ଼ା, ଡାଙ୍ଗାଣାମ, ସୁମେରୁବନ୍ଧ, ଲଦାପଦର, ସୁଟାଣି ଭଳି ଉପାନ୍ତ ଅଞ୍ଚଳରେ ଏହି ସଚେତନତା ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ତେବେ ଏହି ପୋଷ୍ଟର କିଏ ମାରିଛି ସେ ସମ୍ପର୍କରେ କିଛି ଜଣାପଡୁନାହିଁ। ପୁଲିସ ଏସମ୍ପର୍କରେ କିଛି କହୁନାହିଁ। କିନ୍ତୁ ପୋଷ୍ଟରରେ ଓଡ଼ିଶା ପୁଲିସ ଲେଖାଯାଇଛି।

## ବ୍ଲକ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା

ରାଇକିଆ,୧୬।୧୦(ସମିସ): କନ୍ଧମାଳ ଜିଲ୍ଲା ରାଇକିଆ ବ୍ଲକ୍ ବିଜେପି ତରଫରୁ ଗୁରୁବାର ନୂତନ ଭାବେ ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିବା ରୀନା ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅନାସ୍ଥା ଭୋଟରେ ପଦ ହରାଇବା ପରେ ବୁଧବାର ରୀନା ପ୍ରଧାନ ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ । ସାଂସଦ ପ୍ରତିନିଧି ସନ୍ତୋଷ ଲେଙ୍କା, ମଣ୍ଡଳ ସଭାପତି ସନ୍ତୋଷ ପାତ୍ର, ପୂର୍ବତନ ବିଧାୟକ ମନୋଜ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ ସାହୁ ,ବରିଷ୍ଠ କାର୍ଯ୍ୟକର୍ତ୍ତା ନାରାୟଣ ପାତ୍ର , ସମ୍ପାଦକ ସନକ ଦିଗାଲଙ୍କ ସମେତ ଦଳୀୟ କର୍ମୀ ଯୋଗ ଦେଇ ଶୁଭେଚ୍ଛା ଜଣାଇବା ସହ ଅଞ୍ଚଳ ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ଆଲୋଚନା କରିଥିଲେ। ସମସ୍ତଙ୍କ ସହଯୋଗରେ ବ୍ଲକ୍‌ର ଉନ୍ନୟନ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ଅଧ୍ୟକ୍ଷା ପ୍ରତିଶ୍ରୁତି ଦେବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅବ୍ୟବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ
# ଗୁରୁତର ରୋଗୀଙ୍କୁ ମିଳୁନି ଆମ୍ବୁଲାନ୍ସ

ବାଲିଗୁଡ଼ା,୧୬।୧୦(ସମିସ)



ଅବ୍ୟବସ୍ଥା ଘେରରେ ବୁଡ଼ି ରହିଛି ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ। ଉପଖଣ୍ଡ ସ୍ତରରେରେ ନିର୍ଭରଶୀଳ ହଜାର ହଜାର ରୋଗୀ ହନ୍ତସନ୍ତ ହେଉଛନ୍ତି। ଗତ ସୋମବାର ଦିନ ଜଣେ ଦୁର୍ଘଟଣା ଗ୍ରସ୍ତ ଗୁରୁତର ରୋଗୀଙ୍କୁ ବାଲିଗୁଡ଼ା ଚିକିତ୍ସରାଳୟରେ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନନ୍ତର କରିଥିଲେ। ହେଲେ ଆମ୍ବୁଲାନ୍ସ ସେବା ନମିଳିବାରୁ ଘଣ୍ଟା ଘଣ୍ଟା ଧରି ଛଟପଟ ହୋଇ ପଡିରହିଥିବା ଦେଖିବାକୁ ମିଳିଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ୧୦୮ ଆମ୍ବୁଲାନ୍ସ ଏମିତି କି ମେଡିକାଲ ଦେୟ ଯୁକ୍ତ ଆମ୍ବୁଲାନ୍ସ ଗାଡ଼ି ଥାଇ ମଧ୍ୟ ନିରୀହ ଲୋକେ ସେବାରୁ ବଞ୍ଚିତ ହେଉଛନ୍ତି। ଉପଖଣ୍ଡ ଚିକିତ୍ସାଳୟରେ ଦୁଇଟି ଆମ୍ବୁଲାନ୍ସ ଓ ମହାପ୍ରୟାଣ ଆମ୍ବୁଲାନ୍ସ ଥାଇ ମଧ୍ୟ ଲୋକେ ଜରୁରୀକାଳୀନ ମେଡିକାଲ ସେବାରୁ ବଞ୍ଚିତ ରହୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। କାହା ସ୍ୱାର୍ଥରେ ଏହି ଆମ୍ବୁଲାନ୍ସ ଗାଡ଼ି ବ୍ୟବହାର ହେବ ତାହା ବର୍ତ୍ତମାନ ସାଧାରଣରେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଚିକିତ୍ସାଳୟର ଦାୟିତ୍ୱରେ ଥିବା ଉପଖଣ୍ଡ ମେଡିକଲ ଅଧିକାରୀ ଅନେକ ସମୟରେ ଅନୁପସ୍ଥିତି ରହୁଥିବା ଅଭିଯୋଗ ହେଉଛି। ଏଥିଯୋଗୁଁ ଚିକିତ୍ସାଳୟରେ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ଉପଖଣ୍ଡ ଚିକିତ୍ସାଳୟକୁ ଆସୁଥିବା ହଜାର ହଜାର ରୋଗୀ ଚିକିତ୍ସା ପାଇଁ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ଅପେକ୍ଷା କରିବା ସବୁବେଳେ ଦେଖିବାକୁ ମିଳୁଛି। ଚିକିତ୍ସାଳୟରେ ରୋଗୀଙ୍କ ଏହି ସମସ୍ୟା ନେଇ ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କଲେ ତାଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିପାରୁନି। ଖୁବ ଶୀଘ୍ର ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସମସ୍ୟାର ସମାଧାନ କରାନଗଲେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆସିକା,୧୬।୧୦(ସମିସ): ଆସିକା ବ୍ଲକ କାର୍ଯ୍ୟାଳୟ ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ସରୋଜ କୁମାର ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷା ରେଶମା ଦୋରା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏସିଓ ଶବର, ସରପଞ୍ଚ ଜୟନ୍ତୀ ବେହେରା, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ବେହେରା, ଜିପିଡିଓ ରାଜଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଶିବିରରେ ଚଳନ ବାଧିତ ୬୨, ଶ୍ରବଣ ବାଧିତ ୨୭, ଦୃଷ୍ଟି ବାଧିତ ୦୮, ମସ୍ତିଷ୍କ ପକ୍ଷାଘାତ ୬, ସିକିଲ ସେଲ ୧, ମାନସିକ ଅନଗ୍ରସର ୦୮, ଭିନ୍ନକ୍ଷମ ପ୍ରମାଣ ପତ୍ର ନିମନ୍ତେ ୧୮, ସହାୟକ ଉପକରଣ ନିମନ୍ତେ ୮୪ ଜଣ ଆବେଦନ ନିମନ୍ତେ ଉପସ୍ଥିତ ରହିଥିଲେ। ଏଥି ସହିତ ଟ୍ରେନ ପାସ୍, ବସ୍ ପାସ୍, ରାସନକାର୍ଡ, ବାସିନ୍ଦା ପତ୍ର ନିମନ୍ତେ ୬୭ ଜଣ ଆବେଦନ କରିଛନ୍ତି। ଶିବିରରେ ହେମନ୍ତ ନନ୍ଦ, ମନ୍ଦାକିନୀ ରଥ, ସୁଶାନ୍ତ କୁମାର ବେହେରା, ସଞ୍ଜୟ କୁମାର ବେହେରା ସମେତ ପିଇଓ ମାନେ ସହଯୋଗ କରିଥିଲେ।

## ବିଦ୍ୟୁତ ଆଘାତରେ ମୃତ ମହିଳାଙ୍କ ପରିବାରକୁ ୪ ଲକ୍ଷ କ୍ଷତିପୂରଣ ଦିଅ

ପାରଳାଖେମୁଣ୍ଡି,୧୬।୧୦ (ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ସିନିୟର ସିଭିଲ ଜଜଙ୍କ ଅଦାଲତରେ ବିଦ୍ୟୁତ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବ୍ୟକ୍ତିଙ୍କ ପରିବାରଙ୍କ ସପକ୍ଷରେ ଆଜି ଏକ ରାୟ ପ୍ରକାଶ ପାଇଛି । ବିଚାରପତି ଜୀବନାନ୍ଦ ପାଢ଼ୀ ଗତ ୨୦୨୦ ମସିହା ସେପ୍ଟେମ୍ବର ୩ ତାରିଖରେ ଘଟିଥିବା ଏକ ବିଦ୍ୟୁତ ଜନିତ ମୃତ୍ୟୁ ଘଟଣାର ବିଚାର କରି ବିଦ୍ୟୁତ ବିଭାଗକୁ କ୍ଷତିପୁରଣ ପାଇଁ ରାୟ ପ୍ରକାଶ କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ଗୋଷାଣି ବ୍ଲକ ତାଟିପାଟି ଗ୍ରାମର ରେୟା ସରସ୍ୱତୀ ନାମକ ଜଣେ ମହିଳା ନିଜ ବିଲରେ କାମ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ମୃତକଙ୍କ ପରିବାରବର୍ଗ ଏସମ୍ପର୍କରେ ୨୦୨୩ ମସିହାରେ ନ୍ୟାୟ ପାଇଁ ଅଦାଲତର ଆଶ୍ରୟ ନେଇଥିଲେ । ମୃତକଙ୍କ ପରିବାର ବର୍ଗଙ୍କ ପକ୍ଷରୁ ଆଇନଜୀବୀ ଆଲିଆନା ଜଗାରାଓ ପ୍ରମାଣ ଅଦାଲତରେ ଦାଖଲ କରିଥିଲେ। ବିଦ୍ୟୁତ ବିଭାଗ ପକ୍ଷରୁ ମାମଲାକୁ ଆଇନଜୀବୀ ଏସ୍.ଏସ୍. ସାବତ ପରିଚାଳନା କରୁଥିଲେ। ଅଦାଲତ ମୃତକଙ୍କ ପରିବାର ପକ୍ଷରୁ ଲଢୁଥିବା ଆଇନଜୀବୀଙ୍କ ବଳିଷ୍ଠ ପ୍ରମାଣକୁ ଭିତ୍ତି କରି ଟିପିଏସଓଡିଏଲ ବିଦ୍ୟୁତ ବିଭାଗକୁ କ୍ଷତିପୂରଣ ବାବଦକୁ ୪ଲକ୍ଷ ଟଙ୍କା ଏକ ମାସ ମଧ୍ୟରେ ପ୍ରଦାନ କରିବାକୁ ରାୟ ଦେଇଛନ୍ତି।

## ବିଶ୍ୱ ହାତଧୁଆ ଦିବସ



**ସୋରଡ଼ା,୧୬ ।୧୦(ସମିସ):** ସୋରଡ଼ାରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ଅଧୀନରେ ବିଭିନ୍ନ ଜଳ ଯୋଗାଣ କେନ୍ଦ୍ର ଓ ବିଦ୍ୟାଳୟଠାରେ ବିଶ୍ୱ ହାତ ଧୁଆ ଦିବସ ପାଳନ କରାଯାଇଥିଲା । ସ୍ଥାନୀୟ ବିଧାୟକଙ୍କ ସହିତ ବିଡିଓ ତନ୍ମୟ ପାତ୍ର ଯୋଗଦେଇ ହାତକୁ ସଫା ରଖିବା ଅଭ୍ୟାସ ସହିତ ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ହିଁ ଆବଶ୍ୟକତା ବୋଲି ବୁଝାଇଥିଲେ । ଶିବ ରଞ୍ଜନ ସିଂ ଓ ବ୍ଲକର ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ ।

## ରାଷ୍ଟ୍ରୀୟ ପୋଷଣ ଦିବସ ପାଳିତ

**କୋଦଲା,୧୬ ।୧୦(ସମିସ):** ଗର୍ଭବତୀ ମା ଓ ଶିଶୁର ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଉତ୍ତମ ପୋଷଣ ଯୁକ୍ତ ଖାଦ୍ୟର ନିହାତି ଆବଶ୍ୟକତା ରହିଛି । କେଉଁ ଖାଦ୍ୟ ପଦାର୍ଥରୁ କେଉଁ ପ୍ରକାର ଭିଟାମିନ ଆମେ ପାଇପାରିବା । ଗର୍ଭବତୀ ସମୟରେ କି କି ଖାଦ୍ୟ ପଦାର୍ଥ ର ଆବଶ୍ୟକ ରହିଛି ଏହା ଖାଇବା ଦ୍ୱାରା ମା ଓ ଶିଶୁ ସ୍ୱାସ୍ଥ୍ୟର ବିକାଶ ହୋଇପାରିବ ସେଥିପାଇଁ ସଚେତନତା କରିବା ଉଦ୍ଧେଶ୍ୟରେ ରାଷ୍ଟ୍ରୀୟ ପୋଷଣ ଦିବସ ପାଳିତ କରାଯାଉଛି । ଗୁରୁବାର ବେଗୁନିଆପଡା ବ୍ଲକ ପରିସରରେ ସିଡିପିଓ ନୀଳିମା ଟପ୍ପୋଙ୍କ ତତ୍ତ୍ୱାବଧାନରେ ଏହି ଦିବସ ପାଳନ କରାଯାଇଛି । ଏଥିରେ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ଏବିଡିଓ ନିରଞ୍ଜନ ବେହେରା ଇନିସ୍ପେକ୍ଟର ଟୁନା ପୀଡ଼ିକା, ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ, ଡାକ୍ତର ଯୋଗଦେଇ ଗର୍ଭ ଧାରଣର ୧୦୦ ଦିନର ଗୁରୁତ୍ୱ, ରକ୍ତହୀନତା, ପରିଷ୍କାର ପରିଚ୍ଛନତା, ଉପଯୁକ୍ତ ଖାଦ୍ୟ, ଡ଼ାଇରିଆ ମୁକ୍ତ ଆଦି ବିଷୟରେ ସଚେତନ କରିଥିଲେ । ଏଥିସହ ଗର୍ଭବତୀ ମହିଳା ଓ ନବ ଯାତ ଶିଶୁ ଓ ମା'ଙ୍କୁ ଅନ୍ନପ୍ରାସନ କରାଯାଇଥିଲା ।

## ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଆଇଇଇଇ ଦିବସ

**ପାରଳାଖେମୁଣ୍ଡି,୧୬।୧୦(ସମିସ):** ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଇସିଇ ଏବଂ ଟ୍ରିପଲଇ ବିଭାଗ ଦ୍ୱାରା ଶୈକ୍ଷିକ ମନୋଭାବ ସହିତ ଆଇଇଇଇ ଦିବସ ପାଳିତ ହୋଇଯାଇଛି । ଆଇଇଇଇ ଜେଆଇଟିଏମ୍ ଛାତ୍ର ଶାଖା ଛାତ୍ରଛାୟା ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡ.ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଏସଓଇଟିଇ ଡିନ୍ ଡ.ପ୍ରଫୁଲ୍ଲ କୁମାର ପଣ୍ଡା ସମାବେଶକୁ ସମ୍ବୋଧିତ କରି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନବସୃଜନ ଏବଂ ଗବେଷଣା ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଆଇଇଇଇର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ସିୟୁଟିଏମର ରେଜିଷ୍ଟ୍ରାର ପ୍ରଫେସର ଅନିତା ପାତ୍ର ଗବେଷଣା ଭିତ୍ତିକ ଶିକ୍ଷାକୁ ପ୍ରୋତ୍ସାହିତ କରିବାରେ ବିଶ୍ୱବିଦ୍ୟାଳୟର ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ଉପକୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଆଇଇଇଇ ମାଧ୍ୟମରେ ବିଶ୍ୱବ୍ୟାପୀ ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ବୃତ୍ତିଗତ ବିକାଶର ଗୁରୁତ୍ୱ ଉପରେ ଏକ ପ୍ରେରଣାଦାୟକ ଭାଷଣ ଦେଇଥିଲେ । ସମନ୍ୱିତ ପରୀକ୍ଷଣ ପରିସର (ଆଇଟିଆର), ଡିଆରଡିଓ ଏବଂ ପରାମର୍ଶଦାତା ଏଚ୍.କେ. ରଥ ସ୍ୱତନ୍ତ୍ର ଭାଷଣ ଦେଇଥିଲେ ଏବଂ ପରେ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନରେ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ । ଗୁଜରାଟର ପାରୁଲ ବିଶ୍ୱବିଦ୍ୟାଳୟର ଡ.ପ୍ରବୋଧ କେ. ସାହୁ, ଆଇଆଇଟି ଭୁବନେଶ୍ୱରର ଆଇଇଇଇର ବରିଷ୍ଠ ସଦସ୍ୟ ଡ. ପ୍ରଦ୍ୟୁତ କେ. ବିଶ୍ୱାଳ, ନ୍ୟୁରୋମର୍ଫିକ୍ ହାର୍ଡୱେୟର ଆର୍କିଟେକ୍ଚର ଏବଂ ଏହାର ପ୍ରୟୋଗ ଉପରେ ଏକ ଅଧିବେଶନ ପ୍ରଦାନ କରିଥିଲେ । ସଂଯୋଜକ ପ୍ରଫେସର ପ୍ରଭାତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

## ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

**ବେଲଗୁଣ୍ଠା,୧୬ ।୧୦(ସମିସ):** ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁରସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଅଧ୍ୟକ୍ଷା ଭାବେ ବରିଷ୍ଠ ଅଧ୍ୟାପିକା ରୁନିବାଳା ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ଅନୁଷ୍ଠାନର ଗଭର୍ଣ୍ଣିଂ ବଡି ସଭାପତି ତଥା ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଏବଂ ସୋରଡା ବିଧାୟକ ନୀଳମଣି ବିଷୋୟୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅନୁଷ୍ଠାନର ସୁବିଧା, ଅସୁବିଧା, ଆବଶ୍ୟକତା ଏବଂ ଶୈକ୍ଷିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି । ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀଙ୍କ ସହଯୋଗରେ ବିଦ୍ୟାଳୟରେ ସମସ୍ତ ପ୍ରକାର ଶୈକ୍ଷିକ ଏବଂ ସହ ଶୈକ୍ଷିକ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହେବ ବୋଲି ଆଶା କରିଛନ୍ତି । ସେହିପରି ଅନୁଷ୍ଠାନର ରାସାୟନିକ ବିଭାଗ ପ୍ରତିପାଦକ ଦେବେଶ ଚନ୍ଦ୍ର ମହାପାତ୍ର ଅବସର ଗ୍ରହଣ କରିଥିବା ବେଳେ ଓଡ଼ିଆ ବିଭାଗ ଅଧ୍ୟାପକ ତ୍ରିନାଥ ବେହେରା ଅନୁଷ୍ଠାନର ପ୍ରଶାସନିକ ଅଧୀକ୍ଷକ ରୂପେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ୨ ସେନା ଅଧିକାରୀଙ୍କଠାରୁ ୬ଲକ୍ଷ ନେଇଗଲେ ସାଇବର ଠକ

**ବ୍ରହ୍ମପୁର,୧୬।୧୦(ସମିସ)**

ସାଇବର ଠକମାନେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ୨ଜଣ ସେନା ଅଧିକାରୀଙ୍କଠାରୁ ବିଭିନ୍ନ ଉପାୟରେ ୬ଲକ୍ଷରୁ ଅଧିକ ଟଙ୍କା ଠକି ନେଇଛନ୍ତି । ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି । ସୂଚନାପ୍ରକାରେ, ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ବାହାର ରାଜ୍ୟର ଜଣେ ମହିଳା ସେନା ଅଧିକାରୀ ଆଇସିଆଇସି ବ୍ୟାଙ୍କର କ୍ରେଡିଟ କାର୍ଡ ସହ ଅନ୍ୟ କ୍ରେଡିଟ କାର୍ଡ ବ୍ୟବହାର କରୁଛନ୍ତି । ୨ଦିନ ତଳେ ତାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା । ଫୋନ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ଆଇସିଆଇସିଆଇ କ୍ରେଡିଟ କାର୍ଡର କଷ୍ଟମର କେୟାର ପ୍ରତିନିଧି ବୋଲି ଦର୍ଶାଇଥିଲେ । ସେହିକ୍ରମରେ ସେନା ଅଧିକାରୀ ଜଣଙ୍କ ତାଙ୍କ ସହ କଥା ହୋଇଥିଲେ । ଆପଣଙ୍କ କ୍ରେଡିଟ କାର୍ଡରେ ନେଣଦେଣରେ ସମସ୍ୟା ରହିଛି ବୋଲି ସେନା ଅଧିକାରୀଙ୍କୁ କହିଥିଲା । ଏଥିପାଇଁ ସେ ସେନା ଅଧିକାରୀଙ୍କୁ ତାଙ୍କ କ୍ରେଡିଟ କାର୍ଡର ସବିଶେଷ ତଥ୍ୟ ମାଗି ନେଇଥିଲା । ଏହାର କିଛି ସମୟ ପରେ ସେନା ଅଧିକାରୀଙ୍କ ୨ଟି କ୍ରେଡିଟ୍ କାର୍ଡରୁ ପର୍ଯ୍ୟାୟକ୍ରମେ ୨ଲକ୍ଷ ୫୦ହଜାରରୁ ଅଧିକ ଟଙ୍କା କଟି ଯାଇଥିଲା । କୌଣସି କିଣାକିଣି କିମ୍ବା ବିଲ ପେମେଣ୍ଟ ନକରି ତାଙ୍କ କ୍ରେଡିଟ କାର୍ଡରୁ ଟଙ୍କା କଟିଯିବା ପରେ ସେନା ଅଧିକାରୀ ଜଣଙ୍କ ଚିନ୍ତାରେ ପଡ଼ି ଯାଇଥିଲେ । ଯାଞ୍ଚ ପରେ ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଘଟଣା ସମ୍ପର୍କରେ ସେ ବ୍ରହ୍ମପୁର ସାଇବର ଥାନାରେ ଅଭିଯୋଗ କରିଥିଲେ । ସେହିପରି କିଛି ଦିନ ତଳେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ଆନ୍ଧ୍ରପ୍ରଦେଶର ଜଣେ ସେନା ଅଧିକାରୀ ମଧ ସାଇବର ଠକେଇର ଶିକାର ହୋଇଛନ୍ତି । ସାଇବର ଠକମାନେ ଏହି ସେନା ଅଧିକାରୀଙ୍କ ଅଜାଣତରେ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୩ଲକ୍ଷ ୬୯ହଜାର ଟଙ୍କା ଅନ୍ୟାନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରି ନେଇ ଯାଇଛନ୍ତି । ଘଟଣାକୁ ନେଇ ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଟଙ୍କା ଟ୍ରାନ୍ସଫର ହୋଇଥିବା ଆକାଉଣ୍ଟ ବିଷୟରେ ତଥ୍ୟ ସଂଗ୍ରହ କରୁଥିବା ଜଣାପଡ଼ିଛି ।

**ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ**

## ଦିଗ୍‌ଦର୍ଶନ ଫାଉଣ୍ଡେସନ ସମ୍ବର୍ଦ୍ଧିତ




**ଗଞ୍ଜାମ,୧୬ ।୧୦(ସମିସ):** ରମ୍ଭା ସହର ସ୍ଥିତ କଲ୍ୟାଣି ମଣ୍ଡପରେ ସ୍ଥାନୀୟ ଗ୍ରିନ ପିସ ଭିଲେଜ ଫାଉଣ୍ଡେସନ ତରଫରୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ହୃଷିକେଶ ପାଣିଗ୍ରାହି, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ଷଡଙ୍ଗୀ, ପ୍ରଫେସର ସୁଦୀପ୍ତା ପାଣିଗ୍ରାହି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ରାଜ୍ୟର ୧୧୭ଟି ସ୍ୱେଚ୍ଛାସେବୀ ସଂଗଠକୁ ସମ୍ବର୍ଦ୍ଧିତ କରିଥିଲେ । ଉକ୍ତ ସମାରୋହରେ ଦିଗଦର୍ଶନ ଅନୁଷ୍ଠାନର ପ୍ରତିଷ୍ଠାତା ବିଜୟଲକ୍ଷ୍ମୀ ମହାଙ୍କୁଡ଼, ସଭାପତି ଉମାକାନ୍ତ ବେହେରା, ଉପସଭାପତି ରାକେଶ କୁମାର ନାୟକ, ସହ ସମ୍ପାଦକ ସୁଦର୍ଶନ ପାଢ଼ୀ, ମହା ପ୍ରସାଦ ମହାପାତ୍ର, ସୁଶ୍ରୀ ଡି. ବିଷ୍ଣୁପ୍ରିୟା ପ୍ରମୁଖ ମଞ୍ଚ ଉପରୁ ଅତିଥି ମାନଙ୍କ ଠାରୁ ମାନପତ୍ର ଗ୍ରହଣ କରିବା ସହ ସମ୍ମାନିତ ହୋଇଥିଲେ । ୨୦୧୬ରେ ପ୍ରତିଷ୍ଠିତ ହୋଇଥିବା ଏହି ଅନୁଷ୍ଠାନ ପରିବେଶ ସୁରକ୍ଷା ସହ ବୃକ୍ଷରୋପଣ, ଅଲିଭ ରିଡଲେ ସାମୁଦ୍ରିକ କଇଁଚ ସୁରକ୍ଷା ନେଇ ଋଷିକୁଲ୍ୟା ମୁହାଁଣ ବେଳାଭୂମିରେ ସ୍ୱଚ୍ଛତା ଭଳି ବିଭିନ୍ନ କାର୍ଯ୍ୟକ୍ରମ କରି ଆସିଛି । ଏହି ଅବସରରେ ଗ୍ରିନପିସ ଭିଲେଜ ଫାଉଣ୍ଡେସର ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ସମ୍ପାଦକ ଦେବେନ୍ଦ୍ର ନାହାକ, ଅଧ୍ୟକ୍ଷ ପ୍ରତାପ ନାୟକ, ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶ ଉପଦେଷ୍ଟା ପ୍ରତାପ ନାହାକ, ବିଜୟ କୁମାର ବିଶ୍ୱାଳ, ପଞ୍ଚାନନ ଖଟୁଆ, ରବି ନାରାୟଣ ସେନାପତି, ସଦସ୍ୟ ରୋହିତ କୁମାର ସାହୁ, ବିକାଶ ନାହାକ, ଆଲୋକ ନାହାକ, ଆଦିତ୍ୟ, ପ୍ରଶାନ୍ତ, ରବିନ୍ଦ୍ର, ସତ୍ୟ ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ ।

**ରାଜ୍ୟସ୍ତରୀୟ ଫରେଷ୍ଟ ସ୍ପୋର୍ଟସ୍ ମିଟ୍**

## ଦକ୍ଷିଣ ଘୁମୁସର ବନଖଣ୍ଡକୁ ୮ ପଦକ

**ଭଞ୍ଜନଗର,୧୬।୧୦(ସମିସ):** ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ୧୧ ଓ ୧୨ ତାରିଖ ଦୁଇଦିନ ଧରି ରାଜ୍ୟସ୍ତରୀୟ ଫରେଷ୍ଟ ସ୍ପୋର୍ଟସ୍ ମିଟ୍ ୨୦୨୫ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟର ବିଭିନ୍ନ ବନଖଣ୍ଡରୁ ଆସିଥିବା ଶତାଧିକ ବନରକ୍ଷୀ, ବନପାଳ, ଡେପୁଟି ରେଞ୍ଜର, ରେଞ୍ଜର, ଏସିଏଫ୍, ଡିଏଫ୍ଓ, କର୍ମଚାରୀ ଅଂଶଗ୍ରହଣ କରି ପଦକ ବିଜୟୀ ହୋଇଛନ୍ତି । ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡକୁ ୬ଟି ପଦକ ମିଳିଥିବାବେଳେ ଘୁମୁସର ଦକ୍ଷିଣ ବନଖଣ୍ଡକୁ ୮ଟି ପଦକ ମିଳିଛି । ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିକାରୀ ବିପାସା ପାରୁଲ (ଆଇ.ଏଫ୍.ଏସ୍) ଟେବୁଲ ଟେନିସ୍‌ରେ ସ୍ୱର୍ଣ୍ଣ ଓ ରୌପ୍ୟ ଦୁଇଟି ପଦକ ପାଇଛନ୍ତି । ଏଥିସହ ବନରକ୍ଷୀ ଚୁମ୍‌କି ନାୟକ ଚେସ୍‌ରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ଦୁଇଟି ପଦକ ପାଇଛନ୍ତି । ରାଜ କିଶୋର ବେହେରା ଲଙ୍ଗ୍‌ଜମ୍ପ୍ ଏବଂ ଟ୍ରିପଲ ଜମ୍ପ୍‌ରେ ସ୍ୱର୍ଣ୍ଣ ଏବଂ ରୌପ୍ୟ ଦୁଇଟି ପଦକ ବିଜୟୀ ହୋଇଛନ୍ତି । ଧନେଶ୍ୱର ମିଞ୍ଜ୍ ୮୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ, ପିଣ୍ଟୁ ସେଠୀ ସାଇକେଲ ଚାଳନାରେ ସିଲଭର୍ ପଦକ ବିଜୟୀ ହୋଇଛନ୍ତି । ସେହିଭଳି ଘୁମୁସର ଉତ୍ତର ବନଖଣ୍ଡ ତାରସିଂ ଡେପୁଟି ରେଞ୍ଜର ପ୍ରଶାନ୍ତ ବେହେରା ୨ଟି ପଦକ ବିଜୟୀ ହୋଇଥିବା ବେଳେ ବନରକ୍ଷୀ ପି. ମୋହନ ଗୋଟିଏ, ସୋନମ କହଁର ୨ଟି ଓ ବନପାଳ ଦିଲ୍ଲୀପ ଦାସ ଗୋଟିଏ ପଦକ ବିଜୟୀ ହୋଇଛନ୍ତି । ଦୁଇ ବନଖଣ୍ଡର କର୍ମଚାରୀ ରାଜ୍ୟସ୍ତରୀୟ ଫରେଷ୍ଟ ସ୍ପୋର୍ଟସ ମିଟ୍‌ରେ ପଦକ ବିଜୟୀକୁ ନେଇ ସମସ୍ତ କର୍ମଚାରୀ ଖୁସିବ୍ୟକ୍ତ କରିଛନ୍ତି ।

## ବ୍ଲକ୍‌ସ୍ତରୀୟ ପୋଷଣ ମାସ

**ଦିଗପହଣ୍ଡି,୧୬ ।୧୦(ସମିସ):** ଦିଗପହଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ସ୍ଥାନୀୟ ମିଶନ ଶକ୍ତି ସଭାଗୃହ ପରିସରରେ ବ୍ଲକସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଡିପିଓ ପୁଷ୍ପାଞ୍ଜଳି ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ପ୍ରମୁଖ ମଞ୍ଚାସିନ ଥିଲେ । ମେଦ ବହୁଳତା ନିୟନ୍ତ୍ରଣ ଏବଂ ପୋଷଣ ଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କିଭଳି ସୁସ୍ଥ ଜୀବନ ପାଇପାରିବେ ସେନେଇ ସଭାରେ ଆଲୋକପାତ କରାଯାଇଥିଲା । ପରିଶେଷରେ ୧୧ଟି ସେକ୍ଟରର ୧୧ ଜଣ ଅଙ୍ଗନବାଡ଼ି କର୍ମୀ ଓ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି



ଏବିଡିଓ ଉମେଶ ସେଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ, ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପିଏଚଇଓ ସଂଯୁକ୍ତା ଜେନା, ସ୍ୱାସ୍ଥ୍ୟକର୍ମୀ ରଜନୀ ରାଣୀ ବେହେରା କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ସେକ୍ଟରର ଅଙ୍ଗନବାଡ଼ି ସୁପ୍ରଭାଇଜର, ଅଙ୍ଗନବାଡ଼ି କର୍ମୀ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତା

**ଗଞ୍ଜାମ,୧୬।୧୦(ସମିସ):**



ଗଞ୍ଜାମ ଜିଲ୍ଲାସ୍ତରୀୟ ଖୋ ଖୋ ଚାମ୍ପିଅନସିପ୍ ପ୍ରତିଯୋଗିତା ଗୁରୁବାର ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତା ତିନି ଦିନ ଧରି ଚାଲିବ । ଜିଲ୍ଲାର ୨୨ ବ୍ଲକ୍‌ର ବିଭିନ୍ନ ସ୍କୁଲର ୧୪ ବର୍ଷରୁ ୧୭ ବର୍ଷ ବାଳକ ବାଳିକାଙ୍କୁ ନେଇ ୯୫ଟି ଦଳର ୪୮୪ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ପ୍ରତ୍ୟେକ ଦିନ ୪୨ ଟି ଲେଖାଏଁ ମ୍ୟାଚ ତିନି ଦିନ ଧରି ଅନୁଷ୍ଠିତ ହେବ । ପ୍ରଥମ ଥର ପାଇଁ ଏହି ବ୍ଲକ୍‌ରେ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ବେଳେ ପ୍ରଥମ ଥର ପାଇଁ ଖୋ ଖୋ ଭଳି ପ୍ରତିଯୋଗିତା ଫ୍ଲଡ୍ ଲାଇଟରେ ଅନୁଷ୍ଠିତ ହେଉଛି । ଏହାକୁ ଜିଲ୍ଲା ଶିକ୍ଷାଧିକାରୀ ଅଜୟ କୁମାର ପତ୍ର, ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ, ଡିଡିଓ ସୁଚିତ୍ରା ପାଣିଗ୍ରାହୀ, ଭାରତୀ ବିଦ୍ୟାପୀଠ କ୍ରୀଡ଼ା ଶିକ୍ଷକ ପ୍ରୀତିରଞ୍ଜନ ପ୍ରଧାନ, ପିଇଟି ସୀତାରାମ ବେବର୍ତ୍ତାଙ୍କ ସମେତ ସମସ୍ତ ପିଇଟି, ସିଆର୍‌ସିସି, ପ୍ରଧାନ ଶିକ୍ଷକ ସହଯୋଗ ପରିଚାଳନା କରୁଛନ୍ତି । ପ୍ରକାଶ ଯୋଗ୍ୟ ଏହି ପ୍ରତିଯୋଗିତା ଗତ ୧୪ ରୁ ୧୬ ରେ ହେବାକୁ ଥିଲା । କିନ୍ତୁ ବର୍ଷା କାରଣରୁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏହାକୁ ଘୁଞ୍ଚାଇଦିଆ ଯାଇଥିଲା ।

# ବିଭିନ୍ନ ସ୍ଥାନରେ ଶିଶୁ ମହୋତ୍ସବ 'ସୁରଭି'

**ଶେରଗଡ଼,୧୬।୧୦(ସମିସ):** ଡିଙ୍କିଶାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀ ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଏବିଇଓ ଶୈଳେନ୍ଦ୍ରୀ ଦଳେଇ, ଏବିଇଓ ଦିବାକର ଗମାଙ୍ଗ, ସମିତି ସଭ୍ୟା କୁମାରୀ ସେଠି ପ୍ରମୁଖ ମଞ୍ଚାସୀନ ଥିଲେ । ଡିଙ୍କିଶାଳ କ୍ଲଷ୍ଟରର ୧୨ଟି ବିଦ୍ୟାଳୟର ୧୮୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସିଆରସିସି ଆଲୋକ କୁମାର ଷଡଙ୍ଗୀ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।

**ସୋରଡ଼ା:** ସୁରେଖାଦେଇପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କ୍ଲଷ୍ଟରର ୧୪ଟି ବିଦ୍ୟାଳୟରୁ ପ୍ରାୟ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀ, ସମ୍ମାନିତ ଅତିଥି ସରପଞ୍ଚ ଦିଲ୍ଲୀପ କୁମାର ପ୍ରଧାନ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶିଳା ପାତ୍ର, ପିତାମ୍ବର ନାୟକ, ମୁଖ୍ୟ ବକ୍ତା ଭାବେ ଋଷିକୂଲ୍ୟା ସ୍ନାତକ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ହୃଷିକେଶ ମିଶ୍ର ଯୋଗଦେଇଥିଲେ । ପ୍ରଧାଶିକ୍ଷକ କାମଦେବ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୋଗ ଦେଇଥିଲେ । ସିଆରସିସି ସନ୍ତୋଷ କୁମାର ମହାନ୍ତି ଓ ନାଟ୍ୟକାର ତଥା ଅମୃତୁଲୁ ସିଆରସିସି ରାଜେନ୍ଦ୍ର କୁମାର ବିଷୋୟୀ, କାଳୁ ଚରଣ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ । ସହକାରୀ ଶିକ୍ଷକ ଧନ୍ୟବାଦ ଦେଇଥିଲେ ।

**ଧରାକୋଟ:** ଧରାକୋଟ ବ୍ଲକର ଧରାକୋଟ, ମୁଣ୍ଡମରାଇ, ରୁଗୁମ ସମେତ ବିଭିନ୍ନ କ୍ଲଷ୍ଟରରେ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଧରାକୋଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବରେ ବିଇଓ ଅଭିମନ୍ୟୁ ସାହୁ, ଏବିଇଓ ବିଭୁତି ଭୁଷଣ ପାତ୍ର, ଏଏନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ପଟନାୟକ, ଇଂରାଜୀ ଅଧ୍ୟାପକ ବଳରାମ ସ୍ୱାଇଁ, ପ୍ରାକ୍ତନ ସିଆରସିସି ଭାସ୍କର ବାଡ଼ତ୍ୟା ଯୋଗ ଦେଇଥିବା ବେଳେ ସିଆରସିସି ଜଗନ୍ନାଥ ପଢ଼ିହାରି ଏହାର ପରିଚାଳନା କରିଥିଲେ । ନଅଟି ବିଦ୍ୟାଳୟର ୩୦୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ରୁଗୁମୁ କ୍ଲଷ୍ଟର ସୁରଭି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଦିବାକର ସେଠୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ସରପଞ୍ଚ ଗୀତାଞ୍ଜଳି ସ୍ୱାଇଁ, ମୁଖ୍ୟବକ୍ତା ପୂର୍ବତନ ଏବିଇଓ ବୁଚିରାଓ ଦୋରା, ଅତିଥି ଭାବରେ ପୂର୍ବତନ ସରପଞ୍ଚ ସୁଧାକର ସ୍ୱାଇଁ, ସିଆରସିସି କାଳୁ ଚରଣ ଗୌଡ଼, ସାମ୍ବାଦିକ ହୃଦାନନ୍ଦ ଜେନା, ପ୍ରଧାନ ଶିକ୍ଷକ ଅମୂଲ୍ୟ ଚନ୍ଦ୍ର ମିଶ୍ର, ଶିଶୁପାଳ ବିଷୋୟୀ ପ୍ରମୁଖ ଉପସ୍ଥିତ ରହିଥିଲେ ।



**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ ବାସୁଦେବପୁର ଗ୍ରାମ ଶ୍ରୀଜଗନ୍ନାଥ ହାଇସ୍କୁଲ ପରିସରରେ ଗୋକର୍ଣ୍ଣପୁର କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁଦାମ ଦାସଙ୍କ ସଂଯୋଜନା ଏବଂ ଦିଗପହଣ୍ଡି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଡ. ଶଙ୍କର ନାରାୟଣ ବେଜଙ୍କ ପୌରହିତ୍ୟରେ ଆୟୋଜିତ ମହୋତ୍ସବରେ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ରୂପେ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସମିତି ଜିଲ୍ଲା ସଭାପତି ହରପ୍ରସାଦ ରଥ ଏବଂ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଏମ. ଶ୍ୟାମଘନ, ଜିଲ୍ଲା ପରିଷଦ ସଦସ୍ୟାଙ୍କ ପ୍ରତିନିଧି ଏମ. ନିରଞ୍ଜନ ରେଡ୍ଡୀ, ସାମାଜିକ କର୍ମୀ ଏମ. ସନ୍ତୋଷ, ସହଗୋଷ୍ଠୀ ଶିକ୍ଷାଧିକାରୀ ରସାନନ୍ଦ ଘଡେଇ, ହାଇସ୍କୁଲ ପରିଚାଳନା କମିଟି ସଭାପତି ଏମ.ପୂର୍ଣ୍ଣଚନ୍ଦ୍ର, ଗ୍ରାମ୍ୟ କମିଟି ସଭାପତି ଏମ. ନରସିଂହ, ସମବାୟ ସଭାପତି ସନାତନ ଦୋରା ପ୍ରମୁଖ ମଞ୍ଚାସିନ ଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ ବ୍ଲକ ସଭାପତି ରାଜେନ୍ଦ୍ର ଗୌଡ଼ ମଞ୍ଚ ପରିଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ କ୍ଲଷ୍ଟର ଅଧିନସ୍ଥ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । କ୍ଲଷ୍ଟର ସିଆରସିସି ସରିତା ନନ୍ଦଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

**କୁକୁଡ଼ାଖଣ୍ଡି:** ଦକ୍ଷିଣପୁର କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ



ହୋଇଯାଇଛି । ଏଥିରେ ଦକ୍ଷିଣପୁର ଅଧୀନରେ ଥିବା ୧୩ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ମୁଖ୍ୟ ଅତିଥି ରୂପେ ଏବିଇଓ ସୀମାଞ୍ଚଳ କାର୍ଜି ଓ ଲାଞ୍ଜିଆ ପଞ୍ଚାୟତର ସମିତିସଭ୍ୟ କାହ୍ନୁ ଚରଣ ପାତ୍ର ମୁଖ୍ୟବକ୍ତା ଓ ଦକ୍ଷିଣପୁର ପଞ୍ଚାୟତର ସମିତିସଭ୍ୟାଙ୍କ ପ୍ରତିନିଧି କାଳୁ ଚରଣ ବେହେରା ସମ୍ମାନିତ ଅଥିତି ଭାବରେ ଯୋଗ ଦେଇଥିଲେ । ରଞ୍ଜନ କୁମାର ପାଣିଗ୍ରାହୀ ଓ ଲକ୍ଷ୍ମୀ କାନ୍ତ ମନ୍ତ୍ର ଉଚ୍ଚାରଣ କରି ଥିଲେ । ସିଆରସିସି ଦୁଷ୍ମନ୍ତ କୁମାର ପଟନାୟକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଦକ୍ଷିଣପୁର ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଏ. ପୁଷ୍ପ ଲତା ମଞ୍ଚ ପରିଚାଳନା କରିଥିଲେ ଓ ସେହି ବିଦ୍ୟାଳୟର ଶିକ୍ଷୟତ୍ରୀ ମାନେ ତଥା ରୁବିତା କୁମାରୀ ଦେବୀ, ମନୀଷା ବଡମୁଣ୍ଡି, ଦୀପ୍ତିରାଣୀ ପାଢ଼ୀ, ରଶ୍ମିତା ପ୍ରଧାନ ସହଯୋଗ କରିଥିଲେ । ଲାଞ୍ଜିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ମହାରଣା ସମସ୍ତ ଏଭେଣ୍ଟର ପରିଚାଳନା ଦାୟିତ୍ୱ ନେଇଥିଲେ । ତାଙ୍କୁ ଆମ୍ବଗଡ଼ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁନିତା ସାହୁ, ଗୁଣ୍ଡବନ୍ଧ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଜାତା କୁମାରୀ ସାହୁ, ବାଳକୃଷ୍ଣପୁର ପ୍ରଧାନ ଶିକ୍ଷୟତ୍ରୀ ଶଶୀରେଖା ମଲିକ, ପଦର ବାଲି ପ୍ରଧାନ ଶିକ୍ଷୟତ୍ରୀ ଅଳକା ମିଶ୍ର, ଭଗବାନ ପୁର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ କନକଲତା ମହାନ୍ତି, ବୁଦାଲୁଣ୍ଡି ପ୍ରଧାନ ଶିକ୍ଷୟତ୍ରୀ ମହାଲକ୍ଷ୍ମୀ କର, ବାଘଝରି ପ୍ରଧାନ ଶିକ୍ଷୟତ୍ରୀ ସରସ୍ୱତୀ ଆଚରି, ବିରିବାଡିଆ ପ୍ରଧାନ ଶିକ୍ଷୟତ୍ରୀ ବି.ସଂଗୀତ ପାତ୍ର, ତଳ କୁମ୍ଭଝରି ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ସଂଗୀତ ପାତ୍ର ଓ ସେବାଶ୍ରମ କୁମ୍ଭଝରି ପ୍ରଧାନ ଶିକ୍ଷୟତ୍ରୀ ମନରୋମା ପଣ୍ଡା ସହ ଯୋଗ କରିଥିଲେ । ସିଆରସିସି ଦୁଷ୍ମନ୍ତ କୁମାର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ଉଦଯାପନ କରାଯାଇଥିଲା ।

**ରଙ୍ଗେଇଲୁଣ୍ଡା :** ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ରଙ୍ଗିପୁର କ୍ଲଷ୍ଟସ୍ତରୀୟ ସୁରଭି କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ଲକ କୋଲନିଠାରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ପ୍ରତିନିଧି ଗଙ୍ଗାଧର ଶତପଥୀ ମୁଖ୍ୟ ଅତିଥି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଜଗନ୍ନାଥ ଭୂୟାଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁସୁମ କୁମାରୀ ପାଢ଼ୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁକାନ୍ତ କୁମାର ଜେନା, କରଣ ସାହି ସିଆରସିସି ଅନୁଜ



କୁମାର ପ୍ରଧାନ, କନିଷି ସିଆରସିସି ବିରୁପାକ୍ଷ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ । କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରୁ ଛାତ୍ର ଛାତ୍ରୀମାନେ ଆସି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଶିକ୍ଷୟିତ୍ରୀ ପି ପଦ୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ଲକ୍ଷେ ଟଙ୍କା ସୁପାରି ଦେଇ ସ୍ୱାମୀଙ୍କୁ ମାରିଲା ସ୍ତ୍ରୀ

## ମା'ର ମୁଖା ଖୋଲିଲା ପୁଅ

ବାରାବାଙ୍କୀ, ୧୬ ।୧୦(ଏଜେନ୍ସି): ଉତ୍ତରପ୍ରଦେଶ ବାରାବାଙ୍କୀରେ ଜଣେ ମହିଳା ସୁପାରି ଦେଇ ନିଜ ସ୍ୱାମୀଙ୍କୁ ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି । ମହିଳାଙ୍କ ୮ ବର୍ଷର ପୁଅ ଏହି ହତ୍ୟାକାଣ୍ଡର ଗୁମର ଖୋଲିବା ସହ ସହ ମା'ଙ୍କ ମୁଖା ଖୋଲିଦେଇଛି। ସ୍ୱାମୀଙ୍କୁ ହତ୍ୟା କରିବାକୁ ମହିଳା ଜଣେ ଇ- ଅଟୋ ରିକ୍ସା ଡ୍ରାଇଭରକୁ ଲକ୍ଷେ ଟଙ୍କା ଦେଇଥିଲେ। କିନ୍ତୁ ୮ ବର୍ଷର ଶିଶୁ ଏହି ଅପରାଧ ଘଟଣା ପୁଲିସକୁ କହିବା ପରେ ସତ ପଦାକୁ ଆସିଛି। ଏହି ମହିଳା ହେଉଛନ୍ତି ବାରାବାଙ୍କୀ ଘୁଙ୍ଗେଟ ଅଞ୍ଚଳର ପୂଜା ଗୌତମ। ସ୍ୱାମୀ ହନୁମନ୍ତଲାଲ୍ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି ପୂଜା ପ୍ରଥମେ କହୁଥିଲେ । କିନ୍ତୁ ତାଙ୍କ ଉପରେ ପୁଲିସର ସନ୍ଦେହ ସୃଷ୍ଟି ହୋଇଥିଲା । ଫଳର ପୁଲିସ ତଦନ୍ତ ଆଗକୁ ବଢ଼ାଇବା ସହ ଅଧିକ ପଚରାଉଚରା କରିଥିଲା। ନିଜ ପୁତୁରାଙ୍କ ସହ ପୂଜାର ଅବୈଧ ସମ୍ପର୍କ ଥିଲା । ଏହା ଜଣାପଡ଼ିବା ପରେ ସ୍ୱାମୀଙ୍କ ସହ ପୂଜାଙ୍କର ଝଗଡ଼ା ହୋଇଥିଲା। ଶେଷରେ ସେ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ଲକ୍ଷ୍ନୌର ଜଣେ ଇ- ରିକ୍ସା ଅଟୋ ଡ୍ରାଇଭର କମଲେଶଙ୍କୁ ଏକ ଲକ୍ଷ ଟଙ୍କା ଦେଇଥିଲେ । ସୋମବାର ସନ୍ଧ୍ୟାରେ ଏକ ମେଳା ବୁଲିବାକୁ ଯାଇ ଫେରିବା ବେଳେ ପୂଜା କମଲେଶର ଇ- ରିକ୍ସା ବୁକ୍ କରିଥିଲେ । ଫେରିବା ବେଳେ ହନୁମନ୍ତଲାଲ୍‌ଙ୍କୁ ଲୁହା ରଡ଼ରେ ପିଟି କମଲେଶ ହତ୍ୟା କରିଥିଲେ। ଏହାକୁ ଏକ ଦୁର୍ଘଟଣା ରୂପ ଦେବାକୁ ପୂଜା ଓ କମଲେଶ ପ୍ରୟାସ କରିଥିଲେ ମଧ୍ୟ ପୁଅ ପୁଲିସକୁ ସତକଥା କହି ଦେଇଥିଲା ।

# ଜାତିଗତ ଜନଗଣନାରେ ସାମିଲ ହେଲେନି ସୁଧା ମୂର୍ତ୍ତି

ବେଙ୍ଗାଲୁରୁ, ୧୬।୧୦ (ଏଜେନ୍ସି): ଇନ୍‌ଫୋସିସ ପ୍ରତିଷ୍ଠାତା ଏନଆର ନାରାୟଣ ମୂର୍ତ୍ତି ଏବଂ ତାଙ୍କ ପତ୍ନୀ ତଥା ରାଜ୍ୟସଭା ସାଂସଦ ସୁଧା ମୂର୍ତ୍ତି କର୍ଣ୍ଣାଟକରେ ଚାଲିଥିବା ଜାତିଗତ ଜନଗଣନାରେ ସାମିଲ ହେବାକୁ ମନା କରିଦେଇଛନ୍ତି । କିଛି ଦିନ ତଳେ ସର୍ଭେ ଟିମ୍ ତାଙ୍କ ଘରକୁ ଯାଇଥିଲା । ସେତେବେଳେ ସେ ନିଜ ଘରର ସର୍ବେକ୍ଷଣ କରାଇବାକୁ ମନା କରିଦେଇଥିଲେ । ରିପୋର୍ଟ ଅନୁଯାୟୀ ସର୍ବେକ୍ଷଣ ଫର୍ମ ପୂରଣ କରିବା ପରିବର୍ତ୍ତେ ସୁଧା ମୂର୍ତ୍ତି ଏକ ଘୋଷଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏଥିରେ ସୁଧା ଲେଖିଥିଲେ ଯେ ସେ କୌଣସି ପଛୁଆ ସମ୍ପ୍ରଦାୟର ନୁହଁନ୍ତି । ତେଣୁ ସେହି ସମ୍ପ୍ରଦାୟ ପାଇଁ ସରକାର କରୁଥିବା ସର୍ବେକ୍ଷଣରେ ସେ ଭାଗ ନେବେ ନାହିଁ। କିଛି ବ୍ୟକ୍ତିଗତ କାରଣ ପାଇଁ ରାଜ୍ୟର ପଛୁଆ ବର୍ଗ କମିଶନଙ୍କ ଦ୍ୱାରା ହେଉଥିବା ଏହି ସାମାଜିକ ଏବଂ ଶିକ୍ଷାଗତ ସର୍ବେକ୍ଷଣରେ ନିଜ ସୂଚନା ଦେବାକୁ ମନା କରିଦେଇଥିଲେ ବୋଲି ସୁଧା କହିଛନ୍ତି ।

ଏହାକୁ ନେଇ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି ଯେ ସର୍ବେକ୍ଷଣରେ ଭାଗ ନେବା ନ ନେବା ଇଚ୍ଛାଧୀନ ପ୍ରସଙ୍ଗ । ଯଦି କେହି ସୂଚନା ଦେବାକୁ ଚାହୁଁନାହାନ୍ତି ତେବେ ତାଙ୍କୁ ଏଥିରେ ଭାଗନେବାକୁ ବାଧ କରାଯାଇପାରିବ ନାହିଁ। ସୂଚନା ଅନୁଯାୟୀ କର୍ଣ୍ଣାଟକରେ ଗତ ୨୨ ତାରିଖରେ ଜାତିଗତ ଜନଗଣନା ଆରମ୍ଭ ହୋଇଥିଲା । ଏହାର ସମୟସୀମାକୁ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି । ଏହି ସର୍ବେକ୍ଷଣ ପାଇଁ ସରକାର ୪୨୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଏଥିପାଇଁ ମାସେ ପର୍ଯ୍ୟନ୍ତ ସ୍କୁଲ ଛୁଟି କରିଦିଆଯାଇଛି। ସରକାରୀ ଶିକ୍ଷକଙ୍କୁ ଏହି କାର୍ଯ୍ୟରେ ଲଗାଯାଇଛି ।

## ୫ ଲକ୍ଷ ଲାଞ୍ଚ ନେଇ ଗିରଫ ଡିଆଇଜିଙ୍କ ଘରୁ ୫ କୋଟି ଜବତ

ଅମୃତସର, ୧୬।୧୦ (ଏଜେନ୍ସି): ପାଞ୍ଚ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ପଞ୍ଜାବ ରୋପଡ ରେଞ୍ଜର ଡିଆଇଜି ହରଚରନ ସିଂହ ଭୁଲ୍ଲରଙ୍କୁ ସିବିଆଇ ଗିରଫ କରିଛି। ସେ ମଣ୍ଡି ଗୋବିନ୍ଦଗଡ଼ର ଜଣେ ସ୍କ୍ରାପ ବ୍ୟବସାୟୀଙ୍କଠୁ ଏହି ଲାଞ୍ଚ ମାଗିଥିଲେ। ବ୍ୟବସାୟୀ ଏ ନେଇ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ପରେ ଡିଆଇଜିଙ୍କୁ ଧରିବା ପାଇଁ ସିବିଆଇ ଜାଲ ବିଛାଇ ଥିଲା। ବ୍ୟବସାୟୀ ଗୁରୁବାର ଟଙ୍କା ନେଇ ମୋହାଲି ସ୍ଥିତ ଅଫିସରେ ପହଞ୍ଚି ଥିଲେ । ଏଠାରୁ ସିବିଆଇ ଭୁଲ୍ଲରଙ୍କୁ ଧରିଥିଲା । ଏହା ପରେ ଚଣ୍ଡିଗଡ଼ର ସେକ୍ଟର ୪୦ ସ୍ଥିତି ଡିଆଇଜିଙ୍କ ବାସଭବନ ଏବଂ ମୋହାଲି ଅଫିସରେ ସିବିଆଇର ୪୨ ଜଣିଆ ଟିମ୍ ଚଢ଼ଉ କରିଥିଲା । ତାଙ୍କ କୋଠାରୁ ୫ କୋଟି ଟଙ୍କା ମିଳିଛି । ୩ଟି ବ୍ୟାଗ ଏବଂ ଗୋଟିଏ ଆଟାଚରେ ଏହି ଟଙ୍କା ରଖାଯାଇଥିଲା । ଏହାକୁ ଗଣିବା ପାଇଁ ମେସିନ ମଗା ଯାଇଥିଲା । ଏହା ବ୍ୟତୀତ ବିପୁଳ ଗହଣା, ୧୫ଟି ସମ୍ପତ୍ତି ଏବଂ ବିଳାଶପୂର୍ଣ୍ଣ ଗାଡ଼ିର କାଗଜପତ୍ର ମିଳିଛି। ୨୦୦୭ ବ୍ୟାଚ୍‌ର ଏହି ଆଇପିଏସ ଅଧିକାରୀ ରୋପଡ ରେଞ୍ଜରେ କାର୍ଯ୍ୟରତ ଥିବା ସମୟରେ ଏକ ବେଆଇନ କାର୍ ବ୍ୟବସାୟ ସାମ୍ନାକୁ ଆସିଥିଲା। ଏଠାରେ ଚେଚିସ୍ ନମ୍ବର ବଦଳାଇ ସ୍କ୍ରାପ୍ ଗାଡ଼ି ବିକ୍ରି କରାଯାଉଥିଲା । ଏହି ମାମଲାକୁ ଚପାଇବା ପାଇଁ ସେ ବ୍ୟବସାୟୀଙ୍କୁ ମାସକୁ ୨ ଲକ୍ଷ ଏବଂ ପରେ ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ ।

## ଚୀନ୍‌ଠାରୁ ଲଢୁଆ ଜେଟ୍ ନେବ ଇଣ୍ଡୋନେସିଆ

ଜାକର୍ତ୍ତା, ୧୬ ।୧୦(ଏଜେନ୍ସି): ଇଣ୍ଡୋନେସିଆ ନିଜର ସାମରିକ କ୍ଷମତା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି । ଚୀନ୍‌ଠାରୁ ଜେ-୧୦ସି ଲଢୁଆ ବିମାନ କ୍ରୟ କରିବ ଇଣ୍ଡୋନେସିଆ। ପ୍ରଥମଥର ପାଇଁ ଇଣ୍ଡୋନେସିଆ କୌଣସି ଅଣ-ପାଶ୍ଚାତ୍ୟ ଦେଶଠାରୁ ବିମାନ କିଣିବ ବୋଲି ଇଣ୍ଡୋନେସିଆର ପ୍ରତିରକ୍ଷା ମନ୍ତ୍ରୀ ସଜଫ୍ରି ସଜମସୁଦ୍ଦିନ କହିଛନ୍ତି। ପୂର୍ବରୁ ଚୀନ୍ କେବଳ ଏହି ବିମାନ ନିଜ ପାଇଁ ନିର୍ମାଣ କରୁଥିଲା । ଏବେ କିନ୍ତୁ ଚୀନ୍ ଏହା ବିମାନକୁ ଅନ୍ୟ ଦେଶକୁ ବିକିବ। ଏହିକ୍ରମରେ ଇଣ୍ଡୋନେସିଆ ୭୫ ହଜାର କୋଟି ଟଙ୍କା ବିନିମୟରେ ମୋଟ୍ ୪୨ଟି ବିମାନ କ୍ରୟ କରିବ। ତେବେ ଏହି ବିମାନ ଚୀନ୍‌ଠାରୁ କେବେ ମିଳିବ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହି ବିମାନ ପାକିସ୍ତାନ ପାଖରେ ମଧ୍ୟ ରହିଛି । ଗତ ମେ'ରେ ହୋଇଥିବା ଅପରେସନ ସିନ୍ଦୂରରେ ପାକିସ୍ତାନ ଏହି ବିମାନ ଭାରତ ବିପକ୍ଷରେ ବ୍ୟବହାର କରିଥିଲା। ଇଣ୍ଡୋନେସିଆ ନିଜର ଲଢୁଆ ବିମାନଗୁଡିକୁ ଅପଗ୍ରେଡ କରାଉଛି । କେବଳ ଚୀନ୍‌ରୁ ନୁହେଁ, ଫ୍ରାନ୍ସ ଓ ତୁର୍କୀ ଭଳି ୟୁରୋପୀୟ ଦେଶଗୁଡିକ ଠାରୁ ଇଣ୍ଡୋନେସିଆ ଫାଇଟର ଜେଟ୍ କ୍ରୟ କରିବ ।

## ଗୁଜରାଟର ସବୁ ମନ୍ତ୍ରୀଙ୍କ ଇସ୍ତଫା

ଅହମଦାବାଦ୍, ୧୬ ।୧୦(ଏଜେନ୍ସି): ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କ କ୍ୟାବିନେଟର ୧୬ ଜଣ ମନ୍ତ୍ରୀ ଗୁରୁବାର ଇସ୍ତଫା ଦେଇଛନ୍ତି । ଶୁକ୍ରବାର ପୂର୍ବାହ୍ନ ୧୧.୩୦ରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ଓ ନୂଆ କ୍ୟାବିନେଟ ଶପଥ ଗ୍ରହଣ କରିବେ । ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ମନ୍ତ୍ରିମଣ୍ଡଳ ଅଦଳବଦଳ କରାଯାଉଛି ବୋଲି କୁହାଯାଉଛି। ମନ୍ତ୍ରିମଣ୍ଡଳରେ ନୂଆ ଚେହେରାଙ୍କୁ ସାମିଲ କରାଯାଇପାରେ ଓ ଦୁଇଜଣ ଉପ- ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇପାରେ ବୋଲି କୁହାଯାଇଛି । ଗୁଜରାଟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୧୭ଜଣ ମନ୍ତ୍ରୀଥିଲେ। ଏଥିରେ ୮ ଜଣ ଲେଖାଏ କ୍ୟାବିନେଟ ଓ ରାଜ୍ୟପାହ୍ୟା ମନ୍ତ୍ରୀ ରହିଥିଲେ। ଏବେ ଏହି ସଂଖ୍ୟ ବୃଦ୍ଧି ପାଇ ୨୨-୨୩ ହୋଇପାରେ ବୋଲି କୁହାଯାଉଛି । କଂଗ୍ରେସରୁ ବିଜେପିକୁ ଆସିଥିବା ବିଧାୟକଙ୍କୁ ଏହି ମନ୍ତ୍ରିମଣ୍ଡଳରେ ସାମିଲ କରାଯିବାର ସମ୍ଭାବନା ସୃଷ୍ଟି ହୋଇଛି ।

### ଅହମଦାବାଦ ବିମାନ ଦୁର୍ଘଟଣା ମାମଲା

## ପାଇଲଟ ସଭରୱାଲଙ୍କ ବାପା ଓ ସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୧୬।୧୦ (ଏଜେନ୍ସି): ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ (ଏଆଇ-୧୭୧) ଦୁର୍ଘଟଣାକୁ ନେଇ ବିବାଦ ଥମିବାର ନା ଧରୁନି। ବିମାନ ନିର୍ମାତା କମ୍ପାନୀର ଦୋଷ ଘୋଡ଼ାଇବାପାଇଁ ପାଇଲଟ୍ ସୁମିତ ସଭରୱାଲଙ୍କ ଉପରେ ଦୋଷ ଲଦାଯାଉଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି)ର ତଦନ୍ତ ମଧ୍ୟ ଏ ଦିଗରେ ସଙ୍କେତ ଦେଉଛି। ଏହି ରିପୋର୍ଟ ଜାରିହେବା ପରେ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ଏପରି ସମୟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପାଇଲଟ ସୁମିତଙ୍କ ବାପା ପୁଷ୍କରାଜ ସଭରୱାଲ ଏବଂ ଭାରତୀୟ ପାଇଲଟ ସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଆବେଦନରେ ଏଏଆଇବିର ଯାଞ୍ଚ ଉପରେ ଭରସା ନାହିଁ ବୋଲି କୁହାଯାଇଛି। ତେଣୁ ସ୍ୱାଧୀନ ଯାଞ୍ଚ ଦାବି କରାଯାଇଛି। କୋର୍ଟଙ୍କ ଅନୁଧ୍ୟାନରେ କିମ୍ବା କୋର୍ଟ ଅଫ୍ ଇନକ୍ୱାରୀ ହେଉ ବୋଲି ନିବେଦନ କରାଯାଇଛି।

# ଆଉ କେତେ ମିଛ କହିବେ ଟ୍ରମ୍ପ

ନୂଆଦିଲ୍ଲୀ, ୧୬।୧୦: ରୁଷ-ୟୁକ୍ରେନ ଯୁଦ୍ଧ ରୋକିବାରେ ବିଫଳ ହେବା ପରେ ବିବ୍ରତ ହୋଇପଡ଼ିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଭାରତ ସମେତ ବିଭିନ୍ନ ଦେଶ ଉପରେ ଅତ୍ୟଧିକ ଶୁଳ୍କ ଧାର୍ଯ୍ୟ କରି ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିଥିବା ଟ୍ରମ୍ପ ଭାରତକୁ ଟାର୍ଗେଟ କରିବାରେ ଲାଗିଛନ୍ତି । ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବନ୍ଧୁ ବୋଲି ବର୍ଣ୍ଣନା କରୁଛନ୍ତି ଏବଂ ଅନ୍ୟପଟେ ଭାରତକୁ ଅଡୁଆରେ

## ରୁଷରୁ ଆଉ ତେଲ କିଣିବ ନାହିଁ ଭାରତ: ଟ୍ରମ୍ପ

## ସ୍ପଷ୍ଟ କଲା ବୈଦେଶିକ ବିଭାଗ: ଭାରତ ଏଭଳି କୌଣସି ପ୍ରତିଶ୍ରୁତି ଦେଇନି

ପକାଇବା ଲାଗି କୌଣସି ସୁଯୋଗ ହାତଛଡ଼ା କରୁ ନାହାନ୍ତି । ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ରୋକିବାରେ ସେ ମଧ୍ୟସ୍ଥତା କରିଥିଲେ । ତାଙ୍କର ଶୁଳ୍କ ଧମକ ଯୋଗୁଁ ଏହି ଯୁଦ୍ଧ ବନ୍ଦ ହୋଇଥିବା କହିଥିଲେ । କିନ୍ତୁ ଭାରତ ଏଭଳି ମନ୍ତବ୍ୟକୁ ଖଣ୍ଡନ କରିବା ପରେ ଟ୍ରମ୍ପ ଭାରତ ଉପରେ କ୍ଷୁବ୍ଧ ହୋଇ ଅତ୍ୟଧିକ ଶୁଳ୍କ ଲଗାଇଛନ୍ତି । ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଅଚଳାବସ୍ଥା ଲାଗି



ରହିଥିବା ବେଳେ ଟ୍ରମ୍ପ ଆଜି ପୁଣି ଆଉ ଏକ ମିଛ କହିଛନ୍ତି । ରୁଷଠାରୁ ଭାରତ ଆଉ ତେଲ କିଣିବ ନାହିଁ, ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଏହି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ କହିଛନ୍ତି । କିନ୍ତୁ ଭାରତ ତାଙ୍କର ଏହି ମନ୍ତବ୍ୟକୁ ଖଣ୍ଡନ କରିଛି । ପ୍ରଧାନମନ୍ତ୍ରୀ ଏଭଳି କୌଣସି ମନ୍ତବ୍ୟ ଦେଇ ନାହାନ୍ତି ବୋଲି ଭାରତ ସରକାର କହିବା ପରେ ଟ୍ରମ୍ପଙ୍କ ଆଉ ଏକ ମିଛ ଧରାପଡ଼ିଛି ।

ରୁଷ ତେଲକୁ ନେଇ ଭାରତ ସଂପର୍କରେ ଟ୍ରମ୍ପଙ୍କ ବିବୃତି ଉପରେ ଭାରତୀୟ ରାଜନୀତି ଆଜି ଦିନସାରା ସରଗରମ ରହିଥିଲା । ଟ୍ରମ୍ପଙ୍କ ଧମକ ଆଗରେ ସରକାର ମୁଣ୍ଡ ନୁଆଁଇଛନ୍ତି ବୋଲି କହି ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରିଥିଲେ । ରୁଷରେ ମଧ୍ୟ ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି ହୋଇଥିଲା । କିନ୍ତୁ ସନ୍ଧ୍ୟାରେ ଭାରତ ସରକାର ଏକ ସ୍ପଷ୍ଟୀକରଣ ଦେବାପରେ ଏହି ବିବାଦରେ ବିରାମ ଲାଗିଛି । ଭାରତୀୟ ବୈଦେଶିକ ବିଭାଗର ମୁଖପାତ୍ର ରଣଧୀର ଜୟସ୍ୱାଲ ସ୍ପଷ୍ଟ କରିଛନ୍ତି ଯେ ରୁଷ ତେଲ ନେଇ ଟ୍ରମ୍ପଙ୍କୁ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ । ଆଜି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଏସଂପର୍କରେ ଅନେକ ପ୍ରଶ୍ନ ପଚାରିଥିଲେ । ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ଗତକାଲି କୌଣସି ଟେଲିଫୋନ୍ ଆଲୋଚନା ହୋଇନାହିଁ । ରୁଷ ଠାରୁ ଭାରତ ତେଲ କିଣିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କେବେହେଲେ କହି ନାହାନ୍ତି । ସେ କହିଲେ ଯେ ତେଲ କିଣିବା ସମୟରେ ଭାରତୀୟ ନାଗରିକଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ । ଯେଉଁ ବଜାରରେ ତେଲ ଶସ୍ତା ମିଳିବ, ଭାରତ ସେହିଠାରୁ ହିଁ କିଣିବ ବୋଲି ସେ ପରୋକ୍ଷରେ ବୁଝାଇ ଦେଇଥିଲେ । ଏହାପୂର୍ବରୁ ଆଜି ତାଙ୍କର ଓଭାଲ ଅଫିସରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଥିଲେ ଯେ ରୁଷ ଠାରୁ ଭାର ତ ତେଲ କିଣୁଥିବାରୁ ସେ କ୍ଷୁବ୍ଧ ଅଛନ୍ତି । ତେବେ ଭାରତ ଏହି ତେଲ କିଣିବା ବନ୍ଦ କରିଦେବ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଟିକିଏ ସମୟ ଲାଗିବ । ମୋଦୀଙ୍କ ଏହି ପ୍ରତିଶ୍ରୁତିକୁ ମୁଁ ସ୍ୱାଗତ କରୁଛି ବୋଲି ଟ୍ରମ୍ପ କହିଥିଲେ ।

# କଂଗ୍ରେସ-ଆର୍‌ଜେଡି ଅଡୁଆ ଛିଡୁନି

ପାଟନା, ୧୬।୧୦ (ଏଜେନ୍ସି): ବିହାରରେ ନିର୍ବାଚନୀ ପାରା ବଢ଼ିବାରେ ଲାଗିଛି । କ୍ଷମତାସୀନ ଏନ୍‌ଡିଏ ମେଣ୍ଟ ଏବଂ ବିରୋଧୀ ଇଣ୍ଡିଆ ମେଣ୍ଟରେ ଟିକଟ ବଣ୍ଟନକୁ କଳି ଛିଡ଼ିବାର ନା ଧରୁନି। ତେବେ ବିଦ୍ରୋହ କରୁଥିବା ଏନ୍‌ଡିଏର ସହଯୋଗୀ ଦଳ ନିଜ ଆଭିମୁଖ୍ୟକୁ ନରମ କରିଛନ୍ତି। କିନ୍ତୁ ଇଣ୍ଡିଆରେ ଅଙ୍କ ଛିଡ଼ିପାରୁ ନାହିଁ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହେଉଥିବାବେଳେ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ ଏ ପର୍ଯ୍ୟନ୍ତ ଟିକଟ ବଣ୍ଟନ ଚୂଡ଼ାନ୍ତ ହୋଇନାହିଁ। ବୁଧବାର ଆରଜେଡି ନେତା ତେଜସ୍ୱୀ ଯାଦବ ଦିଲ୍ଲୀରେ ଥିଲେ ବି କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କୁ ଭେଟିପାରି ନ ଥିଲେ । ପରେ ସେ ଦିଲ୍ଲୀରୁ ଫେରି ରାଘୋପୁର ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କଂଗ୍ରେସ ମଧ୍ୟ ଆସନ ବୁଝାମଣା ନ କରି ପ୍ରାର୍ଥୀଙ୍କୁ ଟିକଟ ବାଣ୍ଟି ଥିଲା। ମାମଲା ଜଟିଳ ହେଉଥିବା ଦେଖି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ଏହି ଅଡୁଆ ଛିଡ଼ାଇବାକୁ ଗୁରୁବାର ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ଫୋନ କରିଥିଲେ । କିନ୍ତୁ ଏହି ଚର୍ଚ୍ଚାରେ କ'ଣ ନିଷ୍ପତ୍ତି ନିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ପ୍ରାର୍ଥୀପତ୍ର ଦାଖଲ କରିବାକୁ ଗୋଟିଏ ଦିନ ବାକିଥିବାବେଳେ ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ହୋଇ ନ ପାରିବା ମହାମେଣ୍ଟର ଏକତା ଉପରେ ପ୍ରଶ୍ନ ଉଠାଉଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଂଗ୍ରେସକୁ ଦିଆଯାଇଥିବା ସିଟ୍ ଏବଂ କିଛି ମଜବୁତ କ୍ଷେତ୍ରକୁ ନେଇ ଦୁଇ ଦଳ ଭିତରେ ଅଙ୍କ ଛିଡୁନି । ପ୍ରଥମେ ୫୨ଟି ଆସନରେ ଲଢିବା ପାଇଁ ଆରଜେଡି କହିବାରୁ କଂଗ୍ରେସ ଏହାକୁ ଖାରଜ କରି ଅତିକମରେ ୬୦ ସିଟ୍ ମାଗିଥିଲା। ଏହାକୁ ନେଇ ରାଜ୍ୟସ୍ତରରେ ଆରଜେଡି ଏବଂ କଂଗ୍ରେସ ନେତାଙ୍କ ବୈଠକକୁ ମଧ୍ୟ ବିଲମ୍ବିତ କରିଦିଆଯାଇଥିଲା। ପରେ ମାମଲା ଦିଲ୍ଲୀ ଦରବାରକୁ ଯାଇଥିଲା। କିନ୍ତୁ ଏଠାରେ ବି କିଛି ନିଷ୍କର୍ଷ ବାହାରି ପାରି ନ ଥିଲା ।

ପରେ କଂଗ୍ରେସକୁ ୬୧ଟି ସିଟ୍ ଦେବା ପାଇଁ ଆରଜେଡି ରାଜି ହୋଇଥିଲେ । କିନ୍ତୁ କଂଗ୍ରେସ ଚାହୁଁଥିବା କିଛି ଆସନ ଛାଡ଼ିବା ପାଇଁ ଲାଲୁଙ୍କ ଦଳ ମନା କରିଦେଇଥିଲା। ପୂର୍ବରୁ ରାହୁଲଙ୍କ ଭୋଟ ଅଧିକାର ଯାତ୍ରାର ସଫଳତା ପାଇଁ କଂଗ୍ରେସ ନିଜ ଆଭିମୁଖ୍ୟକୁ ଜୋରଦାର କରିବ ବୋଲି କୁହାଯାଉଥିଲା। କିନ୍ତୁ ଏହା ସେତେ ପ୍ରଭାବି ନ ହେବାରୁ ଦଳ ନରମ ଆଭିମୁଖ୍ୟ ପୋଷଣ କରିଥିଲା । ଏବେ କଂଗ୍ରେସ ୬୧ ଆସନରେ, ଆରଜେଡି ପୂର୍ବାପେକ୍ଷା କମ୍ ଆସନରେ ଲଢ଼ିବ ବୋଲି କୁହାଯାଉଛି । କିନ୍ତୁ କାହାକୁ କେତେ ଆସନ ମିଳିବ ତାହା ଆସନ ଘୋଷଣା ପରେ ହିଁ ଜଣାପଡ଼ିବ ।

## ସିଜେଆଇଙ୍କୁ ଜୋତା ଫିଙ୍ଗିବା ଆଇନଜୀବୀଙ୍କୁ ମହଙ୍ଗା ପଡ଼ିଲା

ନୂଆଦିଲ୍ଲୀ, ୧୬ ।୧୦(ଏଜେନ୍ସି): ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତ ବିଆର ଗଭାଇଙ୍କ ଉପରକୁ ଜୋତା ଫୋପାଡିଥିବା ବରିଷ୍ଠ ଓକିଲ ରାକେଶ କିଶୋରଙ୍କ ସମସ୍ୟା ଏବେ ବଢ଼ିବାରେ ଲାଗିଛି। ଏବେ ତାଙ୍କ ବିରୋଧରେ ଅପରାଧିକ ଅବମାନନା ମାମଲା ଚାଲିବ। ଏ ନେଇ ଦେଶର ଆଟର୍ଣ୍ଣି ଜେନେରାଲ ତୁଷାର ମେହେଟା ରାକେଶଙ୍କ ବିରୋଧରେ ମାମଲା ଆରମ୍ଭ କରିବାକୁ ସହମିତ ପ୍ରଦାନ କରିଛନ୍ତି। ତୁଷାର ଓ ସୁପ୍ରିମକୋର୍ଟ ବାର ଆସୋସିଏସନ (ଏସ୍‌ସିବିଏ) ମୁଖ୍ୟ ତଥା ବରିଷ୍ଠ ଓକିଲ ବିକାଶ ସିଂ ଏ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟ ବାଗଚିଙ୍କ ଖଣ୍ଡପୀଠକୁ ଅନୁରୋଧ କରିଛନ୍ତି। ରାକେଶ କିଶୋରଙ୍କ କାର୍ଯ୍ୟ ଓ କଥା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିକାଶ ସିଂ କହିଛନ୍ତି। ତାଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଏକ ଆକ୍ରମଣ ବୋଲି ସେ କହିଛନ୍ତି। ଏହି ଘଟଣା ଅକ୍ଷମଣୀୟ ବୋଲି ତୁଷାର କହିଛନ୍ତି । ଗତ ଅକ୍ଟୋବର ୬ରେ ଏକ ଶୁଣାଣି ବେଳେ ରାକେଶ ସିଜେଆଇ ଗଭାଇଙ୍କ ଉପରେକୁ ଜୋତା ଫୋପାଡିବାକୁ ପ୍ରୟାସ କରିଥିଲେ। ଏହି ଘଟଣା ଘଟିଥିଲେ ମଧ୍ୟ ସିଜେଆଇ ଶାନ୍ତ ରହିବା ସହ ନିଜର କାର୍ଯ୍ୟ ଜାରି ରଖିଥିଲେ।

## ୨୪ କିନ୍ନରଙ୍କ ଆତ୍ମହତ୍ୟା ଉଦ୍ୟମ

ଇନ୍ଦୋର, ୧୬ ।୧୦(ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରର ନନ୍ଦଲାପୁର ଅଞ୍ଚଳରେ ୨୪ କିନ୍ନର ଫିନାଇଲ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏମାନଙ୍କୁ ତୁରନ୍ତୁ ମହାରାଜ ଯଶୋବନ୍ତ ରାଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ କିନ୍ନର ବିପଦମୁକ୍ତ ଅଛନ୍ତି। ମାତ୍ର ପରେ ହସ୍ପିଟାଲରେ ଆଉ ଜଣେ କିନ୍ନର ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କିନ୍ତୁ ସେଠାରେ ଥିବା ପୁଲିସ ଅଧିକାରୀ ତାଙ୍କୁ ଏପରି କରିବାକୁ ଦେଇ ନ ଥିଲେ। ଗୁରୁବାର ପୁଲିସ ଏହି ମାମଲାରେ କିନ୍ନର ଗୋଷ୍ଠୀର ମୁଖ୍ୟ ସ୍ୱପ୍ନା ଗୁରୁ ଓରଫ ସ୍ୱପ୍ନା ହାଜିକୁ ଗିରଫ କରିଛି। ପୁଲିସ ସୂଚନା ଅନୁଯାୟୀ ଦୁଇ କିନ୍ନର ଗୋଷ୍ଠୀ ମଧ୍ୟରେ ଏକ ସମ୍ମିଳନୀ ପାଇଁ ଆଦାୟ କରାଯାଇଥିବା ସୁରକ୍ଷା ଟଙ୍କାକୁ ନେଇ ବିବାଦ ହୋଇଥିଲା। ଏହାକୁ ନେଇ ସ୍ୱପ୍ନା ଗୋଷ୍ଠୀର କିନ୍ନର ଉକ୍ତ ୨୪ କିନ୍ନରଙ୍କୁ ଉତ୍ପୀଡ଼ନ ଦେଇଥିଲେ। ଜୀବନରେ ମାରିଦେବେ ବୋଲି କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ୨୪ ଜଣ ଯାକ ଫିନାଇଲ ପି ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ଶିଶୁ ବିରୋଧୀ ଯୌନ ଅପରାଧ ୯୪% ବୃଦ୍ଧି

ନୂଆଦିଲ୍ଲୀ, ୧୬।୧୦ (ଏଜେନ୍ସି): ଦେଶରେ ଶିଶୁ ବିରୋଧୀ ଯୌନ ଅପରାଧ ମାମଲା ହୁ ହୁ ହୋଇ ବଢିବାରେ ଲାଗିଛି । ୨୦୧୭ରୁ ୨୦୨୨ ମଧ୍ୟରେ ଏଭଳି ମାମଲା ୯୪ ପ୍ରତିଶତ ବୃଦ୍ଧି ପାଇଛି । ପୋକ୍ସୋ ଆଇନ ଅଧିନରେ ରୁଜୁ ଏଭଳି ମାମଲା ୩୩,୨୧୦ରୁ ବୃଦ୍ଧି ପାଇ ୬୪, ୪୬୯ରେ ପହଞ୍ଚି ଯାଇଛି । ଅପରାଧ ବୃଦ୍ଧି ପାଉଥିବା ସତ୍ତ୍ୱେ ଦଣ୍ଡ ଦେବା ହାର ୯୦ ପ୍ରତିଶତରୁ ଅଧିକ ରହିଛି । ଚାଇଲ୍ଡଲାଇଟ ଗ୍ଲୋବାଲ ଚାଇଲ୍ଡ ସେଫ୍ଟି ଇନଷ୍ଟିଚ୍ୟୁଟର ରିପୋର୍ଟରେ ଏହି ସୂଚନା ଦିଆଯାଇଛି । ଏହି ତଥ୍ୟ ଶିଶୁର ସୁରକ୍ଷା ପ୍ରତି ଥିବା ବିପଦକୁ ଦର୍ଶାଉଛି ।

# ତାଲିବାନ ଆକ୍ରମଣ ପଛରେ ଭାରତ: ପାକିସ୍ତାନ

ଇସଲାମାବାଦ, ୧୬।୧୦ (ଏଜେନ୍ସି): ଆଫଗାନିସ୍ତାନ ସହ ସଂଘର୍ଷରେ ଲିପ୍ତ ପାକିସ୍ତାନ ଭୋକ ବିକଳରେ ତାଟିଆ କାମୁଡିବାରେ ଲାଗିଛି। ପଡୋଶୀ ଦେଶକୁ ଆତଙ୍କବାଦୀ ପଠାଇ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ତାଲିବାନ ସହ ସଂଘର୍ଷକୁ ନେଇ ଭାରତ ଉପରେ ଦୋଷ ଲଦିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଲିବାନର ନିଷ୍ପତ୍ତି ଦିଲ୍ଲୀରେ ନିଆଯାଉଛି। ଭାରତ ପାଇଁ ଆଫଗାନିସ୍ତାନ ଛାମୁଆ ଯୁଦ୍ଧ ଲଢୁଛି। ତେଣୁ ତାଲିବାନ ସହ ହୋଇଥିବା ଅସ୍ତ୍ରବିରତି ବେଶୀ ଦିନ ତିଷ୍ଠିବା ଉପରେ ସନ୍ଦେହ ସୃଷ୍ଟି ହୋଇଛି । କାରଣ ଆଫଗାନ ତାଲିବାନକୁ ଦିଲ୍ଲୀରୁ ସହଯୋଗ ମିଳୁଛି। ଆସିଫ ଚେତାବନୀ ଦେଇ କହିଛନ୍ତି ଯେ ଯଦି ପାକିସ୍ତାନକୁ ଉସୁକାଇବେ ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯିବ । ଜବାବ ଦେବା ପାଇଁ ପାକିସ୍ତାନ ପାଖରେ ସମ୍ପୂର୍ଣ୍ଣ କ୍ଷମତା ରହିଛି। ଯଦି ସେମାନେ ଯୁଦ୍ଧର ପରିସର ବୃଦ୍ଧି କରିବେ ତେବେ ଆମେ ଆକ୍ରମଣ କରିବୁ। ମାତ୍ର ଆଲୋଚନା ପାଇଁ ମଧ୍ୟ ପାକିସ୍ତାନ ପ୍ରସ୍ତୁତ ଅଛି ।

## ଭାରତ ପାଇଁ ଛାମୁଆ ଯୁଦ୍ଧ ଲଢୁଛି ତାଲିବାନ

## ଉସୁକାଇଲେ ସାମରିକ କାର୍ଯ୍ୟାନୁଷ୍ଠାନ

ତାଲିବାନ ଟ୍ୟାଙ୍କ ଲୁଟିନେବା ଖବରକୁ ଆସିଫ ଅପପ୍ରଚାର ବୋଲି କହିଛନ୍ତି। ତାଲିବାନ ସଦସ୍ୟ ଯେଉଁ ମଡେଲ ଟ୍ୟାଙ୍କରେ ଯାଉଥିବା ଦେଖାଯାଉଛି ତାହା ପାକିସ୍ତାନର ନୁହେଁ। ଏହି ଟ୍ୟାଙ୍କ ସେମାନେ କେଉଁଠୁ ଆଣିଲେ ତାହା ଜଣାନାହିଁ। କେଉଁ କବାଡିବାଲାଠାରୁ ନେଇଥିବେ କିମ୍ବା ପୁରୁଣା କାଳର ଟ୍ୟାଙ୍କ ଚଳାଉ ଥିଲେ। ଜାଲ୍ ଫଟୋ କିମ୍ବା ଭିଡିଓ କରି ଜୋରସୋରରେ ପ୍ରଚାରପ୍ରସାର କରାଯାଉଛି । କାବୁଲ ପକ୍ଷରୁ କ୍ରମାଗତ ଭାବେ ମିଥ୍ୟା କୁହାଯାଉଛି । ସେମାନେ ଛାମୁଆ ଯୁଦ୍ଧ ଲଢୁଛନ୍ତି । ବିବାଦ ମଧ୍ୟରେ ଆଫଗାନିସ୍ତାନକୁ 'ଟ୍ରାଞ୍ଜିଟ ଟ୍ରେଡ' ସୁବିଧା ଉପରେ ପାକିସ୍ତାନ କଟକଣା ଲଗାଇ ଦିଆଯାଇଛି। ଏଥିଯୋଗୁଁ ବାଣିଜ୍ୟ କାରବାର ପାଇଁ ପାକିସ୍ତାନ ଜମିକୁ ଆଉ ତାଲିବାନ ବ୍ୟବହାର କରିପାରିବ ନାହିଁ। ଏହି ନିଷ୍ପତ୍ତି ପରେ କରାଚି ଏବଂ ପୋର୍ଟ କାସିମରେ ଆଫଗାନିସ୍ତାନ ଯାଉଥିବା ଅନେକ ଟ୍ରକ ଛିଡ଼ା ହୋଇ ରହିଛି । ଲୋଡ୍ ହୋଇସାରିଥିବା କଣ୍ଟେନରକୁ ମଧ୍ୟ ବନ୍ଦରରେ ଓହ୍ଲାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଆଫଗାନିସ୍ତାନରେ ସମୁଦ୍ର ନାହିଁ। ତେଣୁ ବାଣିଜ୍ୟ କାରବାର ପାଇଁ ଏହି ଦେଶ ପାକିସ୍ତାନ ଉପରେ ନିର୍ଭରଶୀଳ ।

# ସିକ୍ୟୁରିଟି ଗାର୍ଡରୁ ୪୦୦ କୋଟିର ବ୍ୟବସାୟିକ ସାମ୍ରାଜ୍ୟ

ପାଟନା, ୧୬ ।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସବୁ ଦଳଗୁଡିକ ଏଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ମଧ୍ୟ ଏଥିରେ ପଛରେ ପଡ଼ିନାହିଁ। ଏହି ପାର୍ଟି ଟିକଟରୁ ଲଢ଼ିବାକୁ ଯାଉଥିବା ଜଣେ ପ୍ରାର୍ଥୀଙ୍କ ରୋଚକ ତଥା ପ୍ରେରଣାଦାୟୀ କାହାଣୀକୁ ନେଇ ବିହାରରେ ଚର୍ଚ୍ଚା ଚାଲିଛି । ଏହି ପ୍ରାର୍ଥୀଜଣକ ହେଲେ ୩୮ ବର୍ଷୀୟ ନୀରଜ ସିଂ । ଶେଓହର ନିର୍ବାଚନ ମଣ୍ଡଳୀରୁ ସେ ଅବତୀର୍ଣ୍ଣ ହେବେ। ଜଣେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି ଆରମ୍ଭ କରିଥିବା ନୀରଜ ଏବେ ଜଣେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ଏବେ ସେ ୪୦୦ କୋଟି ଟଙ୍କା ବ୍ୟବସାୟର ମାଲିକ ହୋଇଛନ୍ତି ଓ ଜଣେ ସଫଳ ବ୍ୟବସାୟୀ ଭାବେ ପରିଗଣିତ ହେଉଛନ୍ତି ।

ଶେଓହର ଜିଲ୍ଲାର ମଧୁରାପୁର ଗାଁରେ ନୀରଜ ଜନ୍ମ ନେଇଥିଲେ। ଏକ ସାଧାରଣ ପରିବାରରୁ ଆସିଥିବା ନୀରଜ ୧୩ ବର୍ଷରେ ମାଟ୍ରିକ ପାସ୍ କରିଥିଲେ। ପରିବାରର ଆର୍ଥିକସ୍ଥିତ ସୁଧାରିବା ପାଇଁ ସେ ଚାକିରି ଖୋଜିବା ଆରମ୍ଭ କରିଥିଲେ। କିନ୍ତୁ ନାବାଳକ ହୋଇଥିବାରୁ ତାଙ୍କୁ କେହି ଚାକିରି ଦେଇ ନ ଥିଲେ। ଫଳରେ ସେ ନିଜ ଗାଁରେ ପେଟ୍ରୋଲ- ଡିଜେଲ ବିକ୍ରି ଆରମ୍ଭ କରିଥିଲେ। ଏହାର ୩ ବର୍ଷ ପରେ ସେ ରୋଜଗାର ପାଇଁ ଦିଲ୍ଲୀ ପହଞ୍ଚି ସେଠାରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରିଥିଲେ। ଏହା ପରବର୍ଷ ସେ ପୁନେ ଯାଇଥିଲେ ଓ ସେଠାରେ କ ଅଫିସ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟାରମ୍ଭ କରିଥିଲେ। ନିଜର ପରିଶ୍ରମ ଓ



ଅଧ୍ୟବସାୟ ବଳରେ ସେ ଜଣେ ଏଚ୍‌ଆର ପ୍ରଫେସନାଲ ଭାବେ ନିଜର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲେ। ୨୦୧୦ରେ ନୀରଜ ନିଜର ଶସ୍ୟ ବ୍ୟବସାୟ ଆରମ୍ଭ କରିଥିଲେ। କଠିନ ପରିଶ୍ରମ କରିବା ସହ ସେ ଏହି ବ୍ୟବସାୟକୁ ଆଗକୁ ବଢ଼ାଇଥିଲେ। ଏହା ପରେ ସେ ପଛକୁ ଚାହିଁ ନଥିଲେ। 'ଉଷା ଇଣ୍ଡଷ୍ଟ୍ରୀ' ନାମରେ ଏକ କମ୍ପାନୀ ସ୍ଥାପନ କରିଥିଲେ। ଏହି କମ୍ପାନୀରେ ସେ ଇଟା, ବିଲ୍ଡିଂ ବ୍ଲକ, ଟାଇଲ ଓ ଅନ୍ୟ ସେରାମିକ ଜିନିଷ ଉତ୍ପାଦନ କରୁଥିଲେ। ଧୀରେ ଧୀରେ ସେ ସଡ଼କ ନିର୍ମାଣ ଓ ପେଟ୍ରୋଲ ପମ୍ପ ବ୍ୟବସାୟରେ ପାଦ ଦେଇଥିଲେ। ମୋତିହାରୀସ୍ଥିତ ତାଙ୍କ କମ୍ପାନୀ ବର୍ଷକୁ ୪୦୦ କୋଟି ଟଙ୍କାର ଟର୍ଣ୍ଣ ଓଭର କରୁଛି ଓ ଏଥିରେ ୨, ୦୦୦ରୁ ଅଧିକ ଲୋକ କାର୍ଯ୍ୟ କରୁଛନ୍ତି। ଏକଦା ସାଇକେଲ ଚଢ଼ିବାକୁ ପଇସା ପାଉ ନଥିବା ନୀରଜ ଏବେ ରେଞ୍ଜ ରୋଭର କାର ଚଢୁଛନ୍ତି । ତାଙ୍କ ପାଖରେ ଅଧା ଡଜନ କାର ରହିଛି। ସେ ଏବେ ନିଜର ପିତାମାତା, ପତ୍ନୀ ଓ ଦୁଇ ପୁଅଙ୍କ ସହ ଏକାଠି ରହୁଛନ୍ତି ଓ ତାଙ୍କ ପାଖରେ ଆଇନ୍‌ର ଡିଗ୍ରୀ ରହିଛି। କେବଳ ବ୍ୟବସାୟ ନୁହଁ ସେ ସମାଜ ମଙ୍ଗଳ କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରିଛନ୍ତି। ସେ ଗରିବ ପରିବାରର ଝିଅମାନଙ୍କ ବିବାହ, ମାଗଣା ସ୍ୱାସ୍ଥ୍ୟ ଶିବିର, ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥଯାତ୍ରାର ବ୍ୟବସ୍ଥା କରାଇବାରେ ନିଜକୁ ନିୟୋଜିତ କରିଛନ୍ତି। ତାଙ୍କ ଉପରେ ଲୋକଙ୍କ ଆଶୀର୍ବାଦ ରହିଛି । ସେ ଆଗାମୀ ନିର୍ବାଚନରେ ବିଜୟୀ ହେବେ ବୋଲି ଆଶା କରାଯାଉଛି ।



## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବୃଷ:** ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମକର:** କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

## ଆଜିର ଇତିହାସ

- ୧୯୩୩- ପ୍ରଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନ୍ ଜର୍ମାନରୁ ଆମେରିକା ଚାଲିଗଲେ।
- ୧୯୭୯ - ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଗଲା।
- ୧୯୯୮ - ନାଇଜେରିଆରେ ଏକ ପାଇପ୍ ଲାଇନ୍‌ରେ ବିସ୍ଫୋରଣ ଯୋଗୁଁ ୧୦୮୨ ଲୋକଙ୍କ ମୃତ୍ୟୁ।
- ୨୦୦୯ -ମାଳଦ୍ୱୀପ ପାଣି ଭିତରେ ପ୍ରଥମ କ୍ୟାବିନେଟ୍ ବୈଠକ ଡାକି ବିଶ୍ୱର ସବୁଦେଶକୁ ଜଳବାୟୁ ପରିବର୍ତ୍ତନର ବିପଦକୁ ଜଣାଇବା ପାଇଁ ଚେଷ୍ଟା କରିଥିଲା।

## ଧୂପକାଠି ଧୂଆଁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ




ହିନ୍ଦୁ ଧର୍ମରେ ପୂଜା, ହୋମଯଜ୍ଞ ଆଦି ସମୟରେ ଧୂପକାଠି ଜଳାଯାଇଥାଏ। ଏହା ଘରେ ସକାରାତ୍ମକ ଶକ୍ତି ଆଣିଥାଏ ବୋଲି ବିଶ୍ୱାସ ରହିଛି । ଧୂପକାଠିର ସୁଗନ୍ଧରେ ପରିବେଶ ମହକିବା ସହ ସକାରାତ୍ମକ ଓ ଆଧ୍ୟାତ୍ମିକ ବାତାବରଣ ଖେଳିଯାଏ। ହେଲେ ଏହାର ଧୂଆଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏପରିକି ଏହି ଧୂଆଁ ଧୀରେ ଧୀରେ ଗମ୍ଭୀର ରୋଗର କାରଣ ହୋଇପାରେ। ଏଥିରେ ବ୍ୟବହାର ହେଉଥିବା ରସାୟନ ଏବଂ ସୁଗନ୍ଧିତ ତତ୍ତ୍ୱ ଜଳିବା ଦ୍ୱାରା ହାନିକାରକ ଗ୍ୟାସ୍ ନିର୍ଗତ ହୁଏ। ଏଥିରୁ କାର୍ବନ ମନୋକସାଇଡ୍, ବେନଜେନ୍, ଫରମାଲଡିହାଇଡ୍ ତତ୍ତ୍ୱ ମିଳିଥାଏ। ତେଣୁ ଲଗାତାର ଧୂପକାଠି ଧୂଆଁ ସଂସ୍ପର୍ଶରେ ଆସିଲେ ଏହା ଫୁସ୍‌ଫୁସ୍ ପାଇଁ କ୍ଷତିକାରକ ହୋଇଥାଏ। ଏହାର ବାମ୍ପ ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଗଲେ ଏହା ଅନେକ ଗମ୍ଭୀର ରୋଗର କାରଣ ମଧ୍ୟ ହୋଇପାରେ। ସେହିପରି ଧୂଆଁରେ ଥିବା ରସାୟନ ଚର୍ମ ଓ ଚକ୍ଷୁକୁ କ୍ଷତି ପହଞ୍ଚାଏ। ଏପରିକି ହୃଦ୍‌ଯନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଏ। ତେବେ ଲଗାତାର ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଥାଏ। ତେଣୁ ଏହାକୁ ସାବଧାନତାର ସହ ବ୍ୟବହାର କରିବା ଦରକାର। ଏହାକୁ ବ୍ୟବହାର କରିବା ବେଳେ ଘରେ ବାୟୁଚଳାଚଳ ହେଉଥିବା ଆବଶ୍ୟକ। ନିତିଦିନ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂପକାଠି ଜାଳିବା ଅନୁଚିତ। ପିଲା ଓ ବୟସ୍କଙ୍କ ରୁମ୍‌ରେ ଧୂପକାଠି ବ୍ୟବହାର ନ କରିବା ଭଲ। ତେବେ ପରିବେଶକୁ ସୁଗନ୍ଧିତ ରଖିବାକୁ ଚାହୁଁଥିଲେ ଏସେନସିଆଲ ଅଏଲ ଡିଫ୍ୟୁଜର ବ୍ୟବହାର କରିବା ହେଉଛି ଏକ ଉତ୍ତମ ବିକଳ୍ପ । ଅନ୍ୟପଟେ ପ୍ରାକୃତିକ ଫୁଲକୁ ଘରେ ରଖିଲେ ପରିବେଶ ସୁଗନ୍ଧମୟ ହୋଇଥାଏ।

## ସବୁଠୁ ଅଧିକ ବିଜୁଳି ମାରେ ଏହି ସ୍ଥାନକୁ

ବିଶ୍ୱରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ପ୍ରତ୍ୟେକ ରାତିରେ ଶହ ଶହ ଥର ବିଜୁଳି ମାରିଥାଏ। ଏହି ସ୍ଥାନଟି ହେଉଛି କେଟାଟୁମ୍ବୋ ଲାଇଟ୍‌ନିଂ। ଏହା ଭେନେଜୁଏଲାର ଜୁଲିଆ ରାଜ୍ୟରେ ଅବସ୍ଥିତ। ଏଠାରେ କେଟାଟୁମ୍ବୋ ନଦୀର ସଙ୍ଗମ ବା ମିଳନ ମିରାକାଇବୋ ହ୍ରଦ ସହ ହୋଇଛି। ଏହି ଅଞ୍ଚଳର ଭୌଗୋଳିକ ସଂରଚନା ଏବଂ ଜଳବାୟୁ ଏତେ ନିଆରା ଯେ, ଏହି ସ୍ଥାନ ବିଜୁଳି ଓ ବଜ୍ରପାତ ଲାଗି ପରିଚିତ। ସେହିପରି ଏଠାକାର ଦୃଶ୍ୟ କୌଣସି ଫିଲ୍ମ ସେଟ୍‌ଠାରୁ କମ୍ ନୁହେଁ। କୋଟାଟୁମ୍ବୋ ଲାଇଟନିଂ ଅଞ୍ଚଳରେ ବର୍ଷକୁ ପ୍ରାୟ ୨୮୦ ରାତି ବିଜୁଳି ମାରେ ବୋଲି ବିଶେଷଜ୍ଞମାନେ କହନ୍ତି। କେବଳ ସେତିକି ନୁହେଁ, ଗୋଟିଏ ରାତିରେ ପ୍ରାୟ ୧୦ ଘଣ୍ଟା ବିଜୁଳି ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ତେଣୁ ଏଥିରୁ ଏକପ୍ରକାର ଏହି କଥା ସ୍ପଷ୍ଟ ହେଉଛି ଯେ, ଏଠାକାର ଆକାଶ କେବେ ବି ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇ ନ ଥାଏ। ଗୋଟିଏ ରାତିରେ ଏଠାରେ ୧୦୦ରୁ ୩୦୦ ଥର ବିଜୁଳି ମାରିବାର ନଜିର ରହିଛି। ଏହି କାରଣରୁ ଏହାକୁ ବିଶ୍ୱର ସର୍ବାଧିକ ବିଜୁଳି ମାରିବା ସ୍ଥାନ ଭାବେ ଗିନିଜ୍ ବିଶ୍ୱ ରେକର୍ଡ ସ୍ୱୀକୃତି ପ୍ରଦାନ କରିଛି। ସେହିପରି ଏଠାକାର ବିଜୁଳି ମାରିବା ଦୃଶ୍ୟ ଏତେ ବେଶୀ ଉଜ୍ଜ୍ୱଳ ଯେ, ଏହାକୁ ୫୦ କିଲୋମିଟର ଦୂରରୁ ଦେଖିବା ସମ୍ଭବ। ଏ ଦୃଶ୍ୟ କେବଳ ବୈଜ୍ଞାନିକଙ୍କ ଲାଗି କେବଳ ଗବେଷଣାର ବିଷୟ ନୁହେଁ, ବରଂ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ରାତିର ଅନ୍ଧାରରେ ନିରନ୍ତର ବିଜୁଳି ମାରିବାର ଚମକ ଆକାଶକୁ ଏକ ବିଶାଳ ଆଲୋକ ପ୍ରଦର୍ଶନୀ ବା ଲାଇଟ୍ ଶୋ'ରେ ରୂପାନ୍ତରିତ କରିଥାଏ। ଏଠାରେ ପ୍ରତି ସମୟରେ ବିଜୁଳି କାହିଁକି ଗର୍ଜେ , ତାର ରହସ୍ୟ କାହାକୁ ଜଣା ନାହିଁ। ସାଧାରଣତଃ ଗୋଟିଏ ସ୍ଥାନରେ ଏକା ସାଙ୍ଗରେ ଏକରୁ ଅଧିକ ବିଜୁଳି ଗର୍ଜି ନ ଥାଏ। କିନ୍ତୁ ଏଠାରେ ଗୋଟିଏ ସ୍ଥାନରେ ହଜାର ହଜାର ବିଜୁଳି ଏକା ସମୟରେ ଗର୍ଜିଥାଏ। ୧୯୬୦ ମସିହାରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଏହି ସ୍ଥାନରେ ୟୁରାନିୟମର ମାତ୍ରା ଅଧିକ ରହିଛି , ତେଣୁ ଏଭଳି ଘଟଣା ଘଟୁଛି। ବୈଜ୍ଞାନିକମାନେ ଏହାକୁ ନେଇ ଅନେକ ଗବେଷଣା ମଧ୍ୟ କରିଛନ୍ତି। ଏଠାରେ ମିଥେନର ମାତ୍ରା ଅଧିକ କାରଣରୁ ଏମିତି ଘଟୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। କିନ୍ତୁ ଏବେବି ଏହି ୨ଟି ତଥ୍ୟକୁ ନେଇ କୌଣସି ସଠିକ ପ୍ରମାଣ ମିଳିନାହିଁ। ତେଣୁ ଏବେ ବି ଏହା ରହସ୍ୟ ଘେରରେ ରହିଛି।



## 'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ




'ନୋ ଏଣ୍ଟ୍ରି ୨'ରେ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅର୍ଜୁନ୍ କପୁର ଲିଡ୍ ରୋଲରେ ନଜର ଆସିଥାନ୍ତେ। କିନ୍ତୁ ଏବେ ଏହାର ଦୁଇ ଜଣ କଳାକାର ଫିଲ୍ମ ଛାଡ଼ି ଦେଇଛନ୍ତି। କିଛି ଦିନ ପୂର୍ବରୁ ଦିଲଜିତ୍ ଏଥିରୁ ବାହାରି ଯାଇଥିଲେ। ଏବେ ବରୁଣ ମଧ୍ୟ ଫିଲ୍ମ ଛାଡ଼ି ଦେଇଥିବା କିଛି ରିପୋର୍ଟରେ ପ୍ରକାଶ ପାଇଛି। 'ନୋ ଏଣ୍ଟ୍ରି ୨' ୨୦୦୫ରେ ଆସିଥିବା ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ। ମୂଳ ଫିଲ୍ମରେ ସଲମାନ୍ ଖାନ୍, ଫରଦିନ ଖାନ୍, ଅନୀଲ କପୁର ଦେଖାଯାଇଥିଲେ। ଏହାର ସିକ୍ୱେଲ ନିର୍ମାଣ ବିଷୟରେ ଫିଲ୍ମ ନିର୍ମାତା ଘୋଷଣା କରିବାରୁ ଏଥିରେ ପୁଣି ଥରେ ମୂଳ କଳାକାରମାନେ ନଜର ଆସିବେ ବୋଲି ଦର୍ଶକେ ଭାବୁଥିଲେ। କିନ୍ତୁ ଏଥିରେ ବରୁଣ, ଦିଲଜିତ୍ ଓ ଅର୍ଜୁନଙ୍କୁ ବ୍ରେକ୍ ମିଳିଥିଲା। ବରୁଣ ଏବେ 'ଭେଡିୟା ୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ୨୦୨୬ ଜୁନ୍ ମାସ ବେଳକୁ ସେ ଫ୍ରି ହେବେ। ବରୁଣଙ୍କ ଯୋଗୁଁ 'ନୋ ଏଣ୍ଟ୍ରି ୨'ର ସୁଟ୍ ଅଟକିଯିବ ଅନୁଭବ କରି ସେ ଫିଲ୍ମ ଛାଡ଼ି ଦେଇଛନ୍ତି। ଇତିମଧ୍ୟରେ ଦିଲଜିତ୍ ଓ ବରୁଣ ଫିଲ୍ମ ଛାଡ଼ି ଦେଇଥିବାରୁ ଏବେ ଫିଲ୍ମ ନିର୍ମାତା ଦୁଇଜଣ ନୂଆ କଳାକାରଙ୍କ ସନ୍ଧାନରେ ଅଛନ୍ତି। ଅନୀସ ବଜ୍‌ମୀ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସେହିପରି ବରୁଣ ଓ ଦିଲଜିତ୍ ଏକାସଙ୍ଗେ 'ବର୍ଡର ୨' ଫିଲ୍ମରେ ନଜର ଆସିବେ।



# ସଞ୍ଜୀବନୀ

## ବିଶ୍ୱ ଆଘାତ ଦିବସ



**ବର୍ତ୍ତମାନ ସମୟରେ ଟ୍ରମା ବା ମାନସିକ ଆଘାତ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହା ଅକସ୍ମାତ୍ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହି ରୋଗ ପ୍ରତି ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖକୁ ବିଶ୍ୱ ଟ୍ରମା ଦିବସ ଭାବେ ପାଳନ କରାଯାଇଆସୁଛି। ଟ୍ରମା ପୀଡ଼ିତଙ୍କୁ ସମର୍ଥନ କରିବା ତଥା ଉପଯୁକ୍ତ ଚିକିତ୍ସା ଯୋଗାଇବା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ।**

ଟ୍ରମା ଯେକୌଣସି ବୟସରେ ହୋଇପାରେ। ଟ୍ରମାଟିକ୍ ଆଘାତ ପାଇ ଅଧିକାଂଶ ଦିବ୍ୟାଙ୍ଗ ହୋଇଯାଆନ୍ତି। ଏଥିରେ ମସ୍ତିଷ୍କ ଆଘାତ ମୁଖ୍ୟ ସମସ୍ୟା। ସଡ଼କ ଦୁର୍ଘଟଣା, ହିଂସା, ପ୍ରାକୃତିକ ବିପର୍ଯ୍ୟୟ, ଆଦି ଜଣଙ୍କୁ ଆଘାତ ଦେଇଥାଏ। ଆଘାତର ପ୍ରଭାବ ପ୍ରତ୍ୟେକଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଭାବେ ଦେଖାଯାଇଥାଏ। ଶରୀର ଯନ୍ତ୍ରଣା ହେବା, ଥକ୍କାପଣ, ଚିନ୍ତା, କ୍ରୋଧ, ଅନିଦ୍ରା ଆଦି ଏହି ରୋଗର ଲକ୍ଷଣ ହୋଇଥାଏ। ରୋଗର ଚିହ୍ନଟ ପାଇଁ ଡାକ୍ତରଙ୍କ ପରାମର୍ଶରେ ସିଟି ଏବଂ ଏମ୍‌ଆର୍‌ଆଇ ସ୍କାନ କରାଯାଏ। ଅଭିଜ୍ଞ ଟ୍ରମା ସ୍ପେଶାଲିଷ୍ଟ, ନ୍ୟୁରୋସର୍ଜନ, ହୃଦ୍‌ରୋଗ ବିଶେଷଜ୍ଞ, ଅର୍ଥୋପେଡିକ୍‌ଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଯୋଗାଇ ହୁଏ। ବିଶ୍ୱ ଆଘାତ ଦିବସରେ ସ୍କୁଲ, କଲେଜ ତଥା ବିଭିନ୍ନ ସଂଗଠନରେ ଟ୍ରମା ପୀଡ଼ିତଙ୍କୁ ମାନସିକସ୍ତରରେ କିପରି ସାହାଯ୍ୟ ଯୋଗାଇ ହେବ ସେନେଇ ଜାଗ୍ରତ କରାଯାଏ। ଏନେଇ ସରକାରୀସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସହିତ ଅଧିକ ଟ୍ରମା କେୟାର ସେଣ୍ଟରମାନ ରହିଛି।

## ସ୍ମାର୍ଟ ଡେଣ୍ଟାଲ ମେସିନ୍
## ଦୁଇ ମିନିଟ୍‌ରେ ମିଳିବ ଦାନ୍ତ ରିପୋର୍ଟ




ଦାନ୍ତବିନ୍ଧା ଏକ ସାଧାରଣ ସମସ୍ୟା। ଦାନ୍ତ ପୋକ ଖାଇଲେ, ଅଧା ଭାଙ୍ଗିଗଲେ, ମାଢ଼ି ସଂକ୍ରମଣ ଆଦି କାରଣରୁ ଦାନ୍ତ ବିନ୍ଧା ହୋଇଥାଏ। ଦାନ୍ତ ବିନ୍ଧା ଯୋଗୁଁ କାନ, ବେକରେ ଯନ୍ତ୍ରଣା ହୁଏ। ତେଣୁ ଦାନ୍ତର ସଠିକ୍ ଯତ୍ନ ନେବା ସହ ଡାକ୍ତରଙ୍କ ପରାମର୍ଶରେ ନିୟମିତ ଦାନ୍ତ ପରୀକ୍ଷା କରାଯାଏ। ହେଲେ ଏବେ ଦିଲ୍ଲୀ, ମୌଲାନା ଆଜାଦ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସରେ ଏକ ସ୍ମାର୍ଟ ଡେଣ୍ଟାଲ ମେସିନ୍ ଲଗାଯାଇଛି। ଯାହାଦ୍ୱାରା ଜଣେ ବ୍ୟକ୍ତି ନିଜେ ନିଜର ଦାନ୍ତ ସ୍କାନ କରି ଏହାର ସୁସ୍ଥତା ବିଷୟରେ ଜାଣିପାରିବେ। ଏହି ମେସିନ୍‌ଟି ଏଆଇ ଆଧାରିତ ସ୍କାନ୍‌ଓ ଏୟାର ମେସିନ୍। ଏଆଇ ଆଧାରିତ ନାବୀ ରୋବଟ ଏହି ଯାଞ୍ଚରେ ସାହାଯ୍ୟ କରିବ। ଏଥିପାଇଁ ଜଣେ ମେସିନ୍ ପାଖେ ଛିଡା ହୋଇ ନିଜର ମୋବାଇଲ ନମ୍ବର, ନାଁ, ଲିଙ୍ଗ, ବୟସ ଆଦିର ସୂଚନା ଦିଅନ୍ତି। ମେସିନ୍‌ରେ ଲାଗିଥିବା କ୍ୟାମେରା ବ୍ୟକ୍ତିଙ୍କ ଦାନ୍ତକୁ ସ୍କାନ କରି ଫଟୋ ନେଇଥାଏ। ସ୍କାନ ହୋଇଥିବା ଫଟୋ ଆଧାରରେ ଏକ୍ସରେ ରିପୋର୍ଟର ମୂଲ୍ୟାଙ୍କନ ହୁଏ। ଦୁଇ ମିନିଟ୍‌ରେ ରିପୋର୍ଟ ଦିଏ। ରିପୋର୍ଟଟି ପୀଡ଼ିତଙ୍କ ହ୍ୱାଟସଅପ୍‌କୁ ପଠାଯାଏ। ରିପୋର୍ଟ ଆଧାରରେ ଜଣେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ପାଆନ୍ତି। ଏହି ମେସିନ୍ ସାହାଯ୍ୟରେ ଦାନ୍ତଜନିତ ରୋଗ ତଥା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାରେ ଜଣାପଡ଼ିବ।

## ଶିଶୁ କର୍କଟ
### ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ଜରୁରି



**ଦୈନନ୍ଦିନ ଜୀବନଚର୍ଯ୍ୟା, ଖାଦ୍ୟପେୟଶୈଳୀ, ଶାରୀରିକ ନିଷ୍କ୍ରିୟତା, ବଂଶାନୁଗତ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। ଏହି ରୋଗ ସାଧାରଣତଃ ବୟସ୍କଙ୍କ ସହିତ ଅଧିକ ଜଡିତ । ହେଲେ ଏବେ ଶିଶୁ କର୍କଟ ବୈଶ୍ୱିକସ୍ତରରେ ଚିନ୍ତା ସୃଷ୍ଟି କରୁଛି। ଛୋଟ ପୁଅ-ଝିଅଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାର କର୍କଟ ଦେଖାଯାଉଛି। ତେଣୁ ଏହି କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।**

ଶିଶୁ କର୍କଟ ଏକ ବିରଳ ରୋଗ । ମୁଖ୍ୟତଃ ପ୍ରଦୂଷଣ, ପରିବେଶଗତ ସମସ୍ୟା, ବଂଶାନୁଗତ, ମା'ମାନେ ନିଶାସେବନ ବା ଧୂମପାନ କରିବା, ଗର୍ଭାବସ୍ଥାରେ ମାତୃସ୍ୱାସ୍ଥ୍ୟ ସଂକ୍ରମଣ ଏବଂ ନିର୍ଦ୍ଦିଷ୍ଟ ଜେନେଟିକ୍ ଅବସ୍ଥା ପରି କାରଣଗୁଡ଼ିକ ଶିଶୁ କର୍କଟର ରୋଗର ବିପଦକୁ ପ୍ରଭାବିତ କରିପାରେ।

**ପୁଅଙ୍କୁ ଲ୍ୟୁକେମିଆ ଓ ଝିଅଙ୍କୁ ୱିଲମ୍ସ ଟ୍ୟୁମରର ବିପଦ**

ପୁଅ ଓ ଝିଅଙ୍କ ମଧ୍ୟରେ କର୍କଟ ବିପଦର ସାମାନ୍ୟ ପାର୍ଥକ୍ୟ ଦେଖାଯାଏ। ସ୍ୱାସ୍ଥ୍ୟ ଗବେଷଣାରୁ ଜଣାପଡ଼ିଛି ଯେ, ପୁଅଙ୍କୁ ଲ୍ୟୁକେମିଆ, ଲିମ୍ଫୋମା, ମସ୍ତିଷ୍କ ଟ୍ୟୁମର ଏବଂ ନ୍ୟୁରୋବ୍ଲାଷ୍ଟୋମା ଭଳି କର୍କଟ ବିପଦ ଅଧିକ ଥିବାବେଳେ ଝିଅଙ୍କ କ୍ଷେତ୍ରରେ ୱିଲମ୍ସ ଟ୍ୟୁମର(ବୃକ୍କ ଟ୍ୟୁମର) ଅଧିକ ଦେଖାଯାଏ। ଏହି ଲିଙ୍ଗଗତ ପାର୍ଥକ୍ୟ ପଛରେ କାରଣକୁ ଏବେବି ବିଶେଷଜ୍ଞମାନେ ଅନୁସନ୍ଧାନ କରୁଛନ୍ତି।

**ଲକ୍ଷଣକୁ ବୁଝନ୍ତୁ:** ଶିଶୁଙ୍କଠାରେ ଲଗାତାର ଅସାଧାରଣ ଲକ୍ଷଣ ଯେପରିକି ବିନା କାରଣରେ ଓଜନ କମ୍ ହେବା, ଥକ୍କାପଣ, ଦୀର୍ଘ ସମୟ ଧରି ଜ୍ୱର ରହିବା, ଲସିକା ଗ୍ରନ୍ଥି ଫୁଲି ରହିବା, ତ୍ୱଚା ହଳଦିଆ ପଡ଼ିବା, ହାଡ଼ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେବେ ଶିଶୁ କର୍କଟର ବିପଦ ବୟସ୍କ କର୍କଟ ରୋଗ ପରି ନୁହେଁ। ଡାଉନସିଣ୍ଡ୍ରୋମ, ଏଚ୍‌ଆଇଭି, ଏପଷ୍ଟିନ୍-ବାର ଭୂତାଣୁ, କିମ୍ବା ବଂଶାନୁଗତ ସମସ୍ୟା ଥିଲେ ଗର୍ଭାବସ୍ଥା ସମୟରେ ବି ମା' ମାନେ ସ୍କ୍ରିନିଂ କରାଇ ପାରିବେ।

**କର୍କଟ ଆଶଙ୍କାକୁ କମ୍ କରିବାର ଉପାୟ:** ତେଲ ଛଣା, ରାଗ ଓ ମସଲା ଖାଦ୍ୟ ବଦଳରେ ଶିଶୁଙ୍କୁ ବିଭିନ୍ନ ପ୍ରକାର ଫଳ, ପନିପରିବାଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ମା'ମାନେ ଫୋଲିକ ଏସିଡ୍ ଯୁକ୍ତ ପ୍ରିନାଟାଲ ଭିଟାମିନ୍ ଗ୍ରହଣ କରିବା ଦ୍ୱାରା ଲ୍ୟୁକେମିଆ ଏବଂ ମସ୍ତିଷ୍କଟ୍ୟୁମର ବିପଦ ହ୍ରାସ ହୋଇଥାଏ। ପିଲାଙ୍କୁ ଖେଳକୁଦ ତଥା ଶାରୀରିକ ସକ୍ରିୟ ରହିବାକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ୍ ସମୟ କମ୍ କରିବା ସହ ଧୂଆଁ, ବାୟୁ ପ୍ରଦୂଷଣ, ଏକ୍ସରେ କିମ୍ବା ସିଟିସ୍କାନ ଭଳି ଅନାବଶ୍ୟକ ପରୀକ୍ଷା ଆଦିଠୁ ପିଲାଙ୍କୁ ଦୂରେଇ ରଖନ୍ତୁ। ଭିଟାମିନ୍ ଡି ସେବନ କର୍କଟ ଆଶଙ୍କାକୁ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।

ଶିଶୁଙ୍କୁ ହେପାଟାଇଟିସ୍ ବି (ଏଚ୍‌ବିଭି) ଏବଂ ହ୍ୟୁମାନ୍ ପାପିଲୋମା ଭୂତାଣୁ (ଏଚ୍‌ପିଭି) ପରି ଟିକାକରଣ କରିବାକୁ ଭୁଲନ୍ତୁନି। ଏହା ଯକୃତ କର୍କଟ ତଥା ଅନ୍ୟାନ୍ୟ କର୍କଟରୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଅସ୍ୱାଭାବିକ ଲକ୍ଷଣ ଦୀର୍ଘ ସମୟ ଧରି ଦେଖାଗଲେ ଶିଶୁ ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ। ନିୟମିତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପ୍ରାଥମିକ ଅବସ୍ଥାରୁ ଜଣାପଡ଼ିଥାଏ।

## ଶରୀରକୁ ସୁସ୍ଥ ରଖେ ସଜନା ପତ୍ର ଚୂର୍ଣ୍ଣ

**ଆୟୁର୍ବେଦରେ ସଜନା ପତ୍ରକୁ ସବୁଠୁ ଶକ୍ତିଶାଳୀ ଔଷଧ ଭାବେ ବିବେଚନା କରାଯାଏ। ଏହି ପତ୍ରରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ, ପ୍ରୋଟିନ୍ ଆଦି ପ୍ରଚୁରମାତ୍ରାରେ ରହିଛି। ତେଣୁ ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ଦୂର ହୋଇଥାଏ।**

- ସଜନା ପତ୍ରକୁ ଛାୟା ଶୁଷ୍କ କରି ଚୂର୍ଣ୍ଣ କରି ସେବନ କଲେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଥକ୍କାପଣ ଦୂର ହୁଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରାଏ। ଶରୀରକୁ ସୁସ୍ଥ ରଖେ।
- ସଜନା ପତ୍ରରେ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି। ଏହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ। ଜ୍ୱର, ଥଣ୍ଡା, ଅନ୍ୟାନ୍ୟ ରୋଗରୁ ମୁକ୍ତି ମିଳିଥାଏ।
- ସଜନାପତ୍ର ଚୂର୍ଣ୍ଣ ନିୟମିତ ଖାଇଲେ ମାଂସପେଶୀ ଶକ୍ତ ହୋଇଥାଏ। ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଭଲ। ଏହି ଚୂର୍ଣ୍ଣ ପାଚନକ୍ରିୟାକୁ ସକ୍ରିୟ କରି କୋଷ୍ଠକାଠିନ୍ୟ, ଗ୍ୟାସ୍ ଆଦି ଦୂର କରେ।
- ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେଇ ଏହି ଚୂର୍ଣ୍ଣକୁ ଅନୁମୋଦିତ ହାରରେ ଦୁଗ୍ଧ, ପାଣି କିମ୍ବା ଜୁସ୍‌ରେ ମିଶାଇ ସକାଳୁ ଖାଲି ପେଟରେ କିମ୍ବା ଖାଇବା ପରେ ସେବନ କରିପାରିବେ। କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶରେ ଏହାକୁ ସେବନ କରିବା ଆବଶ୍ୟକ।





# କ୍ରୀଡ଼ା



ସକାଳ
THE SAKALA
www.sakalaepaper.com

■ ମହିଳା ବିଶ୍ୱକପ୍ କ୍ରିକେଟ

## ଅଷ୍ଟ୍ରେଲିଆ ୧୦ ୱିକେଟରେ ବିଜୟୀ

ବିଶାଖାପାଟଣା,୧୬।୧୦(ଏଜେନ୍ସି): ବାଂଲାଦେଶକୁ ୧୦ ୱିକେଟରେ ପରାସ୍ତ କରି ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ପଏଣ୍ଟ ଟେବଲର ଶୀର୍ଷ ସ୍ଥାନରେ ପହଞ୍ଚିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୧୯୮ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଏହାର ଅଧା ବା ୨୪.୫ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଓପନର, ୱିକେଟ ରକ୍ଷକ ତଥା ଅଧିନାୟକ ଆଲିସା ହିଲି ୭୭ ବଲ୍‌ରେ ୨୦ ଚୌକା ସହ ୧୧୩ ଏବଂ ତାଙ୍କ ପାର୍ଟନର ଫୋଏବ୍ ଲିଚ୍‌ଫିଲ୍ଡ ୭୨ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହ ୮୪ ରନ୍‌ରେ ଅପରାଜିତ ରହିଥିଲେ। ଏମାନେ ପ୍ରଥମ ୱିକେଟ ଭାଗୀଦାରିରୁ ୨୦୨ ରନ୍ ଉଠାଇଥିଲେ। ଏହି ବିଜୟ ଫଳରେ ଅଷ୍ଟ୍ରେଲିଆ ୫ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ୯ ପଏଣ୍ଟ ସଂଗ୍ରହ କରି ଟେବଲର ଶୀର୍ଷସ୍ଥାନରେ ରହିଛି। ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ୧୦ ୱିକେଟରେ ଜିତିଥିଲେ ମଧ୍ୟ ବାଂଲାଦେଶ ଇନିଂସରେ ୧୦ ଓଭର ବୋଲିଂ କରି ମାତ୍ର ୧୮ ରନ୍ ଦେଇ ୨ଟି ୱିକେଟ ନେଇଥିବା ଆଲାନ କିଙ୍ଗଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପୂର୍ବରୁ ବାଂଲାଦେଶ ଇନିଂସରେ ଶୋଭନା ମୋସ୍ତାରି ଅପରାଜିତ ୬୬ ଓ ରୁବେୟା ହାଇଦର ୪୪ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଶ୍‌ଲେ ଗାର୍ଡନର, ଆନାବେଲ ସଦରଲାଣ୍ଡ, କିଙ୍ଗ୍ ଓ ଜର୍ଜିଆ ୱେରହାମ୍ ୨ଟି ଲେଖାଏଁ ୱିକେଟ ନେଇ ବାଂଲା ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଇଥିଲେ।



| ଆଜିର ମ୍ୟାଚ୍ |
| --- |
| ଦକ୍ଷିଣ ଆଫ୍ରିକା-ଶ୍ରୀଲଙ୍କା |
| ସ୍ଥାନ- କଲମ୍ବୋ |
| ଖେଳ ଆରମ୍ଭ- ଅପରାହ୍ଣ ୩ଟା |
| ପ୍ରସାରଣ- ଷ୍ଟାରସ୍ପୋର୍ଟ୍ସ |

## ସାଫ୍ ଆଥଲେଟିକ୍ସରେ ଭାଗନେବେ ପ୍ରତୀକ, ସରୁନ

ଭୁବନେଶ୍ୱର,୧୬।୧୦(ସମିସ): ଝାଡଖଣ୍ଡର ରାଞ୍ଚିରେ ଦକ୍ଷିଣ ଏସିଆ ବରିଷ୍ଠ ଆଥଲେଟିକ୍ସ ଚାମ୍ପିଅନସିପ୍ ଆସନ୍ତା ୨୪ରୁ ୨୬ ଯାଏ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓଡ଼ିଶାର ପ୍ରତୀକ ମହାରଣା ଓ ସରୁନ ପାୟସିଂ। ଜାତୀୟ ଜୁନିଅର ଗୋଲ୍ଡ ମେଡାଲିଷ୍ଟ ପ୍ରତୀକ ୨୦୦ ମିଟର, ୪ଗୁଣା୧୦୦ ମିଟର ରିଲେ ଦୌଡ଼ରେ ଭାଗନେବେ। ସରୁନ କେବଳ ଲଙ୍ଗ ଜମ୍ପରେ ଡେଇଁବେ। ଏମାନଙ୍କ ବ୍ୟତୀତ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ ପ୍ରବୋଧ ମହାନ୍ତି ମଧ୍ୟ ଟେକ୍ନିକାଲ ଅଫିଆଲ ଭାବେ ମନୋନୀତ ହୋଇଛନ୍ତି।

■ ସିକେ ନାଇଡୁ ଟ୍ରଫି

## ଓଡ଼ିଶା ୧୫୯ ରନରେ ଅଲଆଉଟ୍

କଟକ,୧୬।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫି ଗୁରୁବାର ଠାରୁ ଆରମ୍ଭ ହୋଇଛି। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ହାଇଦ୍ରାବାଦକୁ ଭେଟିଛି ଓଡ଼ିଶା ଦଳ। ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୯ରନରେ ଅଲଆଉଟ ହୋଇଛି। ଜବାବରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ରନ ସଂଗ୍ରହ କରିଛି। ଓଡ଼ିଶା ଅଧିନାୟକ ସାଇଦୀପ ମହାପାତ୍ର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୨୦ରନରେ ପ୍ରଥମ ୱିକେଟ ହରାଇଥିବା ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ ଭୁଷୁଡ଼ି ପଡ଼ିଥିଲା। ଓପନର ପାନକଲ ଶଶାଙ୍କ ସର୍ବାଧିକ ୩୭ରନ କରିଥିଲେ। ହାଇଦ୍ରାବାଦର ଏମ ଶଶାଙ୍କ ଓ ପ୍ରଣବ ବର୍ମା ୪ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ନିଜସ୍ୱ ଗ୍ରାଉଣ୍ଡରେ ଓଡ଼ିଶାକୁ କଡା ଜବାବ ଦେବାରେ ହାଇଦ୍ରାବାଦ ସଫଳ ହୋଇଛି। ଅମନ ରାଓ ୫୫ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଅଛନ୍ତି। ଓଡ଼ିଶାର ଆୟୁଷ ବାରିକ ୨ଟି ୱିକେଟ ଦଖଲ କରିଛନ୍ତି।

### ୩ ଦିନିକିଆ ଓ ୫ ଟି-୨୦ ଅନ୍ତର୍ଜାତୀୟ ମୁକାବିଲା

# ୧୯ରୁ ଭାରତର ଅଷ୍ଟ୍ରେଲିଆ ଅଭିଯାନ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):

ଅନ୍ତର୍ଜାତୀୟ କ୍ରିକେଟରେ ଅଷ୍ଟ୍ରେଲିଆ ଏବେ ଭାରତର ନୂଆ ପ୍ରତିଦ୍ୱନ୍ଦ୍ୱୀ। ଏକଦା ଅଷ୍ଟ୍ରେଲିଆକୁ ହରାଇବା ଭାରତ ଲାଗି କଷ୍ଟକର ହେଉଥିଲାବେଳେ ଏବେ ସ୍ଥିତି ଭିନ୍ନ ହୋଇଛି। ଅଷ୍ଟ୍ରେଲିଆ ମାଟିରେ ମଧ୍ୟ ଭାରତ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛି। ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ସିରିଜ୍‌ରେ ଅଷ୍ଟ୍ରେଲିଆର ବିଜୟ ପ୍ରତିଶତକୁ ପ୍ରତିହତ କରିବାରେ ଭାରତ ସମର୍ଥ ହୋଇ ନ ଥିଲେ ମଧ୍ୟ ଲଢୁଆ ଖେଳ ପ୍ରଦର୍ଶନ କରି ବେଶ ଲୋକପ୍ରିୟତା ହାସଲ କରିଛି। ଟେଷ୍ଟ ଓ ଟି-୨୦ ଫର୍ମାଟରେ ଉଭୟଙ୍କ ମଧ୍ୟରେ ଅଧିକ କଡ଼ା ମୁକାବିଲା ହୋଇଛି। ମୋଟାମୋଟି କହିବାକୁ ଗଲେ ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଖେଳରେ ଏବେ ନୂଆ ପ୍ରତିଦ୍ୱନ୍ଦ୍ୱୀ ସାଜିଛନ୍ତି। ଦିନିକିଆ ବିଶ୍ୱକପ୍ ଫାଇନାଲ ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମଥର ଆସନ୍ତା ୧୯ରୁ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଏହା ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ମଧ୍ୟ ଖେଳାଯିବ। ଏଥିଲାଗି ଉଭୟ ଦଳ ପ୍ରସ୍ତୁତି ଶେଷ କରିଥିଲେ ମଧ୍ୟ ଆହତ ସମସ୍ୟା ଯୋଗୁଁ ଅଷ୍ଟ୍ରେଲିଆର ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଏହି ସିରିଜ୍‌ରେ ଖେଳିବେ ନାହିଁ। ମିଚେଲ ମାର୍ଶ ଦଳର ନେତୃତ୍ୱ ନେବେ। ଉଭୟ ଦେଶ ମଧ୍ୟରେ ନେତୃତ୍ୱ କିଏ ନେଉଛି, କିଏ ଉପସ୍ଥିତ ବା ଅନୁପସ୍ଥିତ ରହୁଛି ତାହା ବଡ଼ କଥା ନୁହେଁ, ପଡ଼ିଆରେ କିଏ କେତେ ସଫଳ ହେଉଛି ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ବିଶ୍ୱର ସବୁଠାରୁ ଅଭିଜ୍ଞ ଦୁଇ ଖେଳାଳି ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ସମ୍ଭବତଃ ଶେଷଥର ଲାଗି ଅଷ୍ଟ୍ରେଲିଆରେ ଖେଳିବେ। ଉଭୟ ଖେଳାଳି ଟେଷ୍ଟ ଓ ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ଏଣୁ ଏହି ସିରିଜ୍ ଉଭୟଙ୍କ ଲାଗି ଅଷ୍ଟ୍ରେଲିଆରେ ଶେଷ ସିରିଜ୍ ହେବ ଓ ଉଭୟ ଭାରତୀୟ ଦଳରେ ରହିବେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହେବ। ସମସ୍ତ ଦୃଷ୍ଟି କୋଣରୁ ତର୍ଜମା କଲେ ଏହି ସିରିଜ୍ ଅଷ୍ଟ୍ରେଲିଆ ଅପେକ୍ଷା ଭାରତ ଲାଗି ବେଶ ମହତ୍ତ୍ୱ ରଖୁଛି। ରୋହିତ ଶର୍ମାଙ୍କ ସ୍ଥାନରେ ଶୁବମନ ଗିଲ୍ ଏବେ ଭାରତର ଉଭୟ ଟେଷ୍ଟ ଓ ଦିନିକିଆ ଅଧିନାୟକ ଦାୟିତ୍ୱରେ ରହିଛନ୍ତି।

ଚଳିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଅଷ୍ଟ୍ରେଲିଆରେ ଖେଳାଯିବ। ଏହି ସିରିଜ୍‌ର ପ୍ରଥମ ମୁକାବିଲା ପର୍ଥର ଫାଷ୍ଟ ପିଚ୍‌ରେ ଅକ୍ଟୋବର ୧୯ ତାରିଖ ବା ଆସନ୍ତା ରବିବାର ଖେଳାଯିବ। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆରେ ପହଞ୍ଚିସାରିଛି। ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ପରେ ଲଢ଼େଇ ଲାଗି ପ୍ରସ୍ତୁତ ହେବ। ଅଷ୍ଟ୍ରେଲିଆରେ ଭାରତ ଶେଷଥର ୨୦୧୮-୧୯ରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତିଥିଲା। ଏହା ପରେ ଆଉ ଗୋଟିଏ ସିରିଜ୍ ଖେଳାଯାଇଛି ଓ ଏହାକୁ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏବେ ନୂଆ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ଅଷ୍ଟ୍ରେଲିଆର ମୁକାବିଲା କରିବାକୁ ଯାଉଛି। ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଥିବା ପ୍ରାୟ ସମସ୍ତ ଖେଳାଳି ଆଇପିଏଲ୍‌ରେ ଖେଳିଛନ୍ତି। ଏଣୁ ଉଭୟ ଦଳର ଖେଳାଳିମାନେ ପରସ୍ପର ଖେଳ ଓ ରଣନୀତି ସମ୍ପର୍କରେ ବେଶ ଅବଗତ ଅଛନ୍ତି। ଏଣୁ ପିଚ୍ ଓ ପରିବେଶକୁ ଭାରତୀୟ ଦଳ କିପରି ଖାପ୍ ଖୁଆଇବ ତାହା ଉପରେ ଖେଳର ସ୍ଥିତି ନିର୍ଭର କରୁଛି। ଶେଷଥର ଉଭୟଙ୍କ ମଧ୍ୟରେ ଏକ ସିରିଜ୍ ୨୦୨୩-୨୪ ସିଜନରେ ଭାରତରେ ଖେଳାଯାଇଥିଲା। ଘରୋଇ ମାଟିରେ ଭାରତ ଏହାକୁ ଜିତିବାରେ ସମର୍ଥ ହୋଇଥିଲା। ଏବେ ନୂଆ ଖେଳାଳି ଓ ନୂଆ ନେତୃତ୍ୱରେ ଏକ ଭିନ୍ନ ଲଢ଼େଇ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ରୋହିତ, କୋହଲି ଓ ଗିଲ୍‌ଙ୍କ ଉପରେ ନଜର:** ଚାମ୍ପିଅନ୍ସ ଟ୍ରଫି ପରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କର ଏହା ପ୍ରଥମ ପ୍ରତିଯୋଗିତାମୂଳକ କ୍ରିକେଟ ହେବ। ଏହି ଦୁଇ ଖେଳାଳି ଏବେ କେବଳ ଦିନିକିଆ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଛନ୍ତି। ଦିନିକିଆ ବିଶ୍ୱକପ୍ ୨୦୨୭ରେ ଖେଳାଯିବ। ଏହା ମଧ୍ୟରେ ଟିମ୍ ସଜାଡିନେବାକୁ ସମସ୍ତ ଉଦ୍ୟମ କରିବ ଟିମ୍ ଇଣ୍ଡିଆ। ରୋହିତ ଓ କୋହଲିଙ୍କ ନେଇ ଭାରତ ବିଶ୍ୱକପ୍ ଖେଳିବ କିମ୍ବା ସେମାନଙ୍କୁ ବାଦ୍ ଦେବ ତାହାର ପୂର୍ବାନୁମାନ କରିବା କଷ୍ଟକର। କିନ୍ତୁ ଏହି ସିରିଜ୍‌ରୁ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଶ୍ଚିତ କିଛି ସ୍ପଷ୍ଟ ସୂଚନା ମିଳିବ। ସେହିପରି ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତ ଦିନିକିଆ ସିରିଜ୍ ଖେଳିବାକୁ ଯାଉଛି। ଇଂଲଣ୍ଡରେ ଟେଷ୍ଟ ଦଳର ନେତୃତ୍ୱ ନେଇ ଗିଲ ଉଭୟ ବ୍ୟାଟିଂ ଓ ନେତୃତ୍ୱରେ ବେଶ ସଫଳତା ଲାଭ କରିଥିଲେ। ଏବେ ଆଉ ଏକ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି ଗିଲ୍। ଏଣୁ ଏହି ସିରିଜ୍‌ରେ ଭାରତର ୩ ତାରକା ଖେଳାଳିଙ୍କ ଉପରେ ନିଶ୍ଚିତ ନଜର ରହିବ।



| ଖେଳ ଆରମ୍ଭ (ଭାରତୀୟ ସମୟ) |
| --- |
| ଦିନିକିଆ : ସକାଳ ୯ଟା |
| ଟି-୨୦ : ଅପରାହ୍ଣ ୧ଟା ୪୫ ମିନିଟ୍ |
| ପ୍ରସାରଣ |
| ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର |

**ଖେଳ ସୂଚୀ- ଦିନିକିଆ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
| --- | --- | --- |
| ୧୯।୧୦ | ପ୍ରଥମ ଦିନିକିଆ | ପର୍ଥ |
| ୨୩।୧୦ | ଦ୍ୱିତୀୟ ଦିନିକିଆ | ଆଡିଲେଡ୍ |
| ୨୫।୧୦ | ତୃତୀୟ ଦିନିକିଆ | ସିଡନୀ |

**ଖେଳ ସୂଚୀ- ଟି-୨୦ ଅନ୍ତର୍ଜାତୀୟ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
| --- | --- | --- |
| ୨୯।୧୦ | ପ୍ରଥମ ଟି-୨୦ | କାନବେରା |
| ୩୧।୧୦ | ଦ୍ୱିତୀୟ ଟି-୨୦ | ମେଲବୋର୍ଣ୍ଣ |
| ୨।୧୧ | ତୃତୀୟ ଟି-୨୦ | ହୋବାର୍ଟ |
| ୬।୧୧ | ଚତୁର୍ଥ ଟି-୨୦ | ଗୋଲ୍ଡ କୋଷ୍ଟ |
| ୮।୧୧ | ପଞ୍ଚମ ଟି-୨୦ | ବ୍ରିସ୍‌ବେନ୍ |

**ଭାରତର ଖେଳାଳି ଦଳ**

**ଦିନିକିଆ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା।

**ଟି-୨୦ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଅଭିଷେକ ଶର୍ମା, ତିଲକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ରିଙ୍କୁ ସିଂ, ଜିତେଶ ଶର୍ମା (ୱିକେଟରକ୍ଷକ), ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

## ଭାଇଙ୍କୁ ଗୁରୁଗ୍ରାମ ସମ୍ପତ୍ତି ହସ୍ତାନ୍ତର କଲେ କୋହଲି


ଗୁରୁଗ୍ରାମ୍, ୧୬।୧୦ (ଏଜେନ୍ସି): ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଗୁରଗ୍ରାମରେ ଥିବା ତାଙ୍କ ସମ୍ପତ୍ତି ଭାଇ ବିକାଶଙ୍କୁ ହସ୍ତାନ୍ତର କରିଛନ୍ତି। ସେ ବିକାଶଙ୍କ ନାମରେ ସବୁ ସମ୍ପତ୍ତି ଲେଖିଛନ୍ତି ଓ ପାୱାର ଅଫ୍ ଆଟର୍ଣ୍ଣି ଭାଇଙ୍କ ନାଁରେ କରିଛନ୍ତି। ଏଥିପାଇଁ ସେ ମଙ୍ଗଳବାର ଗୁରୁଗ୍ରାମ୍‌ର ୱଜିରାବାଦ୍ ତହସିଲ ଅଫିସ୍‌ରେ ପହଞ୍ଚିଥିଲେ। ସେ ତହସିଲ୍‌ରେ ଏକ ଘଣ୍ଟା ରହିଥିଲେ ଓ ଉପସ୍ଥିତ ସବୁ କର୍ମଚାରୀଙ୍କ ସହ ଫଟୋ ଉଠାଇଥିଲେ। ଏହାପରେ ସେ ଦିଲ୍ଲୀ ବିମାନବନ୍ଦରରୁ ଅଷ୍ଟ୍ରେଲିଆ ଗସ୍ତ କରିଥିଲେ। କୋହଲି ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମା ଓ ପୁଅ-ଝିଅଙ୍କ ସହ ସହ ଲଣ୍ଡନରେ ଅବସ୍ଥାନ କରୁଛନ୍ତି। ସେ ଭାରତରେ କମ୍ ସମୟ ରହୁଛନ୍ତି। ସେଥିପାଇଁ ସେ ତାଙ୍କ ସମ୍ପତ୍ତିକୁ ଭାଇ ନାଁରେ କରିଛନ୍ତି। ଗୁରୁଗ୍ରାମ୍‌ରେ ଡିଏଲ୍‌ଏଫ୍ ସିଟିରେ କୋହଲିଙ୍କ ଏକ ଘର ଓ ଫ୍ଲାଟ ରହିଛି। ଉଲ୍ଲେଖଥାଉ କି, କୋହଲି ଟି-୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। ସେ ୧୯ରୁ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ସିରିଜ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି।



## ଅଭିଷେକ, ମନ୍ଧାନା ସେପ୍ଟେମ୍ବରର ଶ୍ରେଷ୍ଠ ଆଇସିସି କ୍ରିକେଟର

ଦୁବାଇ, ୧୬।୧୦ (ଏଜେନ୍ସି): ଭାରତୀୟ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ସେପ୍ଟେମ୍ବର ମାସର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଗତମାସରେ ୟୁଏଇରେ ଅନୁଷ୍ଠିତ ଟି-୨୦ ଏସିଆକପ୍‌ରେ ସେ ଭାରତ ପାଇଁ ଇନିଂସ ଓପନ କରି ଧୂଆଁଧାର ବ୍ୟାଟିଂ କରିବା ସହ ୭ରୁ ୬ଟି ମ୍ୟାଚ୍‌ରେ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ମୋଟ୍ ୩୧୪ ରନ ସଂଗ୍ରହ କରି ଏହି ପୁରସ୍କାର ହାସଲ କରିଛନ୍ତି। ଏହିକ୍ରମରେ ଅଭିଷେକ ନିଜର ଦେଶର ତାରକା ସ୍ପିନର କୁଲଦୀପ ଯାଦବ ଓ ଜିମ୍ବାୱେରେ ଓପନିଂ ବ୍ୟାଟର ବ୍ରାଏନ ବେନେଟଙ୍କୁ ପଛରେ ପକାଇଛନ୍ତି। କୁଲଦୀପ ଏସିଆକପ୍‌ରେ ୧୭ଟି ୱିକେଟ ଅକ୍ତିଆର କରି ଭାରତକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଏସିଆକପ୍‌ରେ ଅଭିଷେକ ୭ଟି ମ୍ୟାଚ୍ ଖେଳିଥିଲେ। ସେ ୨୦୦ ଷ୍ଟ୍ରାଇକ୍‌ରେଟ୍ ୬ଟି ମ୍ୟାଚ୍‌ରେ ୩୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲେ। ସେ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସୁପର-୪ ପର୍ଯ୍ୟାୟରେ ସେ ପାକିସ୍ତାନ ବିପକ୍ଷରେ ୭୪ ଓ ବାଂଲାଦେଶ ବିପକ୍ଷରେ ୭୫ ରନର ଇନିଂସ ଖେଳିଥିଲେ। ଅନ୍ୟପଟେ ମହିଳା କ୍ରିକେଟରେ ଭରତୀୟ ବାହହାତୀ ବ୍ୟାଟର ସ୍ମୃତି ମନ୍ଧାନା ମଧ୍ୟ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସେ ପାକିସ୍ତାନର ସିଦ୍ରା ଅମିନ ଓ ଦକ୍ଷିଣ ଆଫ୍ରିକାର ତାଜମିନ ବ୍ରିଟ୍‌ଜଙ୍କୁ ପଛରେ ପକାଇ ସେପ୍ଟେମ୍ବର ଶ୍ରେଷ୍ଠ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି। ମନ୍ଧାନା ଅଷ୍ଟ୍ରେଲିଆ ବିପକ୍ଷରେ ୩ଟି ଦିନିକିଆ ମ୍ୟାଚ୍ ଖେଳି ୨ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ଗତମାସରେ ସେ ୪ଟି ଦିନିକିଆ ଖେଳି ୭୭ ହାରରେ ୩୦୮ ରନ ସଂଗ୍ରହ କରିଥିଲେ।





## ୨୫ରୁ ମହିଳା କାୟାକିଂ ଓ କାନୋଇଂ ଲିଗ୍

କଟକ, ୧୬।୧୦ (ସମିସ): ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଆସନ୍ତା ୨୫ରୁ ଖେଲୋ ଇଣ୍ଡିଆ ମହିଳା କାୟାକିଂ ଓ କାନୋଇଂ ଲିଗ୍ ଆରମ୍ଭ ହେବ। କେବଳ ମହିଳା ପ୍ରତିଯୋଗୀଙ୍କୁ ନେଇ ହେବାକୁ ଥିବା ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ। ସମସ୍ତ ବୟସ ବର୍ଗର ଖେଳାଳି ଏଥିରେ ଅଂଶ ଗ୍ରହଣ କରିବେ। ଏପରିକି ଓଡ଼ିଶାରେ ଚାକିରି କରିଥିବା ଅନ୍ୟ ରାଜ୍ୟର ଜଳକ୍ରୀଡ଼ାବିତ୍ ମାନେ ମଧ୍ୟ ଭାଗ ନେଇ ପାରିବେ। ରାଜ୍ୟ ସଂଘର ସମସ୍ତ ଅନୁବନ୍ଧିତ ୟୁନିଟକୁ ଏ ବାବଦରେ ସୂଚନା ଦିଆଯାଇଛି। ଏଭଳି ଲିଗ୍ ଆୟୋଜନ ଦ୍ୱାରା ଓଡ଼ିଶାରୁ କାୟାକିଂ ଓ କାନୋଇଂ ପ୍ରତିଭା ଚିହ୍ନଟ ହେବେ ବୋଲି ରାଜ୍ୟ ସଂଘ ସମ୍ପାଦକ ବିପିନ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

**ବାରବାଟୀ ରଣଜୀ**

## ରାଜେଶ ଧୂପର୍ ଶତକରୁ ବଞ୍ଚିତ

କଟକ,୧୬।୧୦(ସମିସ):

ବାରବାଟୀ ଷ୍ଟାଡିୟମର ଘରୋଇ ପରିବେଶରେ ବରୋଦାକୁ ଟକ୍କର ଦେବାରେ ଓଡ଼ିଶା ବିଫଳ ହୋଇଛି। ଓଡ଼ିଶାର ପାଳି ୨୭୧ରନରେ ସୀମିତ ରହିବା ପରେ ବରୋଦା ୨ ୱିକେଟ ହରାଇ ୧୨୭ରନ କରିଛି। ଓପନର ଶିବାଲିକ ଶର୍ମା ୭୫ରନରେ ଅପରାଜିତ ରହିଛନ୍ତି। ହାତରେ ୮ ୱିକେଟ ବାକି ରଖି ୧୪୪ରନରେ ପଛୁଆ ଥିବା ବରୋଦା ଏଠାରେ ଇନିଂସ ଅଗ୍ରଣୀ ଦିଗରେ ଅଗ୍ରସର ହେଉଛି। ଶୁକ୍ରବାର ଖେଳର ୩ୟ ଦିବସ। ବରୋଦାର ପ୍ରଥମ ଇନିଂସକୁ ଯଥାଶୀଘ୍ର ସମାପ୍ତ କରିବାକୁ ଓଡ଼ିଶା ଲକ୍ଷ୍ୟ ରଖିବ। ଓଡ଼ିଶାର ବୋଲିଂ ଆଗରେ ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳି ବରୋଦା ପ୍ରଥମ ଇନିଂସ ଅଗ୍ରଣୀ ଲକ୍ଷ୍ୟରେ ରହିଛି। ଓଡ଼ିଶା ଇନିଂସରେ ରାଜେଶ ଧୂପର ସର୍ବାଧିକ ୯୪ ରନ୍‌ରେ ଆଉଟ ହୋଇଥିଲାବେଳେ ମାତ୍ର ୬ ରନ୍ ଲାଗି ଶତକରୁ ବଞ୍ଚିତ ହୋଇଛନ୍ତି।

**ଓଡ଼ିଶା ୨୭୧/୧୦; ବରୋଦା ୧୨୭/୨**



ଓଡ଼ିଶାର ଅସମାପ୍ତ ପ୍ରଥମ ଇନିଂସ ୨୦୫/୫ରୁ ଗୁରୁବାର ଖେଳ ଆରମ୍ଭ ହୋଇଥିଲା। ୭୬ରନରେ ଅପରାଜିତ ଥିବା ରାଜେଶ ଧୂପରଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ୱିକେଟକିପର ଆଶୀର୍ବାଦ ସ୍ୱାଇଁ। ଉଭୟଙ୍କ ଭିତରେ ୪୫ରନର ଭାଗିଦାରୀ ସୃଷ୍ଟି ହୋଇଥିଲା। ତେବେ ୯୪ରନରେ ପହଞ୍ଚିଥିବା ରାଜେଶଙ୍କୁ ଏଲବିଡବ୍ଲ୍ୟୁ କରି ଅତୀତ ସେଠ୍ ଓଡ଼ିଶାକୁ ବଡ ଝଟ୍‌କା ଦେଇଥିଲେ। ୨୫୨ବଲ ସମ୍ମୁଖୀନ ହୋଇ ୭ଟି ଚୌକା ଓ ୨ଟି ଛକା ବଳରେ ରାଜେଶ ଏହି ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଦଳୀୟ ସ୍କୋରରେ ଆଉ ୩ରନ୍ ଯୋଡ଼ି ହେବା ପରେ ଆଶୀର୍ବାଦ (୨୨ରନ) ପ୍ୟାଭିଲିୟନ ଫେରିଥିଲେ। ରାଜେଶ ମହାନ୍ତି ୮ରନ, ସୁନୀଲ ରାଉଳ ୯ରନ, ସୁମିତ ଶର୍ମା ଶୂନରେ ଆଉଟ ହେବା ସହ ଓଡ଼ିଶା ପାଳିର ପରିସମାପ୍ତି ଘଟିଥିଲା। ବରୋଦାର ଅତୀତ ୪ଟି ୱିକେଟ ହାସଲ କରିଥିବା ବେଳେ ରସିକ ସଲାମ ୩ଟି ଓ ଭାର୍ଗବ ଭଟ୍ଟ ୨ଟି ୱିକେଟ ଅକ୍ତିଆର କରିଛନ୍ତି। ରସିକ୍ ଓଡ଼ିଶାର ଶେଷ ୩ଟି ୱିକେଟ ନେବାରେ ସଫଳ ହୋଇଥିଲେ। ଜ୍ୟୋସ୍ନିଲ ସିଂହ ଓ ଶିବାଲିକ ଶର୍ମା ଓପନିଂ ଭାଗିଦାରୀରେ ୩୭ରନ ସଂଗ୍ରହ କରିଥିଲେ। ଅତ୍ୟନ୍ତ ଧୀମା ଗତିରେ ଖେଳୁଥିବା ଜ୍ୟୋସ୍ନିଲ ୧୨ରନ କରିଥିବା ବେଳେ ରନଆଉଟ ହୋଇ କ୍ରିଜ ଛାଡ଼ିଥିଲେ। ପରେ କ୍ରିଜକୁ ଆସିଥିବା ଶାଶ୍ୱତ ରାଉତ ଗୋବିନ୍ଦ ପୋଦ୍ଦାରଙ୍କ ସ୍ପିନ ଜାଲରେ ଫସିଥିଲେ। ମାତ୍ର ୮ରନରେ ସେ ୱିକେଟକିପର ଆଶୀର୍ବାଦଙ୍କ ହାତରେ ଧରା ପଡ଼ିଥିଲେ। ୫୧ରନରେ ପ୍ରଥମ ଦୁଇ ୱିକେଟ ହରାଇଥିବା ବରୋଦା ଦଳ ଓଡ଼ିଶା ବୋଲରଙ୍କୁ ଆଉ ସୁଯୋଗ ନଦେଇ ଦଳୀୟ ସ୍କୋରକୁ ୧୨୭ରେ ପହଞ୍ଚାଇଛି। ଶିବାଲିକ ୭୫ରନ ଏବଂ ସୁକୀର୍ତ୍ତି ପାଣ୍ଡେ ୩୨ରନରେ ଅପରାଜିତ ଅଛନ୍ତି। ଶିବାଲିକ୍ ଏହି ସ୍କୋର କରିବାକୁ ୧୬୬ଟି ଓ ସୁକୀର୍ତ୍ତି ୧୧୪ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଉଭୟ ଗୋଟିଏ ଲେଖାଏଁ ଛକା ମାରିଥିଲାବେଳେ ଶିବାଲିକ ୬ଟି ଓ ସୁକୀର୍ତ୍ତି ତାଙ୍କ ଇନିଂସରେ ୩ଟି ଚୌକା ମାରିଥିଲେ। ଓଡ଼ିଶାର ପ୍ରମୁଖ ବୋଲର ରାଜେଶ ମହାନ୍ତି, ସୁନୀଲ ରାଉଳ, ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କ ୱିକେଟ ଖାତା ଖାଲି ରହିଛି। କାମଚଳା ସ୍ପିନର ଗୋବିନ୍ଦ ପୋଦ୍ଦାରଙ୍କୁ ଗୋଟିଏ ୱିକେଟ ମିଳିଛି। ଜ୍ୟୋସ୍ନିଲ ରନ୍ ଆଉଟ୍ ହୋଇଥିଲେ।

**ୟୁନିଲାଇଟ୍ କପ୍**

## ସେମିରେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍

ଭୁବନେଶ୍ୱର, ୧୬।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡିଆରେ ଚାଲିଥିବା ୟୁନିଲାଇଟ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡିଏମ୍ ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମୁକାବିଲାରେ ଓଡିଏମ୍ ୬-୫ ଟାଇବ୍ରେକର ଗୋଲରେ ଗଣ୍ଡରପୁରର ଅରବିନ୍ଦ ହାଇସ୍କୁଲକୁ ପରାସ୍ତକରି ସେମିକୁ ଉଠିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଗଣ୍ଡରପୁରର ଓମ୍ ସାଇ ସତ୍ୟଜିତ ଦଳାଇ ପେନାଲ୍ଟି ଜରିଆରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଗ୍ଲୋବାଲର ଆୟୁଷ ଖୋଗେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚ୍ ଅମୀମାଂସିତ ରହିବା ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଅତିଥି ଭାବେ ରାଜକମଲ ମଣ୍ଡଳ ଓ ଅରୁଣ କୁମାର ବଳିୟାରସିଂ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗଣ୍ଡରପୁର ଗୋଲରକ୍ଷକ ସତ୍ୟଜିତ ପଡିହାରୀଙ୍କୁ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ନବରଞ୍ଜନ ପଟ୍ଟନାୟକ, ଆଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ରାଜୁ ମହାନ୍ତି, ସରୋଜ ମହାରଣା, ଶେଖାଓତ ଖାନ୍, ଅମିତ ନାୟକ ଖେଳ ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ଟି ମୋହନରାଓ ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁକ୍ରବାର ଗ୍ଲୋବାଲ ହାଇସ୍କୁଲ ପଟିଆ ଓ ଜଟଣୀ ସରକାରୀ ସ୍କୁଲ ପରସ୍ପରକୁ ଭେଟିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS